ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 9/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 134 | ମୂଲ୍ୟ ₹୭/-



**'ରେଡ୍ ୨': ରିତେଶ, ଅଜୟ ଟକ୍କର**
ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି।
୦୨

୧୪
**ପ୍ରିୟାଂଶଙ୍କ ଶତକ**
ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଶତକ ହାସଲ କରିଛନ୍ତି ପଞ୍ଜାବ କିଙ୍ଗ୍ସର ପ୍ରିୟାଂଶ ଆର୍ଯ୍ୟ।






## ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ

କଟକ,୮।୪(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଖାତାଦେଖା କାର୍ଯ୍ୟ ଶେଷ ହେବାକୁ ଆଉ ୨ ଦିନ ସମୟ ଲାଗିବ। ପରେ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ଆସନ୍ତା ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ। ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ମଙ୍ଗଳବାର ସୂଚନା ଦେଇଛନ୍ତି। ସେହିପରି ବିଜ୍ଞାନ ବିଷୟରେ ୪ ମାର୍କ ପ୍ରଶ୍ନ କମ୍ ଥିବା ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କଦିଆଯିବା ସମ୍ପର୍କରେ ଖୁବ୍‌ଶୀଘ୍ର ବୋର୍ଡର ପରୀକ୍ଷା ପରିଚାଳନା ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ତରାଇ କହିଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୧୯ ତାରିଖରୁ ମାଟ୍ରିକ୍ ଖାତା ଦେଖା ଆରମ୍ଭ ହୋଇଛି। ରାଜ୍ୟର ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଛି। ମୋଟ୍ ୧୧,୮୦୦ ଜଣ ପରୀକ୍ଷକ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥାରେ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ଦେଖାଯାଉଛି। ମାଟ୍ରିକ୍ ପରୀକ୍ଷା ଖାତାଦେଖା ପାଇଁ ୪୭ଟି ମୂଲ୍ୟାୟନ କେନ୍ଦ୍ର ହୋଇଥିବାବେଳେ ୨ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨ଟି କେନ୍ଦ୍ରରେ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ ହେଉଛି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖାତା ଦେଖା ହେଉଛି। ବିଭିନ୍ନ ଜିଲାରେ ଜିଲା ଶିକ୍ଷାଧିକାରୀ ମୂଲ୍ୟାୟନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ବଦଳୁ ବ୍ୟବସ୍ଥା



କେନ୍ଦ୍ରୀୟ ଫିଲିପାଇନ୍ସସ୍ଥିତ କାନ୍‌ଲାଓନ୍ ଆଗ୍ନେୟଗିରି ମଙ୍ଗଳବାର ଉଦ୍‌ଗିରଣ ହୋଇଛି। ଏହାର ପ୍ରଭାବରେ ଆକାଶ ୪ କି.ମି. ଉଚ୍ଚତା ପର୍ଯ୍ୟନ୍ତ ପାଉଁଶରେ ଆଚ୍ଛାଦିତ ହୋଇଯାଇଛି।

## ମୂଳ ଲକ୍ଷ୍ୟ କଂଗ୍ରେସକୁ ନ ଯାଆନ୍ତୁ

ଭୁବନେଶ୍ୱର,୮।୪(ସୁନିତ୍ ମିଶ୍ର)

କେନ୍ଦ୍ରୀୟ ଭାଜପା ନେତୃତ୍ୱ ବୁଝିସାରିଲେଣି ନବୀନ-ପାଣ୍ଡିଆନ ବର୍ତ୍ତମାନ ଏକଘରିକିଆ ହୋଇଗଲେଣି। ତୃଣମୂଳସ୍ତର କର୍ମୀ ଆଉ ତାଙ୍କ ଉପରେ ଭରସା ରଖୁନାହାନ୍ତି କି ସେମାନଙ୍କ ପାଖରେ ରହିବେ ନାହିଁ। ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷୀୟ ବିଜେଡି ସରକାରର ବିପର୍ଯ୍ୟୟ ହେଲା। ଏହାପରେ ମଧ୍ୟ କେନ୍ଦ୍ର ଭାଜପା ବିଜେଡି ସବଳ ରହୁ ବୋଲି ଚାହୁଁଥିଲା। ଓଡ଼ିଶାରେ କଂଗ୍ରେସର ଯେପରି ଉତ୍ଥାନ ନ ହେବ ସେଥିଲାଗି ବିଜେଡିକୁ ସବଳ ରଖିବା ଭାଜପା ଶୀର୍ଷ ନେତୃତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିଲାଗି ରାଜ୍ୟରେ ଭାଜପା ସରକାରକୁ ୧୦ ମାସ ପୂରିବା ସତ୍ତ୍ୱେ ବିଜେଡିର ଦୁର୍ନୀତି ବିରୋଧରେ ସେଭଳି କୌଣସି ତଦନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ହେଲେ ପ୍ରଥମେ ଗତ ବିଧାନସଭା ଅଧିବେଶନ ସମୟରେ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ସରକାର ବିରୋଧରେ ମାତ୍ରାଧିକ କାର୍ଯ୍ୟକ୍ରମ କରାଯିବା, ୱାକ୍‌ଫ ବିଲ୍‌କୁ ନେଇ ପ୍ରଥମେ ଏମ୍‌ପି ଦେବାଶିଷ ସାମନ୍ତରାୟଙ୍କ ବିବୃତି ୨ୟରେ ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁଙ୍କ ସମର୍ଥକମାନେ ନବୀନ ନିବାସ ଭିତରେ ପାଣ୍ଡିଆନ ବିରୋଧୀ ସ୍ଲୋଗାନ ଦେବା ପରେ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ପୂର୍ବ ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଛି। ସେମାନେ ବୁଝିଲେଣି ବିଜେଡିର ଆଉ ପୁରୁଣା ସ୍ଥିତି ନାହିଁ। ଦଳକୁ ନବୀନ-ପାଣ୍ଡିଆନ ଆଉ ସମ୍ଭାଳିପାରିଲା ଭଳି ସମ୍ଭାବନା ସେମାନେ ଦେଖିପାରୁ ନାହାନ୍ତି। ଏହି ପରିସ୍ଥିତି ଗତ ୪୮ରୁ ୭୨ ଘଣ୍ଟା ଭିତରେ ଘଟିବା ଆରମ୍ଭ ହୋଇଯାଇଛି। ୧୯୯୭ ମସିହା ଭଳି ବିଜେଡିକୁ ଭାଙ୍ଗି ଆଉ ଏକ ଆଞ୍ଚଳିକ ଦଳ ସୃଷ୍ଟି କରିବା ନିମନ୍ତେ ଏକ ବିଧିବଦ୍ଧ ପ୍ରକ୍ରିୟା ଭାଜପାର କେନ୍ଦ୍ର ସ୍ତରରୁ ଆରମ୍ଭ କରାଯାଇଛି। ☞ପୃଷ୍ଠା-୪

# ବିଲ୍ ଚାପିପାରିବେନି ରାଜ୍ୟପାଳ

ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ପାରିତ ବିଲ୍‌କୁ ରାଜ୍ୟପାଳ କୌଣସି ଆଳ ଦେଖାଇ ଚାପିପାରିବେ ନାହିଁ ସେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବିଧେୟକଗୁଡ଼ିକ ଉପରେ ସ୍ୱାକ୍ଷର କରିବାକୁ ବାଧ୍ୟ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ର ପ୍ରୟୋଗ କରି ଐତିହାସିକ ରାୟ ଦେଇଛନ୍ତି। ତାମିଲନାଡୁ ବିଧାନସଭାରେ ୨୦୨୦ରେ ଗୋଟିଏ ଏବଂ ୨୦୨୧ରୁ ୨୦୨୩ ମଧ୍ୟରେ ଗୃହୀତ ୯ଟି ବିଧେୟକ ଉପରେ ରାଜ୍ୟପାଳ ଆର୍.ଏନ୍. ରବି ମୋହର ଦେଇ ନ ଥିବାରୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ ନଭେମ୍ବର ୧୦ରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟପାଳଙ୍କ କାର୍ଯ୍ୟକୁ ଭର୍ତ୍ସନା କରିବା ସହ 'ନିଆଁ ସହ ଖେଳନାହିଁ' ବୋଲି ତାଙ୍କୁ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ରବି ସମ୍ପୃକ୍ତ ବିଧେୟକଗୁଡ଼ିକୁ ଅଣଦେଖା କରିଚାଲିଥିଲେ। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ୨୦୨୫ ଏପ୍ରିଲ ୮ରେ ଏହା ଉପରେ ରାୟ ପ୍ରକାଶ କରି ରାଜ୍ୟପାଳ ରବିଙ୍କୁ ଭର୍ତ୍ସନା କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ରାଜ୍ୟପାଳ ୧୦ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ସକାଶେ ପଠାଯିବ କହି ଚାପିରଖିବା ମନମୁଖି, ବେଆଇନ ଓ ଅସାମ୍ବିଧାନିକ କାର୍ଯ୍ୟ। ଏହି ବିଧେୟକଗୁଡ଼ିକ ରାଜ୍ୟପାଳଙ୍କ ସମ୍ମୁଖରେ ପୁନଃ ଉପସ୍ଥାପିତ ହେବା ଦିନଠାରୁ ସେଗୁଡ଼ିକୁ ମଞ୍ଜୁରୀପ୍ରାପ୍ତ ବୋଲି ଧରାଯିବ। କାରଣ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁସାରେ ରାଜ୍ୟପାଳଙ୍କ ହାତରେ କୌଣସି ବିଶେଷାଧିକାର କିମ୍ବା ନିରଙ୍କୁଶ ଭିଟୋ କ୍ଷମତା ନାହିଁ। ତାଙ୍କୁ ମନ୍ତ୍ରୀ ପରିଷଦର ପରାମର୍ଶ ଓ ସହଯୋଗ କ୍ରମେ ହିଁ କାର୍ଯ୍ୟ କରିବାକୁ ପଡ଼ିଥାଏ। ରାଜ୍ୟପାଳ ଫାଇଲ ଅଟକାଇ ଅବରୋଧକ ସାଜିବା ଅନୁଚିତ। ପୁନର୍ବିଚାର ପାଇଁ ବିଧାନସଭା ଦ୍ୱାରା ପୁନଃ ଉପସ୍ଥାପନ କରାଯିବାର ମାସକ ଭିତରେ ରାଜ୍ୟପାଳ ବିଲ୍‌ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏଥିରେ ଅବହେଳା କଲେ ରାଜ୍ୟପାଳଙ୍କ କାର୍ଯ୍ୟ ଅଦାଲତଙ୍କ ନ୍ୟାୟିକ ସମୀକ୍ଷାର ପରିସରଭୁକ୍ତ ହେବ ବୋଲି ସୁପ୍ରିମକୋର୍ଟ ଚେତାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି। ତେଣୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି ପଦକ୍ଷେପ ନେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପୂର୍ବରୁ ମଧ୍ୟ ବିଧାନସଭା ଏବଂ ରାଜଭବନ ମୁହାଁମୁହିଁ ହୋଇଥିବାରୁ ରବିଙ୍କ ସମେତ ଆଉ କେତେକ ରାଜ୍ୟର ରାଜ୍ୟପାଳଙ୍କ ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିସାରିଛି। ବିହାରର ପାଟନାରେ ଜନ୍ମିତ ରବି ୧୯୭୬ରେ ଭାରତୀୟ ପୋଲିସ ସେବା (ଆଇପିଏସ୍)ରେ କେରଳ କ୍ୟାଡର ଅଧିକାରୀ ଭାବେ ଯୋଗଦେଇଥିଲେ। ନିଜ ଚାକିରିଜୀବନରେ ସେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଅଫିସର ରୂପେ କାର୍ଯ୍ୟ କରିଥିଲେ।

**ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

ସମ୍ବିଧାନର ଅନୁଚ୍ଛେଦ ୧୪୨ ବଳରେ ୧୦ ବିଧେୟକକୁ ମଞ୍ଜୁରୀ



ଆର୍.ଏନ୍. ରବି



ନୂଆଦିଲ୍ଲୀ,୮।୪

ରାଜ୍ୟ ବିଧାନସଭାରେ ଗୃହୀତ ହୋଇଥିବା ବିଲ୍‌କୁ ରାଜ୍ୟପାଳ ମଞ୍ଜୁରୀ ନ ଦେଇ ଚାପି ରଖିପାରିବେ ନାହିଁ କିମ୍ବା ନିରଙ୍କୁଶ ଭିଟୋ କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିବା ସହ ଏଥିପାଇଁ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭର୍ତ୍ସନା କରିଛନ୍ତି। ପ୍ରଥମ ଥର ଫେରାଇଥିବା ୧୦ ବିଲ୍ ବିଧାନସଭାରେ ଦ୍ୱିତୀୟ ଥର ଗୃହୀତ ହେବା ପରେ ମଧ୍ୟ ରାଜ୍ୟପାଳ ସେଗୁଡ଼ିକୁ ☞ପୃଷ୍ଠା-୪

**ଅନୁଚ୍ଛେଦ ୧୪୨ କ'ଣ କହୁଛି**

ସୁପ୍ରିମକୋର୍ଟ ମଙ୍ଗଳବାର ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଏହି ୧୦ ବିଲ୍‌କୁ ମଞ୍ଜୁରୀ ମିଳିସାରିଛି ବୋଲି ଘୋଷଣା କରିବା ସକାଶେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରିବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ଏହି ଟିପ୍ପଣୀ ପରେ ଅନୁଚ୍ଛେଦ ୧୪୨କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନୁଚ୍ଛେଦ ୧୪୨ ସୁପ୍ରିମକୋର୍ଟଙ୍କୁ ଅଦାଲତରେ ବିଚାରାଧୀନ କୌଣସି ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ☞ପୃଷ୍ଠା-୪

## କାର୍ଯ୍ୟକାରୀ ହେଲା ୱାକ୍‌ଫ ଆଇନ

ନୂଆଦିଲ୍ଲୀ,୮।୪

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଛି। ଏନେଇ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି ହୋଇଛି। ୱାକ୍‌ଫ୍ ଆଇନର ଧାରା ୧(୨) ଅନୁଯାୟୀ, ଏଥିରେ ରହିଥିବା ବ୍ୟବସ୍ଥାଗୁଡ଼ିକ ଏପ୍ରିଲ ୮ରୁ କାର୍ଯ୍ୟକାରୀ ହେବ ବୋଲି ଉଲ୍ଲେଖ କରାଯାଇଛି। ଗତ ସପ୍ତାହରେ ପାର୍ଲାମେଣ୍ଟରେ ୱାକ୍‌ଫ ସଂଶୋଧନ ବିଲ୍ ଗୃହୀତ ହେବା ପରେ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ।

ଅନ୍ୟପକ୍ଷରେ ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ୧୫ରେ ସେଗୁଡ଼ିକର ଶୁଣାଣି ହେବ।

## ୧.୦୩ ଲକ୍ଷ କୋଟିର ପୁଞ୍ଜି ନିବେଶ ପାଇଁ ୧୩ ଚୁକ୍ତି

**ଓଡ଼ିଶାରେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି ଆଶା**

ଭୁବନେଶ୍ୱର,୮।୪
(ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଦେଶର ବହୁ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ରାଜ୍ୟରେ ପୁଞ୍ଜିନିବେଶ ନେଇ ୧୩ କମ୍ପାନୀ ସହ ମୁଖ୍ୟମନ୍ତ୍ରୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବିଭିନ୍ନ କମ୍ପାନୀ ସହ ହୋଇଥିବା ଏହି ଚୁକ୍ତି ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିଥିବାବେଳେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଗସ୍ତର ଦ୍ୱିତୀୟ ଦିନରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ଆୟୋଜିତ ଚୁକ୍ତି ସ୍ୱାକ୍ଷର ସମାରୋହରେ ମୁଖ୍ୟମନ୍ତ୍ରୀ ଶିଳ୍ପନେତୃତ୍ୱଙ୍କୁ ସମ୍ବୋଧିତ କରି କହିଛନ୍ତି, ଶିଳ୍ପକ୍ଷେତ୍ରରେ ଅଗ୍ରଗତି ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି। ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ନିବେଶ କରିବା ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ), ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ନିବେଶ ସଂକ୍ରାନ୍ତ ଆଲୋଚନା ☞ପୃଷ୍ଠା-୪

## ପୋଲିସ ବାରାକ୍‌ରେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

■ ଅବସାଦପୂର୍ଣ୍ଣ ହ୍ୱାଟ୍ସଆପ୍ ଷ୍ଟାଟସ୍‌କୁ ନେଇ ଚର୍ଚ୍ଚା



ଯଶୋଦା ଦାସ


ବାଲେଶ୍ୱର,୮।୪(ବାଞ୍ଛାନିଧି ଦେ)

'ବେଳେବେଳେ ମଣିଷ ହୀରାକୁ ଖୋଜିବାକୁ ଯାଇ ମୂଲ୍ୟବାନ ସୁନାକୁ ହାତ ମୁଠାରେ ପାଇ ମଧ୍ୟ ଫିଙ୍ଗି ଦେଇଥାଏ। ଯେତେବେଳେ ହୀରା ଖୋଜି ଖୋଜି ଥକିଯାଏ ସେବେ ସେ ବୁଝିପାରେ ଫିଙ୍ଗିଥିବା ସୁନାର ମୂଲ୍ୟ କେତେ କ'ଣ'। ଏପରି ଅବସାଦଭରା ବାର୍ତ୍ତା ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ରଖିବା ପରେ ଆତ୍ମହତ୍ୟା କରିଛନ୍ତି ଜଣେ ମହିଳା କନଷ୍ଟେବଲ। ବାଲେଶ୍ୱର ପୋଲିସ ବାରାକ୍‌ର ନିଜ ରୁମ୍‌ରୁ ତାଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ☞ପୃଷ୍ଠା-୪

## ୨ କ୍ଷୁଦ୍ରତାରା ଧକ୍କାରେ ଚନ୍ଦ୍ରଠାରୁ ୧୦ଗୁଣା ଉଜ୍ଜ୍ୱଳ ବିସ୍ଫୋରଣ ହେବ

ଲଣ୍ଡନ, ୮।୪

ଜ୍ୟୋତିର୍ବିଜ୍ଞାନୀମାନେ ପୃଥିବୀଠାରୁ ମାତ୍ର ୧୫୦ ଆଲୋକ ବର୍ଷ ଦୂରରେ ଏକ ବିରଳ ଉଚ୍ଚ ବହୁଳତା ବିଶିଷ୍ଟ ବାଇନାରି ଷ୍ଟାର୍ ସିଷ୍ଟମକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ୨ଟି କ୍ଷୁଦ୍ରତାରା ପରସ୍ପର ଆଡ଼କୁ ଅଗ୍ରସର ହେଉଛନ୍ତି। ୨,୩୦୦ କୋଟି ବର୍ଷ ପରେ ଉଭୟ କ୍ଷୁଦ୍ରତାରା ଧକ୍କାହେବା ସହ ଏକ ବିନାଶକାରୀ ଏବଂ ଚମକପ୍ରଦ 'ଟାଇପ ୧ଏ ସୁପରନୋଭା' ବିସ୍ଫୋରଣରେ ପରିଣତ ହେବେ। ଏହି ବିସ୍ଫୋରଣ ଏତେ ଉଜ୍ଜ୍ୱଳ ହେବ ଯେ, ଏହା ଚନ୍ଦ୍ର ଅପେକ୍ଷା ୧୦ ଗୁଣା ଆଲୋକ ବିସ୍ତାର କରିବ ଏବଂ ସମ୍ପୂର୍ଣ୍ଣ ଆକାଶ ଗଙ୍ଗା (ମିଲ୍କି) ଛାୟାପଥକୁ କିଛି ମୁହୂର୍ତ୍ତ ପାଇଁ ଚମକାଇଦେବ। ଗତ ୪ ତାରିଖରେ ନେଚର ଆଷ୍ଟ୍ରୋନୋମି ପତ୍ରିକାରେ ଏହି ଆବିଷ୍କାରକୁ ପ୍ରକାଶ କରାଯାଇଛି।



ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଉକ୍ତ ବାଇନାରି ଷ୍ଟାର୍ ସିଷ୍ଟମରେ ୨ଟି ଧଳା ରଙ୍ଗର କ୍ଷୁଦ୍ର ତାରା ରହିଛି, ଯାହା ଧୀରେ ଧୀରେ ପରସ୍ପର ଆଡ଼କୁ ଟାଣିହୋଇ ଆସୁଛି। ଉଭୟ କ୍ଷୁଦ୍ର ତାରାର ମୋଟ ବସ୍ତୁତ୍ୱ ସୂର୍ଯ୍ୟ ତୁଳନାରେ ୧.୫୬ ଗୁଣା ଅଧିକ, ଯାହା ସେମାନଙ୍କୁ ☞ପୃଷ୍ଠା-୪



# ଭାଜପା ନେତାଙ୍କ ଘରେ ଗ୍ରେନେଡ୍ ମାଡ଼



ପୋଲିସ ଓ ଫୋରେନ୍‌ସିକ ଟିମ୍ ବିସ୍ଫୋରଣ ସ୍ଥଳ ଯାଞ୍ଚ କରୁଛନ୍ତି।

## ପାକିସ୍ତାନୀ ସମେତ ୨ ଗିରଫ

## ଆଇଏସ୍ଆଇ ମାଷ୍ଟରମାଇଣ୍ଡ

ଚଣ୍ଡିଗଡ଼,୮।୪

ପଞ୍ଜାବର ଭାଜପା ନେତା ମନୋରଞ୍ଜନ କାଲିଆଙ୍କ ଜଳନ୍ଧରସ୍ଥିତ ଘର ବାହାରେ ଗ୍ରେନେଡ୍ ମାଡ଼ ଘଟଣାରେ ପଞ୍ଜାବ ପୋଲିସ ମଙ୍ଗଳବାର ଜଣେ ପାକିସ୍ତାନୀଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏହା ପଛର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି।

ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳ ଅନୁଧାନ କରିବା ସହ ଆକ୍ରମଣରେ ବ୍ୟବହୃତ ଅଟୋରିକ୍ସାକୁ ଜବତ କରିଛି। ଆକ୍ରମଣ ପଛରେ ଆଇଏସ୍ଆଇ ଏବଂ ବିଷ୍ଣୋଇ ଗ୍ୟାଙ୍ଗର ଷଡ଼ଯନ୍ତ୍ର ରହିଛି। ବେଆଇନ ଖଲିସ୍ତାନୀ ସଂଗଠନ ବିକେଆଇ (ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ)ର ସମ୍ପୃକ୍ତି ଥିବା ନେଇ ମଧ ତଦନ୍ତ ଜାରି ରହିଛି। ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବକୁ ଭଣ୍ଡୁର କରିବା ଲକ୍ଷ୍ୟରେ ଏହା ଏକ ବଡ଼ ଷଡ଼ଯନ୍ତ୍ର ଥିଲା ବୋଲି ଅତିରିକ୍ତ ପୋଲିସ ଡିଜି ଅର୍ପିତ ଶୁକ୍ଲା କହିଛନ୍ତି। ବିକେଆଇ ସହ ସେମାନଙ୍କ ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଚଳାଇଥିବା ଶୁକ୍ଲା କହିଛନ୍ତି।

ସୋମବାର ରାତି ୧ଟା ବେଳେ ପୂର୍ବତନ ମନ୍ତ୍ରୀ କାଲିଆଙ୍କ ଘର ବାହାରେ ବିସ୍ଫୋରଣ ହୋଇଥିଲା। ସେତେବେଳେ କାଲିଆ ଘରେ ଥିଲେ ମଧ ତାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ବିସ୍ଫୋରଣରେ ଝରକା କାଚ ଭାଙ୍ଗିବା ସହ ଗୋଟିଏ ଏସ୍‌ୟୁଭି ଏବଂ ଗୋଟିଏ ମୋଟରସାଇକେଲ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀ ଏକ ଇ-ରିକ୍ସାରେ ଆସି ଆକ୍ରମଣ ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ବିସ୍ଫୋରଣ ଘଟଣାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟର ଆପ୍ ସରକାରଙ୍କୁ ନିନ୍ଦା କରିଛନ୍ତି। ଏହି ସରକାର ଅମଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାରୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପଞ୍ଜାବ ସରକାରଙ୍କ ଗୋଇନ୍ଦା ବିଭାଗ, ଡିଜପି ଏବଂ ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ମାନ୍‌ଙ୍କ ଅପାରଗତାରୁ ଏହି ବିସ୍ଫୋରଣ ଘଟିଲା ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଜଣେ ବରିଷ୍ଠ ହିନ୍ଦୁ ନେତାଙ୍କ ବିରୋଧରେ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କେନ୍ଦ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଅଭଯୋଗ କରିଛନ୍ତି। ଆପ୍ ସରକାର ବିରୋଧରେ ଭାଜପା ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଛି। ଗତ ୪/୫ ମାସ ମଧ୍ୟରେ ଅମୃତସର, ଗୁରୁଦାସପୁର ସମେତ ବିଭିନ୍ନ ସ୍ଥାନରେ ପୋଲିସ ପୋଷ୍ଟକୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିବାବେଳେ ପ୍ରଥମ ଥର ପାଇଁ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଘରକୁ ଟାର୍ଗେଟ କରାଯାଇଛି। ଗତ ମାସରେ ଅମୃତସର ମନ୍ଦିର ବାହାରେ ବିସ୍ଫୋରଣ ହୋଇଥିଲା।

# ୧୫ରେ ୱାକ୍‌ଫ ଶୁଣାଣି

## କ୍ୟାଭିଟ୍ ଦାଖଲ କଲା କେନ୍ଦ୍ର

ନୂଆଦିଲ୍ଲୀ,୮।୪

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ୧୫ରେ ସେଗୁଡ଼ିକର ଶୁଣାଣି ହେବ। କେନ୍ଦ୍ର ସରକାର ମଧ ମଙ୍ଗଳବାର ସର୍ବୋଚ୍ଚ ଅଦାଲତରେ ଏକ କ୍ୟାଭିଟ୍ ଦାଖଲ କରିଛନ୍ତି। ଏହି ମାମଲାରେ କୌଣସି ନିର୍ଦ୍ଦେଶ ଦେବା ପୂର୍ବରୁ କ୍ୟାଭିଟ୍‌ର ଶୁଣାଣି ପାଇଁ କେନ୍ଦ୍ର ପକ୍ଷରୁ ନିବେଦନ କରାଯାଇଛି। ଅଲ୍ ଇଣ୍ଡିଆ ପର୍ସୋନେଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି), ଜମାଏତ୍ ଉଲମା-ଇ-ହିନ୍ଦ୍, ବିଭିନ୍ନ ରାଜନେତାଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଆବେଦନକାରୀ ନୂଆ ଆଇନକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଏର କରିଥିଲେ। ୧୫ରେ ସେଗୁଡ଼ିକର ଶୁଣାଣି ହେବ ବୋଲି ପିଟିଶନ ସହ ଜଡ଼ିତ ଜଣେ ଆଇନଜୀବୀ କହିଛନ୍ତି। ତେବେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଶୁଣାଣି ସମ୍ପର୍କିତ କୌଣସି ତାରିଖ ଦର୍ଶାଯାଇନାହିଁ। ପିଟିଶନଗୁଡ଼ିକର ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବାକୁ ବିଚାର କରାଯାଉଥିବା ସୋମବାର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ହାଇଦ୍ରାବାଦ ବିସ୍ଫୋରଣ: ୫ ଦୋଷୀଙ୍କ ଫାଶୀଦଣ୍ଡ କାଏମ

ହାଇଦ୍ରାବାଦ, ୮।୪

୨୦୧୩ରେ ହାଇଦ୍ରାବାଦର ଦିଲ୍‌ସୁଖ ନଗରରେ ହୋଇଥିବା ବୋମା ବିସ୍ଫୋରଣ ମାମଲାରେ ଇସଲାମିକ୍ ଆତଙ୍କବାଦୀ ସଙ୍ଗଠନ ଇଣ୍ଡିଆନ୍ ମୁଜାହିଦ୍ଦିନର ୫ ସଦସ୍ୟଙ୍କ ଫାଶୀ ଦଣ୍ଡାଦେଶକୁ ମଙ୍ଗଳବାର ତେଲଙ୍ଗାନା ହାଇକୋର୍ଟ କାଏମ ରଖିଛନ୍ତି। ୨୦୧୬ ଡିସେମ୍ବରରେ ଜାତୀୟ ତଦନ୍ତ ଏଜେନ୍ସି(ଏନ୍ଆଇଏ)ର ସ୍ପେଶାଲ କୋର୍ଟଙ୍କ ଦ୍ୱାରା ଏହି ୫ ଦୋଷୀ ଜିଆ ଉର୍ ରହମାନ, ୟାଶିନ ଭଟକଲ, ତହସୀନ ଅଖତର, ଏଜାଜ ଶେଖ, ମହମ୍ମଦ ତହସୀନ ଅଖତରଙ୍କୁ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ପ୍ରକାଶ ଯେ, ୨୦୧୩ ଫେବୃଆରୀ ୨୧ରେ ଦିଲ୍‌ସୁଖ ନଗରସ୍ଥିତ ବୋମା ବିସ୍ଫୋରଣରେ ୧୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୩୧ ଜଣ ଆହତ ହୋଇଥିଲେ।

# କଶ୍ମୀର ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଶ୍ରୀନଗର,୮।୪

ନିକଟରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ ଉପରେ ଜମ୍ମୁ-କଶ୍ମୀର ବିଧାନସଭାରେ ଆଲୋଚନା ପାଇଁ ବାଚସ୍ପତି ଅବଦୁଲ ରହିମ ରାଠେର ଅନୁମତି ଦେଇ ନ ଥିବାରୁ ତାଙ୍କ ବିରୋଧରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏବଂ ପିପୁଲ୍ସ କନ୍‌ଫରେନ୍ସ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ବାଚସ୍ପତିଙ୍କ ବହିଷ୍କାର ଦାବିକରି ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ ତଥା



ଅବଦୁଲ ରହିମ ରାଠେର

ବିଧାୟକ ସାଜଦ ଗନି ଲୋନ୍ ଏବଂ ପିଡିପି ବିଧାୟକ ମିର୍ ମହମ୍ମଦ ଫୟେଜ ଓ ରଫିକ ଅହମଦ ନାଏକ ରୁଲ୍ ୨୧୫(ଏ) ଅନୁଯାୟୀ, ଅନାସ୍ଥା ନୋଟିସ୍ ଦେଇଛନ୍ତି। ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଅନୁମତି ନ ଦେବା ସମେତ ବିଭିନ୍ନ କାର୍ଯ୍ୟକୁ ନେଇ ବାଚସ୍ପତି ଗୃହରେ ବିରୋଧର ସମ୍ମୁଖୀନ ହୋଇଥିଲେ। ବାଚସ୍ପତିଙ୍କ ଏଭଳି ବ୍ୟବହାର ଗଣତାନ୍ତ୍ରିକ ସିଦ୍ଧାନ୍ତ ଏବଂ ବିଧାନସଭା ପରିଚାଳନା ପ୍ରକ୍ରିୟାର ଅବମାନନା କରୁଥିବା ଅନାସ୍ଥା ନୋଟିସ୍‌ରେ କୁହାଯାଇଛି। ୱାକ୍‌ଫ ସଂଶୋଧନ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାରୁ ତାହା ଅଦାଲତଙ୍କ ବିଚାରାଧୀନ ରହିଛି। ତେଣୁ ଜମ୍ମୁ-କଶ୍ମୀର ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ବାଚସ୍ପତି କହିଥିଲେ। ତାଙ୍କର ଏଭଳି ନିଷ୍ପତ୍ତିକୁ ବିରୋଧୀ ଦଳ ସମେତ ସରକାରୀ ଦଳର ସଦସ୍ୟମାନେ ମଧ ପ୍ରତିବାଦ ଜଣାଇଥିଲେ।

# ପ୍ରତିରକ୍ଷା ସହଯୋଗ ବଢ଼ାଇବେ ଭାରତ, ୟୁଏଇ

ନୂଆଦିଲ୍ଲୀ, ୮।୪

ଦୁବାଇର କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକତୁମ ମଙ୍ଗଳବାର ୨ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କୁ ନୂଆଦିଲ୍ଲୀସ୍ଥିତ ବିମାନ ବନ୍ଦରରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ସ୍ୱାଗତ କରିଥିଲେ। ମଙ୍ଗଳବାର ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମ୍ପର୍କକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦୁବାଇ କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ଉଭୟ ଦେଶ ପରସ୍ପର ସହ ପ୍ରତିରକ୍ଷା ଏବଂ ତଟରକ୍ଷୀ ବାହିନୀ ସହଯୋଗକୁ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ସେହିପରି ଏହି ଆଲୋଚନାରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ସଂଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ବିଚାର ବିମର୍ଶ ହୋଇଛି। କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍‌ଙ୍କର ଏହି ଗସ୍ତ ଭାରତ ଏବଂ ୟୁଏଇ ମଧ୍ୟରେ ଦୃଢ଼ ଦ୍ୱିପାକ୍ଷିକ ସହଯୋଗ ପାଇଁ ପଥ ପ୍ରସ୍ତୁତ କରିଛି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ପ୍ରକାଶ ଯେ, ଶେଖ୍ ହମଦାନ ବିନ୍ ହେଉଛନ୍ତି ୟୁଏଇର ଉପ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ। ତାଙ୍କ ସହ ଏହି ଭାରତ ଗସ୍ତରେ ୟୁଏଇର ଏକ ପ୍ରତିନିଧି ଦଳ ରହିଛନ୍ତି, ଯେଉଁଥିରେ ୟୁଏଇର ଅନେକ ମନ୍ତ୍ରୀ ଏବଂ ଶୀର୍ଷ ବାଣିଜ୍ୟିକ ନେତା ସାମିଲ ଅଛନ୍ତି।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦୁବାଇ କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ଆଲୋଚନା କରୁଛନ୍ତି।

## ୨୦୦୮ ଜୟପୁର ବିସ୍ଫୋରଣ

# ୪ ଦୋଷୀଙ୍କୁ ଆଜୀବନ

ଜୟପୁର, ୮।୪

୨୦୦୮ ଜୟପୁର ସିରିଏଲ୍ ବିସ୍ଫୋରଣ ମାମଲାରେ ଦୋଷୀସାବ୍ୟସ୍ତ ୪ ଜଣ ଆତଙ୍କବାଦୀଙ୍କୁ ମଙ୍ଗଳବାର ଜୟପୁରର ସ୍ୱତନ୍ତ୍ର ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜଷ୍ଟିସ୍ ରମେଶ କୁମାର ଜୋଷୀଙ୍କ ଖଣ୍ଡପୀଠ ୪ ଆତଙ୍କବାଦୀ ସରୱର ଆଜମୀ, ସୈଫୁର ରହମାନ, ମହମ୍ମଦ ଶୈଫ, ଶାହବାଦ ଅହମ୍ମଦଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଗତ ୪ତାରିଖରେ ଜୟପୁରର ସ୍ୱତନ୍ତ୍ର ଅଦାଲତ ଉକ୍ତ ୪ ଆତଙ୍କବାଦୀଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୮ ଏପ୍ରିଲ ୧୩ ସିରିଏଲ ବିସ୍ଫୋରଣରେ ୭୧ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୮୫ ଜଣ ଆହତ ହୋଇଥିଲେ। ଘଟଣାର ୧୭ ବର୍ଷ ପରେ ଦଣ୍ଡ ଘୋଷଣା କରାଯାଇଛି।

# ବହିଷ୍କାର ନିର୍ଦ୍ଦେଶ ପରେ ଆମେରିକା ଛାଡ଼ି ନ ଥିଲେ ଦିନକୁ ୯୯୮ ଡଲାର ଜରିମାନା

ୱାଶିଂଟନ,୮।୪

ବହିଷ୍କାର ନିର୍ଦ୍ଦେଶ ପରେ ଯେଉଁ ଆପ୍ରବାସୀମାନେ ଆମେରିକା ଛାଡ଼ି ନ ଥିବେ, ସେମାନଙ୍କ ଉପରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦୈନିକ ୯୯୮ ଡଲାର ଜରିମାନା ଲଗାଇବେ ବୋଲି ଯୋଜନା କରିଛି। ଯଦି ସେମାନେ ଜରିମାନା ପୈଠ ନ କରନ୍ତି, ତେବେ ସେମାନଙ୍କ ସମ୍ପତ୍ତି ଜବତ କରାଯିବ ବୋଲି ଏକ ଦସ୍ତାବିଜ୍‌ରୁ ଜଣାପଡ଼ିଛି। ୧୯୯୬ ଆଇନର ଜରିମାନା ବ୍ୟବସ୍ଥା, ଯାହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ସରକାର ସମୟରେ ୨୦୧୮ରେ ପ୍ରଥମ ଥର ଲାଗୁ କରିଥିଲେ, ତାହାକୁ ପୁଣିଥରେ ୫ ବର୍ଷ ପର୍ଯ୍ୟନ୍ତ ଲାଗୁ କରିବାକୁ ଯୋଜନା କରିଛନ୍ତି। ଏହା ଦ୍ୱାରା ୧ ନିୟୁତ ଡଲାରରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇପାରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଯେଉଁମାନେ ବେଆଇନ ଭାବେ ଆମେରିକାରେ ରହିଛନ୍ତି, ସେମାନେ ଏବେ ସ୍ୱେଚ୍ଛାକୃତ ଭାବେ ଦେଶ ଛାଡ଼ି ପଳାଇଯାଆନ୍ତୁ, ନଚେତ ପରିଣାମର ସମ୍ମୁଖୀନ ହେବେ ବୋଲି ଆମେରିକା ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ ମୁଖପାତ୍ର ଟ୍ରିସିଆ ମାକ୍‌ଲୁଘଲିନ୍ କହିଛନ୍ତି। ଚୂଡ଼ାନ୍ତ ବହିଷ୍କାର ନିର୍ଦ୍ଦେଶ ପରେ ରହିଥିବା ଲୋକମାନଙ୍କୁ ଦୈନିକ ୯୯୮ ଡଲାର ଜରିମାନା ଦେବାକୁ ପଡ଼ିବ। ଏଥିପାଇଁ ଏକ ନୂଆ ଟ୍ୟାବ୍ ଖୋଲିବାକୁ ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ କହିଛି।

# ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସୁପ୍ରିମକୋର୍ଟରେ ଖାରଜ

## ପଶ୍ଚିମବଙ୍ଗ କ୍ୟାବିନେଟ୍ ଦ୍ୱାରା ଅତିରିକ୍ତ ପଦବୀ ସୃଷ୍ଟି

ନୂଆଦିଲ୍ଲୀ,୮।୪(ପି.ଟି.)

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକରେ ଅତିରିକ୍ତ ପଦବୀ ସୃଷ୍ଟି ପାଇଁ ପଶ୍ଚିମବଙ୍ଗ କ୍ୟାବିନେଟ ନେଇଥିବା ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ନିମନ୍ତେ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ମଙ୍ଗଳବାର ଉକ୍ତ ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି। ତେବେ ରାଜ୍ୟର ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକର ୨୫,୭୫୩ ଜଣ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି ସମ୍ପର୍କିତ ଅନ୍ୟାନ୍ୟ ଦିଗ ଉପରେ ତଦନ୍ତ ଚାଲିବ ବୋଲି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଜଣେ କର୍ମଚାରୀ ନିୟମିତ ପଦବୀ ପାଇଁ ହକ୍‌ଦାର, କିନ୍ତୁ ତାହା ଉପଲବ୍ଧ ନ ଥିଲେ ତାଙ୍କୁ ଥଇଥାନ କରିବା ନିମନ୍ତେ ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଥାଏ, ଯାହାକି ସାମୟିକ ପଦବୀ।



ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷକ ଓ ଅନ୍ୟ ସ୍କୁଲ୍ କର୍ମଚାରୀ ନିଯୁକ୍ତି ଲାଗି ହୋଇଥିବା ସମ୍ପୂର୍ଣ୍ଣ ପ୍ରକ୍ରିୟା କଳୁଷିତ ବୋଲି ଦର୍ଶାଇ ଗତ ୩ ତାରିଖରେ ସୁପ୍ରିମକୋର୍ଟ ୨୫,୭୫୩ ଜଣ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ଅବୈଧ ଘୋଷଣା କରିଥିଲେ। ଅତିରିକ୍ତ ପଦବୀ ସୃଷ୍ଟି ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ବିରୋଧରେ ପଶ୍ଚିମବଙ୍ଗ ସରକାର କରିଥିବା ଆବେଦନକୁ ଅଲଗା ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ମଙ୍ଗଳବାର ଖଣ୍ଡପୀଠ ଏହାର ବିଚାର କରି କ୍ୟାବିନେଟ୍ ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ଯଥାର୍ଥ ନୁହେଁ ବୋଲି କହିଛନ୍ତି। କ୍ୟାବିନେଟ ନିଷ୍ପତ୍ତିର ସାମ୍ବିଧାନିକ ଯୋଜନାକୁ ଦୃଷ୍ଟିରେ ରଖି ଏହାକୁ ଆଇନ ଅଦାଲତରେ ପ୍ରଶ୍ନ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ଫୁରସତ୍

# 'ପରିସ୍ଥିତିରେ ପଡ଼ି ଚୋରି କରୁଛି, ୬ ମାସରେ ଫେରାଇବି'



ଜୁଜାର ଅଲୀ ବୋହରାଙ୍କ ଦୋକାନରେ ପୋଲିସ ତଦନ୍ତ କରୁଛି।



सबसे पहले तो जुजर भाई मे आपसे माफ़ी मांगता हु क्युकी मे आपकी दुकान से पैसे चुरा रहा हु मे आपके मोहल्ले का ही हु मुझे पैसो की सख्त जरुरत है बोहोत कर्जा है मेरे पर मे आपके पैसे वापस लौटा दूंगा पर मुझे थोड़ा समय लगेगा मैंने आपको 3-4 दिन पहले आपकी दुकान पर पैसे गिनते हुए देखा था तब से आपको देख रहा हु पैसे लेने वाले रोज मेरे घर आ रहे है इसलिए ना चाहते हुए भी मे आपकी दुकान से पैसे चुरा रहा हु अगर मैंने पैसे नहीं चुकाये तो मुझे जेल हो जाएगी इसलिए मे रात मे आपकी दुकान की पीछे वाली शटल के ऊपर से आके पैसे ले रहा हु और मुझे जितना कर्जा चुकाना है उतने ही पैसे ले रहा हु बाकि कोई भी सामान को कुछ नहीं करूंगा और मे आपसे ये भी वादा करता हु की मे 6 महीने मे आपके पैसे लौटा दूंगा और सामने भी आ जाऊंगा तब तक के लिए मे आपसे और आपके बेटे दोनों से हाथ जोड़के माफ़ी मांगता हु मे राम नवमी के दिन चोरी कर रहा हु मेरा चोरी का इरादा नहीं था पर मे बोहोत मजबूर हु आप चाहो तो 6 महीने बाद आप मुझे पुलिस मे दे देना पर अभी मेरा पैसे चुराना बोहोत जरुरी है मैंने आपको सारी बाते सच सच बता दी पर अभी मे सामने नहीं आ पाउँगा आप मुझे अच्छे से जानते भी हो बस मे इतना ही कहूंगा की जब मे आपके पैसे आपको वापस दूंगा तब आप जो सजा दोगे मुझे मंजूर होगी

ଚୋର ଦୋକାନରେ ଛାଡ଼ିଯାଇଥିବା ଚିଠି।

## ଦୋକାନରୁ ୨.୪୫ ଲକ୍ଷ ଚୋରିକରି କ୍ଷମାପ୍ରାର୍ଥନା ଚିଠି ଛାଡ଼ିଲେ ଚୋର

ଭୋପାଳ

ମଧ୍ୟପ୍ରଦେଶର ଖର୍‌ଗୋନ ଜିଲାରେ ଚୋରିର ଏକ ନିଆରା ଘଟଣା ସାମ୍ନାକୁ ଆସିଛି। ରବିବାର ରାତିରେ ଜିଲା ସଦର ମହକୁମାରେ ଥିବା ଏକ ଦୋକାନରୁ ୨.୪୫ ଲକ୍ଷ ଟଙ୍କା ଚୋରି ହୋଇଥିଲା। ତେବେ ଚୋରି କରିବା ପରେ ଚୋର ଜଣକ କମ୍ପ୍ୟୁଟରରେ ଟାଇପ୍ ହୋଇଥିବା ଏକ କ୍ଷମାପ୍ରାର୍ଥନା ଚିଠି ଦୋକାନରେ ଛାଡ଼ି ଯାଇଛନ୍ତି। ପରିସ୍ଥିତିରେ ପଡ଼ି ସେ ଏହି ଚୋରି କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଚୋର ଜଣକ ଚିଠିରେ ଦର୍ଶାଇଛନ୍ତି। ଏହି ଚିଠି ଦୋକାନ ମାଲିକଙ୍କ ସମେତ ପୋଲିସ ଓ ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାମନବମୀ ରାତିରେ ଖର୍‌ଗୋନ ଜିଲା କୋତ୍‌ୱଲି ଥାନା ଅନ୍ତର୍ଗତ ଜମିଦାର ମୋହଲ୍ଲା ଅଞ୍ଚଳର ଜୁଜାର ଅଲୀ ବୋହରା ନାମକ ଜଣେ ଫୁଡ୍ ସପ୍ଲାୟରଙ୍କ ଦୋକାନରେ ଶଟର ଭଙ୍ଗାଯାଇ ୨.୪୫ ଲକ୍ଷ ଟଙ୍କା ଚୋରି ହୋଇଥିବା ପୋଲିସ କହିଛି। ଦୋକାନ ମଧ୍ୟରେ ଥିବା ଏକ ବ୍ୟାଗ୍‌ରେ ସେ ୨.୮୪ ଲକ୍ଷ ଟଙ୍କା ରଖିଥିଲେ ବୋଲି ଜୁଜାର କହିଛନ୍ତି। ତେବେ ସୋମବାର ଆସି ଦେଖିଲାବେଳକୁ ଉକ୍ତ ବ୍ୟାଗ୍‌ରେ କେବଳ ୩୯ ହଜାର ଟଙ୍କା ଥିଲା। ଜୁଜାର ଉକ୍ତ ବ୍ୟାଗ୍‌ରେ ଏକ କ୍ଷମା ପ୍ରାର୍ଥନା ଚିଠି ମଧ ପାଇଥିଲେ। ଉକ୍ତ ଚିଠିରେ ଚୋର ଜଣକ ଲେଖିଛନ୍ତି, "ଜୁଜାର ଭାଇ ଆପଣଙ୍କୁ କ୍ଷମା ମାଗୁଛି। ପରିସ୍ଥିତିରେ ପଡ଼ି ବାଧ୍ୟ ହୋଇ ଆପଣଙ୍କ ଦୋକାନରୁ ଟଙ୍କା ଚୋରାଇଛି। ମୁଁ ଆପଣଙ୍କ ଘର ନିକଟରେ ରୁହେ। ଆପଣ ମଧ ମୋତେ ଭଲ ଭାବେ ଜାଣିଛନ୍ତି। ମୋତେ ଏବେ ଟଙ୍କା ନିହାତି ଦରକାର ଥିଲା। ଋଣରେ ବୁଡ଼ି ରହିଥିବାରୁ ଏହି ଚୋରି କରିବାକୁ ବାଧ୍ୟ ହେଲି। ଏହି ଚୋରି କରି ନ ଥିଲେ ଅନେକଙ୍କଠାରୁ ଋଣରେ ନେଇଥିବା ଟଙ୍କାକୁ ଫେରେଇପାରି ନ ଥାନ୍ତି। ଫଳରେ ମୋତେ ଜେଲ ହୋଇଯାଇଥାନ୍ତା। ଋଣ ଶୁଝିବା ପାଇଁ ଯେତିକି ଟଙ୍କା ଆବଶ୍ୟକ ଥିଲା, ସେତିକି ଟଙ୍କା ହିଁ ଚୋରାଇଛି। ଦୋକାନର ଅନ୍ୟ କୌଣସି ସରଞ୍ଜାମକୁ ହାତ ଲଗାଇ ନାହିଁ। ୬ ମାସ ମଧ୍ୟରେ ଆପଣଙ୍କ ସମ୍ମୁଖକୁ ଆସି ଆପଣଙ୍କଠାରୁ ଚୋରି କରିଥିବା ୨.୪୫ ଲକ୍ଷ ଟଙ୍କା ଫେରସ୍ତ କରିବି ବୋଲି ପ୍ରତିଶ୍ରୁତି ଦେଉଛି। ସେତେବେଳେ ଆପଣ ମୋତେ ଯେଉଁ ଦଣ୍ଡ ଦେବେ, ତାହା ମୁଁ ସ୍ୱୀକାର କରିବି।"

# 'ରେଡ୍ ୨': ରିତେଶ, ଅଜୟ ଟକ୍କର

ମୁମ୍ବାଇ

ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ୨୦୧୮ରେ ରିଲିଜ୍ ହୋଇଥିବା 'ରେଡ୍' ଫିଲ୍ମର ଏହା ହେଉଛି ସିକ୍ୱେଲ। ଫିଲ୍ମରେ ଅଜୟ ପୁଣିଥରେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଅମୟ ପଟ୍ଟନାୟକଙ୍କ ଭୂମିକାରେ ନଜରକୁ ଆସିବେ। ତେବେ ଚଳିତ ଥର ତାଙ୍କର ସାମ୍ନା ରିତେଶଙ୍କ ସହ ହେବ। ରିତେଶଙ୍କୁ ଏହି ଫିଲ୍ମରେ ଦାଦା ମନୋହର ଭାଇ ନାମକ ଜଣେ ଦୁର୍ନୀତିଗ୍ରସ୍ତ ରାଜନେତାଙ୍କ ଭୂମିକାରେ ଦେଖିବାକୁ ମିଳିବ।

ଫିଲ୍ମର ଟ୍ରେଲରକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଟ୍ରେଲରର ଆରମ୍ଭ ଏକ ଆଇକନିକ୍ ଦୃଶ୍ୟରୁ ହେଉଛି, ଯେଉଁଥିରେ ଅଜୟ ନିଜର ପୂରା ଟିମ୍ ସହ ରିତେଶଙ୍କ ଘରେ ଚଢ଼ାଉ କରିବାକୁ ପହଞ୍ଚିଛନ୍ତି। ରିତେଶଙ୍କ ନାମରେ ୱାରେଣ୍ଟ ରହିଛି ବୋଲି ଅଜୟ ରିତେଶଙ୍କ





## ଟ୍ରେଲର ଜାରି

ଘରେ ଥିବା ଚୌକିଦାରଙ୍କୁ କହୁଛନ୍ତି। ଅଜୟ ଓ ତାଙ୍କ ଟିମ୍ ରିତେଶଙ୍କ ଘରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କଲା ପରେ ମଧ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଏହାପରେ ରିତେଶ ଅଜୟଙ୍କୁ ଚେତାବନୀ ଦେଇ କହିଛନ୍ତି, ସବୁଠାରୁ ବଡ ଜିନିଷ ଆପଣଙ୍କ ସାମ୍ନାରେ ରହିଛି, କିନ୍ତୁ ଆପଣ ତାହା ଖୋଜିବାକୁ ସମର୍ଥ ହେବେ ନାହିଁ। ଟ୍ରେଲରରେ ଉଭୟ ଅଜୟ ଓ ରିତେଶ ନିଜ ନିଜ ଅଭିନୟ ଶୈଳୀ ସହ ପରସ୍ପରକୁ ଟକ୍କର ଦେଉଥିବା ନେଇ ସିନେ ସମୀକ୍ଷକ କହିଛନ୍ତି। ଏହି ଟ୍ରେଲରର ଏକ ଆଇଟମ ଗୀତରେ ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ମଧ ଦେଖିବାକୁ ମିଳିଛି। ପ୍ରକାଶ ଯେ, ରାଜକୁମାର ଗୁପ୍ତାଙ୍କ ନିର୍ଦ୍ଦେଶିତ 'ରେଡ୍ ୨' ଫିଲ୍ମ ଆସନ୍ତା ମେ ୧ରେ ରିଲିଜ ହେବ। ଫିଲ୍ମରେ ଅଭିନେତ୍ରୀ ବାଣୀ କପୁରଙ୍କୁ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।




## ହଳଧରଙ୍କୁ ରାଜ୍ୟ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଏସ୍‌ଡି ହଳଧର ନାୟକ(ଓଏଏସ୍)ଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ଏ ସଂକ୍ରାନ୍ତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରୁ ଭାଗ୍ୟଲିପି ମଲ୍ଲ ଫେବୃଆରୀ ୨୮ରେ ଅବସର ଗ୍ରହଣ କରିଥିବାବେଳେ ହଳଧରଙ୍କୁ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

# କୁପୋଷଣ ଚିହ୍ନଟରେ ଏଆଇ ବ୍ୟବହାର

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

**ଓଡ଼ିଶା ଦେଶରେ ପ୍ରଥମ**

**ଶିଶୁଙ୍କ ଉଚ୍ଚତା, ଓଜନ ନିରୀକ୍ଷଣରେ ସହାୟକ ହେବ**

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ଟେକ୍ନୋଲୋଜିକୁ ବ୍ୟବହାର କରି ଏବେ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଆନ୍ଥ୍ରୋପୋମେଟ୍ରି ତଥା ଓଜନ ଏବଂ ଉଚ୍ଚତା ମାପ କରାଯିବା ସହ କୁପୋଷଣକୁ ପ୍ରାରମ୍ଭିକ ଅବସ୍ଥାରେ ହିଁ ଚିହ୍ନଟ କରାଯାଇପାରିବ। ଯଦ୍ୱାରା ଶିଶୁଙ୍କ ଓଜନ ଏବଂ ଉଚ୍ଚତା ବୃଦ୍ଧିକୁ ଗୁରୁତ୍ୱ ଦିଆଯିବା ସହ ରାଜ୍ୟରୁ କୁପୋଷଣ ଦୂର ହୋଇପାରିବ। ଏହି ଅଭିନବ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ସମଗ୍ର ଦେଶରେ ପ୍ରଥମ ବୋଲି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା କହିଛନ୍ତି।

ସୋମବାର ଏକ ପାଞ୍ଚଦିନିଆ ତାଲିମ କର୍ମଶାଳାକୁ ଉଦ୍‌ଘାଟନ କରି ଶୁଭା କହିଥିଲେ, କର୍ମଶାଳାରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ନିର୍ଦ୍ଧାରିତ ପ୍ରୋଟୋକଲ ବ୍ୟବହାର କରି ଶିଶୁମାନଙ୍କ ଓଜନ ଓ ଉଚ୍ଚତା ସୂଚକ ମାପ କରିବା ଉପରେ ବ୍ୟାପକ ତାଲିମ୍ ପାଇପାରିବେ। ଆଇସିଏମ୍‌ଆର୍, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନ(ଏନ୍‌ଆଇଏନ୍), ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱର ଏବଂ ୱାଧୱାନୀ ଏଆଇର ବିଶେଷଜ୍ଞ ପ୍ରଶିକ୍ଷକମାନେ ତାଲିମ ପ୍ରଦାନ କରିବେ। ତାଲିମ ପରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ପାଇଲଟ୍ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଏବଂ କାର୍ଯ୍ୟକାରିତା ପାଇଁ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାଗୁଡ଼ିକରେ ୩ରୁ ୪ ମାସ ଧରି ତଥ୍ୟ ସଂଗ୍ରହ ଓ ଆକଳନ କରିବେ। ଭୁବନେଶ୍ୱରର ଆଇସିଏମ୍‌ଆର ଅଡିଟୋରିୟମ ହଲ୍‌ରେ ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ, ୱାଧୱାନୀ ଏଆଇ, ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱର ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ମିଳିତ ସହଭାଗିତାରେ ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ ଶୀର୍ଷକ ପାଞ୍ଚ ଦିନିଆ ତାଲିମ ତଥା କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆରଏମଆରସି ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି, ଜାତୀୟ କାର୍ଯ୍ୟକ୍ରମର ମୁଖ୍ୟ ଡକ୍ଟର ସ୍ନେହା ନିକମ, ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ବୈଜ୍ଞାନିକ ଡକ୍ଟର ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ୱାଧୱାନୀ ଏଆଇର ମୁଖ୍ୟ ଡକ୍ଟର ମକରନ୍ଦ ତପସ୍ୱୀ, ରାଜ୍ୟ ମହିଳା ଓ ଶିଶୁ ବିକାଶର ଅତିରିକ୍ତ ସଚିବ ଏନ୍. ସି. ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତି ନାମରେ ମିଥ୍ୟା ରିପୋର୍ଟ

ଯାଜପୁର,୮।୪
(ହର୍ଷବର୍ଦ୍ଧନ ବେହେରା)




**ସିଏଜି ରିପୋର୍ଟ**

**ଖଣି ପ୍ରଭାବିତ ଯୁବତୀଯୁବକ ଦକ୍ଷତା ବିକାଶ ତାଲିମରୁ ବଞ୍ଚିତ**

ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କଥା କହି ସରକାର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ହେଲେ ତାଲିମ ପାଇଥିବା ଯୁବତୀଯୁବକଙ୍କ ମଧ୍ୟରୁ କାହାକୁ କେଉଁ ଶ୍ରେଣୀରେ କେତେ ନିଯୁକ୍ତି ମିଳିଲା ତାହା ବୁଝିବାକୁ କାହାରି ସମୟ ନାହିଁ। ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ୨୦୦ ଯୁବତୀଯୁବକଙ୍କୁ ପ୍ରଦାନ କରାଯାଇଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଓଏମ୍‌ବିଏଡିସି ନିଷ୍ପତ୍ତିକୁ ଉଲ୍ଲଂଘନ କରାଯାଇ ୨୦୦ ଜଣ ଯୁବତୀଯୁବକଙ୍କ ମଧ୍ୟରୁ ୧୯୧ ଜଣଙ୍କୁ ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ଚୟନ କରାଯାଇନାହିଁ। ଏହାସହ ବିଭାଗୀୟ ରିପୋର୍ଟ ଅନୁସାରେ ତାଲିମପ୍ରାପ୍ତ ଯୁବତୀଯୁବକଙ୍କ ମଧ୍ୟରୁ କେହି ମଧ୍ୟ ଖ୍ୟାତି ସମ୍ପନ୍ନ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇନାହାନ୍ତି। ତାଲିମଦାତା ସଂସ୍ଥା ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ଠିକ୍ ସୂଚନା ନ ରଖି ମିଥ୍ୟା ରିପୋର୍ଟ ଦେଇଥିଲା ବୋଲି ଗତ ୨ ତାରିଖ ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ(ସିଏଜି) ସମୀକ୍ଷା ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି।

ରାଜ୍ୟ ସରକାର ୨୦୧୪ରୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କାର୍ଯ୍ୟକାରୀ କରିଛନ୍ତି। ତଦନୁଯାୟୀ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୬ରୁ ୨୦୦ ଯୁବତୀଯୁବକଙ୍କୁ ୨ ବର୍ଷ ପାଇଁ ଫିଟର ଏବଂ ଇଲେକ୍ଟ୍ରିକାଲ ବିଷୟରେ ବିଭିନ୍ନ ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ ୨.୯୨ କୋଟି ଟଙ୍କା ଖର୍ଚ୍ଚ ଧାର୍ଯ୍ୟ ହୋଇଥିଲା। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଆର୍ଥିକ ବିକାଶ ନିଗମ(ଓଏସ୍‌ଏଫ୍‌ଡିସି) ଅଧୀନରେ ସିୟୁଟିଏମ୍‌କୁ ଏହି କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଥିଲା। ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ପ୍ରାର୍ଥୀ ଚୟନ କରାଯିବାର ସର୍ତ୍ତ ରଖି ଓଏମ୍‌ବିଏଡିସି ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ତେବେ ସିଏଜି ସମୀକ୍ଷାବେଳେ ଓଏସ୍‌ଏଫ୍‌ଡିସି ରେକର୍ଡ ଯାଞ୍ଚରୁ ଜଣାଗଲା ଯେ, ୨୦୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୯୧ ଜଣ ପ୍ରାର୍ଥୀ(୯୫.୫%) ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ଚିହ୍ନଟ ହୋଇ ନ ଥିଲେ। ତେଣୁ ଖଣି ପ୍ରଭାବିତ ଅଞ୍ଚଳର ଯୋଗ୍ୟ ଏସ୍‌ସି/ଏସ୍‌ଟି ଯୁବତୀଯୁବକମାନେ ଦକ୍ଷତା ବିକାଶ ତାଲିମ ପାଇବାରୁ ବଞ୍ଚିତ ହୋଇଥିଲେ। ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାର ୨୦୪ ଜଣ ୫ମ ପର୍ଯ୍ୟାୟ ପର୍ଯ୍ୟନ୍ତ ନାମ ଲେଖାଇଥିଲେ। ସେଥିମଧ୍ୟରୁ ୧୮୮ ଜଣ ୨୦୨୨ ମାର୍ଚ୍ଚ ସୁଦ୍ଧା ଦୁଇବର୍ଷର ପାଠ୍ୟକ୍ରମ ସମାପ୍ତ କରିଥିଲେ। ଚୁକ୍ତି ଅନୁସାରେ ପ୍ରତି ଯୁବତୀଯୁବକଙ୍କ ପିଛା ତାଲିମ ଖର୍ଚ୍ଚ ୫୦ ହଜାର ଟଙ୍କା ଏବଂ ରହିବା ଓ ଖାଇବା ଖର୍ଚ୍ଚ ବାବଦକୁ ୯୬ ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। ତାଲିମ ସମାପ୍ତ ହେବାର ୨ ମାସ ପରେ ସିୟୁଟିଏମ୍ ଦ୍ୱାରା ଖ୍ୟାତିସମ୍ପନ୍ନ ଶିଳ୍ପଗୁଡ଼ିକରେ ୮୦ ପ୍ରତିଶତ ନିଯୁକ୍ତି ଦିଆଯିବାକୁ ସର୍ତ୍ତ ରହିଥିଲା। ତେବେ ସିଏଜି ସମୀକ୍ଷାରେ ଦେଖାଗଲା ଯେ, ପ୍ରଥମ ଓ ଦ୍ୱିତୀୟ ବ୍ୟାଚ୍‌ର ତାଲିମପ୍ରାପ୍ତ ୧୪୩ ଜଣଙ୍କ ମଧ୍ୟରୁ ୧୨୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଯାଇଥିଲା। ହେଲେ ଓଏସ୍‌ଏଫ୍‌ଡିସିର ନିଯୁକ୍ତି ଯାଞ୍ଚ କମିଟି କେବଳ ନିଯୁକ୍ତି ପାଇଥିବା ୩୦ ଜଣ ତାଲିମଧାରୀଙ୍କ ସହ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲା। ସିୟୁଟିଏମ୍ ଦ୍ୱାରା ଦର୍ଶାଯାଇଥିବା କୌଣସି ତାଲିମଧାରୀ ସମ୍ପୃକ୍ତ ସଂସ୍ଥାରେ ନିୟୋଜିତ ନ ଥିଲେ। ଏଭଳି ଭାବେ ଏହା ପ୍ରମାଣିତ ହେଲା ଯେ, ସିୟୁଟିଏମ୍ ଠିକ ସୂଚନା ରଖି ନ ଥିଲା କିମ୍ବା ଓଏସ୍‌ଏଫ୍‌ଡିସିକୁ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିଲା ବୋଲି ସିଏଜିର ସମୀକ୍ଷା ରିପୋର୍ଟରେ ଦର୍ଶାଯାଇଛି। ଏହାପରେ ଓଏସ୍‌ଏଫ୍‌ଡିସିର ଯାଞ୍ଚ କମିଟି ତାଲିମଦାତା ସଂସ୍ଥା ସିୟୁଟିଏମ୍ କର୍ତ୍ତୃପକ୍ଷଙ୍କୁ ୨୦୨୧ ଅକ୍ଟୋବରରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତାଲିମ ମୂଲ୍ୟର ଅଷ୍ଟମ କିସ୍ତି ଦେୟକୁ ଅଟକାଇ ଦେଇଥିଲା। ପରବର୍ତ୍ତୀ ସମୟରେ କୌଣସି ଅନୁସନ୍ଧାନ ନ କରି ଅଷ୍ଟମ କିସ୍ତି ପ୍ରଦାନ କରାଯାଇଥିଲା। ତୃତୀୟ ବ୍ୟାଚ୍‌ର ୨୨ଜଣ ତାଲିମପ୍ରାପ୍ତ ପ୍ରାର୍ଥୀଙ୍କୁ କୌଣସି ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦିଆଯାଇ ପାରିଲା ନାହିଁ। ତଥାପି ସିୟୁଟିଏମ୍‌କୁ ୨୭.୬୫ ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯାଇଥିଲା। ତେବେ ତଥ୍ୟଗୁଡ଼ିକୁ ପ୍ରମାଣ କରିବାକୁ ଓଏସ୍‌ଏଫ୍‌ଡିସି ଏବଂ ସିୟୁଟିଏମ୍ ସହିତ ଏକ ମିଳିତ ଯାଞ୍ଚ ହୋଇଥିଲା। ଏହି ଯାଞ୍ଚରେ ମଧ୍ୟ ସନ୍ତୋଷଜନକ ନିଯୁକ୍ତି ଦିଆଯାଇ ପାରି ନ ଥିବା ଜଣାପଡ଼ିଥିଲା ବୋଲି ସିଏଜି ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି।

# ମେରାମଣ୍ଡଳୀ ରେଳଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ବୁଢ଼ାପଙ୍କ-ଶାଳଗାଁ ୩ୟ ଏବଂ ୪ର୍ଥ ରେଳଲାଇନ ପ୍ରକଳ୍ପ ଅନ୍ତର୍ଗତ ଢେଙ୍କାନାଳ-ଅନୁଗୋଳ ରେଳ ସେକ୍ସନରେ ହିନ୍ଦୋଳ ରୋଡ୍ ଏବଂ ମେରାମଣ୍ଡଳୀ ରେଳଷ୍ଟେଶନ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ୨୭.୨୮ କିଲୋମିଟର ଦୀର୍ଘ ଏହି ରେଳଲାଇନରେ ଟ୍ରାକ୍ ଲିଙ୍କିଂ ଏବଂ ନନ-ଇଣ୍ଟରଲକିଙ୍ଗଜନିତ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରେନ ସେବାକୁ ସାମୟିକ ଭାବେ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅନେକ ଟ୍ରେନ୍ ଏପ୍ରିଲ ୧୩ରୁ ୨୪ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଦିନଗୁଡ଼ିକରେ ବାତିଲ ଏବଂ ମାର୍ଗ ପରିବର୍ତ୍ତନ କରିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ, ୧୮୪୨୨/୧୮୪୨୧ ସୋନପୁର-ପୁରୀ-ସୋନପୁର ଏକ୍ସପ୍ରେସ, ୨୦୮୧୩/୨୦୮୧୪ ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ, ୧୨୧୪୫/୧୨୧୪୬ ଏଲ୍‌ଟିଟି-ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ, ୧୨୯୯୩/୧୨୯୯୪ ଗାନ୍ଧୀଧାମ-ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ, ୨୨୮୦୫/୨୨୮୦୬ ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ, ୨୦୯୧୭/୨୦୯୧୮ ଇନ୍ଦୋର-ପୁରୀ-ଇନ୍ଦୋର ଏକ୍ସପ୍ରେସ୍, ୧୮୧୧୭/୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍, ୨୦୮୩୨/୨୦୮୩୧ ସମ୍ବଲପୁର-ଶାଲିମାର-ସମ୍ବଲପୁର ଏକ୍ସପ୍ରେସ୍, ୨୦୮୦୪/୨୦୮୦୩ ସମ୍ବଲପୁର-ଶାଲିମାର-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରହିଛି। ମାର୍ଗ ପରିବର୍ତ୍ତନ ହୋଇଥିବା ଟ୍ରେନଗୁଡ଼ିକ ମଧ୍ୟରେ ୧୨୮୮୦ ଭୁବନେଶ୍ୱର-ଏଲ୍‌ଟିଟି ଏକ୍ସପ୍ରେସ୍, ୨୨୮୬୬ ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ୍ ଏବଂ ୨୦୪୭୨ ପୁରୀ-ଲାଲଗଡ଼ (ବିକାନେର) ଏକ୍ସପ୍ରେସ, ୧୨୮୭୯ ଏଲ୍‌ଟିଟି-ଭୁବନେଶ୍ୱର ଏକ୍ସପ୍ରେସ୍, ୨୦୪୭୧ ଲାଲଗଡ଼-ପୁରୀ ଏକ୍ସପ୍ରେସ ଆଦି ଟ୍ରେନ ରହିଛି।




# 'ଓଡ଼ିଶାରେ ୨୭% ଓବିସି ସଂରକ୍ଷଣ କରାଯାଉ'

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓବିସି ଫୋରମ୍**

କେନ୍ଦ୍ର ସରକାର ୧୯୯୦ ମସିହାରେ ସରକାରୀ ଚାକିରୀ କ୍ଷେତ୍ରରେ ୨୭% ପଛୁଆବର୍ଗ ସଂରକ୍ଷଣ ଲାଗୁ କରିଥିଲେ। ଅନେକ ରାଜ୍ୟ ସରକାର ମଧ୍ୟ ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ତେବେ ଓଡ଼ିଶା ସରକାର ଏହି ସୁପାରିସକୁ ଲାଗୁ କଲେ ନାହିଁ। ଆଇଆଇଟି, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନାମଲେଖା କ୍ଷେତ୍ରରେ ଦୀର୍ଘ ୨୦ ବର୍ଷ ହେଲା କେନ୍ଦ୍ର ସରକାର ଓବିସି ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ଦେଇଥିବା ବେଳେ ଓଡ଼ିଶା ସରକାର ଆଜିପର୍ଯ୍ୟନ୍ତ ତାହା ଲାଗୁ କରିନାହାନ୍ତି। ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ମାମଲା ପରିପ୍ରେକ୍ଷୀରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ ହେବାରେ କୌଣସି ବାଧା ନାହିଁ ବୋଲି ରାୟ ଦେବା ପରେ ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ତୁରନ୍ତ ୨୭% ସଂରକ୍ଷଣ ଲାଗୁ କରିବାକୁ ଓବିସି ଫୋରମ୍ ଦାବି କରିଛି। ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏ ନେଇ ଚିଠି ଲେଖି ଓଡ଼ିଶାରେ ଓବିସିଙ୍କ ପାଇଁ ନିଯୁକ୍ତି ଓ ନାମଲେଖା କ୍ଷେତ୍ରରେ ୨୭% ଲାଗି ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହାବ୍ୟତୀତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଧ୍ୟ ରାଜ୍ୟର ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ଦେବାକୁ ସେ ଦାବି କରିଛନ୍ତି। ପୂର୍ବ ସରକାର ସମୟରେ ପଛୁଆବର୍ଗ କମିଶନ ପକ୍ଷରୁ ଯେଉଁ ଓବିସି ସଂରକ୍ଷଣ କରାଯାଇଥିଲା, ତାହାର ରିପୋର୍ଟ ସାର୍ବଜନୀନ କରିବାକୁ ମଧ୍ୟ ଦାବି କରାଯାଇଛି। ରାଜ୍ୟରେ ନୂଆ ସରକାର ଆସିବାର ୯ ମାସ ମଧ୍ୟରେ ୨.୬ ହଜାର ପିଲାଙ୍କୁ ସରକାରୀ ଚାକିରି ଦିଆଯାଇଛି ବୋଲି ସରକାର କହୁଛନ୍ତି, କିନ୍ତୁ ରାଜ୍ୟରେ ଓବିସିଙ୍କ ପାଇଁ ୨୭ଭାଗ ସଂରକ୍ଷଣ ଲାଗୁ ହୋଇ ନ ଥିବାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ପିଲା ଚାକିରି ହରାଇଲେଣି। ଏପ୍ରିଲ ୧୩ରେ ମଣ୍ଡଳ କମିଶନର ଅଧ୍ୟକ୍ଷ ବି.ପି. ମଣ୍ଡଳଙ୍କ ଶ୍ରାଦ୍ଧ ଦିବସ ଏବଂ ୧୪ରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଆମ୍ବେଡକରଙ୍କ ଜନ୍ମଦିବସ ପରିପ୍ରେକ୍ଷୀରେ ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିବାକୁ ଫୋରମ୍ ଅଧ୍ୟକ୍ଷ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଶିକ୍ଷକ କର୍ମଚାରୀ ପେନ୍‌ସନରର୍ସ ମହାସଂଘ ପକ୍ଷରୁ ପେନ୍‌ସନରର୍ସମାନଙ୍କ ଜରୁରୀ ଦାବି ସମ୍ପର୍କିତ ବୈଠକ, ସ୍ଥାନ: ସିଆଇଟିୟୁ ଅଫିସ୍, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓୟୁଟିଆର୍, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ରାମ ବନବାସ' ପରିବେଷଣ, ସ୍ଥାନ: ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ 'ସୀତା ବିବାହ' ପରିବେଷଣ, ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ଗୋତଲବିନ୍ଧା, ସମୟ: ରାତି ୧୧ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ୪୭ତମ ବାର୍ଷିକ ରାମଲୀଳାର ନାଟକ 'ସୀତା ସ୍ୱୟଂମ୍ବର ଓ ପର୍ଶୁରାମ ଭେଟ', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଟପୁର, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ 'ରାମ ବନବାସ' ପରିବେଷଣ, ସ୍ଥାନ: ରାମଲୀଳା ପଡ଼ିଆ, ବଇଚୁଆ ଗ୍ରାମ, ସମୟ: ରାତି ୧୧ଟା।

## କଟକ

- ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ପ୍ରମିଳା ମଣ୍ଡପ, ମଧୁପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: ତିଗିରିଆ ଓକିଲ ସଂଘ ଗୃହ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତି ବିହାର ପକ୍ଷରୁ ଗୁରୁ ସ୍ୱର୍ଗତ ନାରାୟଣ ସିଂହଙ୍କ ସ୍ମୃତିରେ ଗୀତିନାଟ୍ୟ କର୍ଣ୍ଣବଧ ମଞ୍ଚସ୍ଥ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ : ସନ୍ଧ୍ୟା ୬ଟା ୩୦।
- ଚିନ୍ମୟ ମିଶନ କଟକ ଆନୁକୂଲ୍ୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ସୁନ୍ଦରାକାଣ୍ଡ ପ୍ରବଚନର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଫିଙ୍ଗିଙ୍ଗିବଜାର ଚିନ୍ମୟ ମିଶନ ପରିସର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୬ଟା।
- ମା'ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ମହାପାଟଦେଇ କାଳିକା ଦେବୀ ମହୋତ୍ସବ, ସ୍ଥାନ: ବେଗୁନିଆ ଦୁର୍ଗାଦେବୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ତଳସାହି, ସମୟ: ରାତି ୮ଟା।
- ରାମାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ରାତି ୮ଟା।

## ବାଲେଶ୍ୱର

- ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ କାମିନୀ ବିବାହ, ସ୍ଥାନ: ଚନ୍ଦନେଶ୍ୱର ମନ୍ଦିର ପରିସର, ଭୋଗରାଇ, ସମୟ: ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ।
- ଭୂଷଣ୍ଡେଶ୍ୱର ମହାଦେବଙ୍କ ପ୍ରସିଦ୍ଧ କାମିନୀ ବିବାହ, ସ୍ଥାନ: ଭୂଷଣ୍ଡେଶ୍ୱର ମନ୍ଦିର ପରିସର, ଭୋଗରାଇ, ସମୟ: ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ।
- ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ତୃତୀୟ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ରାଜ୍ୟସ୍ତରୀୟ ସମୀର ମେମୋରିଆଲ ଉତ୍କଳିକା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ନୂତନ ଶ୍ରେଣୀ ଗୃହ ନିର୍ମାଣ ଭୂମିପୂଜା, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଆଡ଼ିଆ ନୋଡାଲ ସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଖେରଙ୍ଗ ବଜାର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପାଟଣା ବ୍ଲକ ଡୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ରଘୁନାଥ ଏମ୍‌ଜିସି ସହିତ ଶାନ୍ତି ନିକେତନ ୟାଇସିର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମିଶ୍ର ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା,ସମୟ: ଅପରାହ୍ନ ୩ଟା।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଡ୍ରାଗନ ଯୁବକ ସଂଘ ସହିତ ଆରପିଜେଜେ କ୍ଲବର ମ୍ୟାଚ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୪ଟା।
- କରଞ୍ଜିଆ ମହୋତ୍ସବ, ସ୍ଥାନ: ମିଳନ ପଡ଼ିଆ, କରଞ୍ଜିଆ,ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ସମାରୋହ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ଶ୍ରୀ ହରିହର ଯଜ୍ଞାନୁଷ୍ଠାନ ପକ୍ଷରୁ ହୋମଯଜ୍ଞ ଓ ନାମ ସଙ୍କୀର୍ତ୍ତନର ଅଙ୍କୁରୋପଣ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣ, ମାଣତ୍ରୀ, ବଡ଼ସାହି ,ସମୟ: ସନ୍ଧ୍ୟା ୭ଟା।

## ଗଜପତି

- ପଠାଣି ସାମନ୍ତ ମେଧାବୃତ୍ତି, ସ୍ଥାନ: ମୋହନା ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ସକାଳ ୭ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତ ପରିସ୍ଥିତିରୁ ଡିପ୍ରେସନ ଲାଗି ରହିବ। ଦୂରଦର୍ଶିତାବିହୀନ କାର୍ଯ୍ୟ ଓ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇବେ। ବାଣିଜ୍ୟ, ବ୍ୟବସାୟ, ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିବ। ରଚନାତ୍ମକ କାମରେ ସାମାଜିକ ସ୍ୱୀକୃତି ଲାଭ କରିବା ସଙ୍ଗକୁ ପ୍ରଶଂସିତ ମଧ୍ୟ ହେବେ।

**ବୃଷ** ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲାଭକରିବେ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ। ଅର୍ଥ ସଙ୍କଟ କାରଣରୁ ଆଶା ଓ ଅଭିଳାଷ ଅପୂରଣ ରହିଯିବ। କର୍ମକ୍ଷେତ୍ର, ମକଦ୍ଦମା,ଲେଖାପଢ଼ା,ଜମିଜମା କାରବାର ପ୍ରଭୃତି କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ପରିସ୍ଥିତି ସଙ୍ଗକୁ ଅର୍ଥସଂକଟଜନିତ ଭାବପ୍ରବଣତା ବୃଦ୍ଧି ପାଇବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମ ଶୃଙ୍ଖଳିତ ହେବ। ପଡ଼ୋଶୀ କାର୍ଯ୍ୟଦକ୍ଷତାର ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଅର୍ଥ ଓ ସମ୍ମାନ ସଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**କର୍କଟ** ଅସମୟ ଭୋଜନ କାରଣରୁ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ସାମାଜିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ପଛେଇ ଯିବେ। ଶିଳ୍ପ, ବାଣିଜ୍ୟ, ପରିବହନ ସକାଶେ କୌଣସି ଅସୁବିଧା ହେବ ନାହିଁ।

**ସିଂହ** ପାରିବାରିକ କ୍ଷେତ୍ରର ସମସ୍ୟା ମୁଣ୍ଡବିନ୍ଧାର କାରଣ ହେବ। ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, କଳା, ସଙ୍ଗୀତ, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**କନ୍ୟା** ବିଭିନ୍ନ ପୁରୁଣା ସମସ୍ୟା ଲାଗିରହିଥିବା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଭୁଲ୍ ବୁଝାମଣା ଯୋଗୁ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କଳା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟରେ ଜନ ସମାଜରେ ପ୍ରଶଂସିତ ହେବେ।

**ତୁଳା** ସକାଳୁ ସକାଳୁ କୌଣସି ଖୁସି ଖବର ସଙ୍ଗକୁ ଆର୍ଥିକ ସାହାଯ୍ୟ ପାଇବେ। ଉପରିସ୍ଥ କର୍ମଚାରୀ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ କାମଟି କରିଦେବେ। ସାମାଜିକ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ। ପାରିବାରିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଶାନ୍ତିର ବାତାବରଣ ଆସି ନ ପାରେ।

**ବିଛା** କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଦୀର୍ଘ ଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। କଳା,ସାହିତ୍ୟ ତଥା ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପରିବାରରେ ଭୁଲ୍ ବୁଝାମଣା ହେତୁ ସହଯୋଗ ନ ପାଇ କାମ ହାସଲରେ ଅସୁବିଧାର ସମ୍ମୁଖୀନ ହେବେ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ବହୁତ ଦିନହେଲା ପଡ଼ିରହିଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମକର** ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଈର୍ଷାପରାୟଣ ହୋଇ ଖଳଲୋକ ଅପପ୍ରଚାର କଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧିରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। କର୍ମଜଞ୍ଜାଳର ଆଧିକ୍ୟ ହେତୁ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ।

**କୁମ୍ଭ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ବ୍ୟବସାୟ, ପରିବହନ, ସାମ୍ବାଦିକତାରେ ସୁଫଳ ମିଳିବ।

**ମୀନ** ସମସ୍ୟା ହେତୁ ଦୁର୍ଭାବନା ବଢ଼ିଚାଲିବ, ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ପ୍ରଶାସନ, ଯୋଗାଯୋଗ, ପରିବହନ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସହନଶୀଳତାର ଅଭାବ ଓ ସ୍ୱେଚ୍ଛାଚାରିତା ମନୋଭାବ ଅଶାନ୍ତିର କାରଣ ହୋଇପାରେ।

ଆଜି ଏପ୍ରିଲ ୯ ତାରିଖ, ବୁଧବାର, ଶ୍ରୀମନ୍ଦିରରେ ବନବାସ ଓ କର୍ନ୍ଦପ ଅଧିବାସ, ଚୈତ୍ରଶୁକ୍ଳପକ୍ଷର ବୈଷ୍ଣବ ସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ରାଶି/ନକ୍ଷତ୍ର-ଦିବା ଘ.୦୯.୫୭ମି. ଗତେ ପୂର୍ବାଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୭ମି. ଗତେ ୦୭.୧୬ମି. ମଧ୍ୟେ, ସକାଳ ଘ.୧୦.୧୫ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ବିଲ୍ ଚାପିପାରିବେନି...

ଅନୁମୋଦନ ନ କରି ଆଇନ ବିରୋଧରେ କାର୍ଯ୍ୟ କରିଛନ୍ତି। ସେହି ବିଲ୍‌ଗୁଡ଼ିକ ମଞ୍ଜୁର ହୋଇଥିବା ଅଦାଲତ ଘୋଷଣା କରିଛନ୍ତି। ରାଜ୍ୟ ବିଧାନସଭାରେ ପୁନର୍ବାର ବିଚାରବିମର୍ଶ ପରେ ବିଲ୍ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରାଗଲେ, ତାକୁ ଅନୁମୋଦନ କରିବାକୁ ସେ ବାଧ୍ୟ। କେବଳ ବିଲ୍ ଭିନ୍ନ ହୋଇଥିଲେ ସେ ସ୍ୱୀକୃତି ଦେବାକୁ ମନା କରିପାରନ୍ତି। ରାଷ୍ଟ୍ରପତିଙ୍କ ପାଖକୁ ନ ପଠାଇ ୧୦ଟି ବିଲ୍‌କୁ ପକାଇ ରଖିଥିବାରୁ ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟ ବେଆଇନ ଏବଂ ମନମାନି ବୋଲି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିବା ସହ ତାଙ୍କର ଏଭଳି କାର୍ଯ୍ୟକୁ ରଦ୍ଦ କରିଛନ୍ତି। ରାଜ୍ୟପାଳଙ୍କ ନିକଟରେ ପୁନଃ ଉପସ୍ଥାପନ କରାଯିବା ଦିନ ହିଁ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ମିଳିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

ରାଜ୍ୟପାଳ ଉତ୍ତମ ଆସ୍ଥାର ସହ କାର୍ଯ୍ୟ କରିନାହାନ୍ତି। ସେ ବିଲ୍‌ଗୁଡ଼ିକୁ ଦୀର୍ଘଦିନ ଚାପିରଖିବା ପରେ ପଞ୍ଜାବ ରାଜ୍ୟପାଳଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ରାଷ୍ଟ୍ରପତିଙ୍କ ପାଖକୁ ପଠାଇଥିଲେ। ବିଲ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ରାଜ୍ୟପାଳମାନେ ମଞ୍ଜୁରୀକୁ ଅଟକାଇ ରଖିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ସମେତ ବିଧାନସଭାରେ ଗୃହୀତ ଅନେକ ବିଲ୍‌କୁ ରାଜ୍ୟପାଳ ରବି ମଞ୍ଜୁରୀ ପ୍ରଦାନ କରୁ ନ ଥିବାରୁ ଏହା ବିରୋଧରେ ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ପର୍ଦ୍ଦିୱାଲା ଲେଖିଥିବା ରାୟରେ କହିଛନ୍ତି, ସମ୍ବିଧାନ ରାଜ୍ୟପାଳମାନଙ୍କୁ ନିରଙ୍କୁଶ ଭିଟୋ କିମ୍ବା ପକେଟ ଭିଟୋ ଅନୁମତି ଦେଇନାହିଁ। ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ, ବିଲ୍ ଉପରେ ରାଜ୍ୟପାଳମାନଙ୍କର କେବଳ ୩ଟି ବିକଳ୍ପ ରହିଛି। ତାହା ହେଲା ମଞ୍ଜୁରୀ ପ୍ରଦାନ କରିବା, ମଞ୍ଜୁରୀ ନ ଦେବା କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇବା। ବିଲ୍ ପ୍ରଥମ ଥର ଉପସ୍ଥାପନ ହୋଇଥିଲେ, ରାଜ୍ୟପାଳ ତାହାକୁ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପାଇଁ ପଠାଇପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ତେଣୁ କିଛି ନ କରି ବିଲ୍‌କୁ ପକାଇ ରଖିବାର ଅନୁମତି ଅନୁଚ୍ଛେଦ ୨୦୦ରେ ଦିଆଯାଇ ନାହିଁ। ତେଣୁ ରାଜ୍ୟପାଳଙ୍କୁ ୩ଟି ବିକଳ୍ପ ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବାକୁ ହେବ। ବିଲ୍‌କୁ ରାଜ୍ୟପାଳ ଚାପିରଖି ପାରିବେ ନାହିଁ କିମ୍ବା ପକେଟ ଭିଟୋ କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ୧୦ ବିଲ୍ ମଧ୍ୟରୁ କେତେକ ୨୦୨୦ ଜାନୁଆରୀରୁ ପଡ଼ିରହିଛି। ବିଧାନସଭାରେ ପୁନର୍ବାର ଗୃହୀତ ହେବା ପରେ ସେଗୁଡ଼ିକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଛି, ଯାହାକି ବେଆଇନ ଏବଂ ତ୍ରୁଟିପୂର୍ଣ୍ଣ।

ବିଲ୍ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟପାଳମାନଙ୍କ ପାଇଁ ସର୍ବୋଚ୍ଚ ଅଦାଲତ ସମୟସୀମା ଧାର୍ଯ୍ୟ କରିଛନ୍ତି। ଯଦି ରାଜ୍ୟପାଳ ବିଲ୍ ଉପରେ ସହମତ ହୁଅନ୍ତି, ତେବେ ଗୋଟିଏ ମାସ ମଧ୍ୟରେ ନିଷ୍ପତ୍ତି ଜଣାଇବେ। ଯଦି ପୁନର୍ବିଚାର ପାଇଁ ବିଲ୍‌କୁ ଫେରାଇବାକୁ ଚାହୁଁଥାନ୍ତି, ତେବେ ତାହା ୩ ମାସ ମଧ୍ୟରେ ହେବା ଆବଶ୍ୟକ। ଯଦି ବିଲ୍‌କୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ଥାଏ, ତେବେ ତାହା ମଧ୍ୟ ୩ ମାସ ମଧ୍ୟରେ ହେବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି। ଯଦି ରାଜ୍ୟପାଳ ଏହି ସମୟସୀମା ଅନୁପାଳନ ନ କରନ୍ତି, ତାଙ୍କ ନିଷ୍ପତ୍ତିକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇପାରିବ। ରାଜ୍ୟପାଳ ସମ୍ବିଧାନକୁ ଅନୁପାଳନ କରିବା ସହ ରାଜ୍ୟ ବିଧାନସଭାକୁ ସମ୍ମାନ ଦେବା ଆବଶ୍ୟକ। ରାଜନୈତିକ କାରଣକୁ ଆଧାର କରି ସେ କାର୍ଯ୍ୟ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

## ଅନୁଚ୍ଛେଦ ୧୪୨......

ପ୍ରଦାନ ସକାଶେ ରାୟ ପ୍ରକାଶ କରିବାକୁ କ୍ଷମତା ଦେଇଛି, ଯାହାକି ସାରା ଦେଶରେ ଲାଗୁ ହେବ। ଏପରି କି ପାର୍ଲାମେଣ୍ଟରେ ପ୍ରଣୀତ ଆଇନ ଭଳି ସୁପ୍ରିମକୋର୍ଟଙ୍କ ଉକ୍ତ ରାୟକୁ କାର୍ଯ୍ୟକାରୀ କରାଯାଇପାରିବ। ଯେତେବେଳେ ପ୍ରଚଳିତ ଆଇନ ପର୍ଯ୍ୟାପ୍ତ ହୋଇ ନ ଥାଏ କିମ୍ବା ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥାଏ, ସେତେବେଳେ ନ୍ୟାୟପାଳିକା ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଅନୁଚ୍ଛେଦ ୧୪୨ର ପ୍ରୟୋଗ କରିଥାଏ। କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଗାଇଡ୍‌ଲାଇନ୍ ଜାରିବେଳେ ସୁପ୍ରିମକୋର୍ଟ ଏହାର ପ୍ରୟୋଗ କରିଥିଲେ। ସେହିପରି ୧୯୮୪ର ଭୋପାଳ ଗ୍ୟାସ୍ ଟ୍ରାଜେଡି ମାମଲାରେ ମଧ୍ୟ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସକାଶେ କୋର୍ଟ ଅନୁଚ୍ଛେଦ ୧୪୨ର ଉପଯୋଗ କରିଥିଲେ।

## ମୂଳ ଲକ୍ଷ୍ୟ କଂଗ୍ରେସକୁ...

୧୯୯୭ରେ ବିଜେଡିର ଜନ୍ମ ଯେପରି ହୋଇଥିଲା, ସେହି ଢାଞ୍ଚାରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୧୯୯୭ରେ ଭାଜପାର କେନ୍ଦ୍ରୀୟ ନେତା ପ୍ରମୋଦ ମହାଜନ ଓଡ଼ିଶାରେ ଦଳର ଏକ ସ୍ୱତନ୍ତ୍ର ରାଜନୈତିକ ରାସ୍ତା ତିଆରି କରିବା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇଥିଲେ। ସେହି ସମୟରେ ରାଜ୍ୟ ରାଜନୀତିରେ ପ୍ରଭାବ ରଖୁଥିବା କେତେଜଣ ନେତାଙ୍କ ଜରିଆରେ ଭାଜପାର ପଇସା ଲଗାଇ ନବୀନଙ୍କ ଭାବମୂର୍ତ୍ତି ସୃଷ୍ଟି କରାଯାଇଥିଲା। ସେତେବେଳେ ସେହି ନେତାମାନେ ସ୍ୱପ୍ନରେ ଚିନ୍ତା କରି ନ ଥିଲେ ଯେ, ନବୀନଙ୍କ ଭାବମୂର୍ତ୍ତି ଏତେବଡ଼ ହୋଇଯିବ, ଅନ୍ୟମାନେ ସବୁ ଲିଭିଯିବେ। ବର୍ତ୍ତମାନ ସେହିଭଳି ପ୍ରତ୍ୟାଖ୍ୟାତ ନେତାଙ୍କ ଜରିଆରେ ଭାଜପା କେନ୍ଦ୍ରୀୟ ନେତାମାନେ ସମାନ ଢଙ୍ଗରେ ଗୋଟି ଚଳାଇବାକୁ ଯୋଜନା କରିଛନ୍ତି। ବିଜେଡି ଭାଙ୍ଗିଗଲେ ବିଜେଡିର ଯେଉଁ ବିଧାୟକ କି ନେତାମାନେ ଭାଜପାରେ କେବେହେଲେ ସାମିଲ ହେବେ ନାହିଁ, ସେମାନଙ୍କୁ ଏହି ୪ର୍ଥ ସାମ୍ମୁଖ୍ୟ ଜରିଆରେ ବାନ୍ଧିରଖିବା ହେଉଛି ମୂଳ ଲକ୍ଷ୍ୟ। କୌଣସି ପରିସ୍ଥିତିରେ ଯେପରି ରାଜ୍ୟରେ କଂଗ୍ରେସ ସବଳ ନ ହେବ ତାହା ହେଉଛି ବାସ୍ତବ ଉଦ୍ଦେଶ୍ୟ। ବିଜେଡିର ଏଭଳି ସ୍ଥିତିରେ ସେମାନଙ୍କ ଦଳର ବହୁ ନେତା କଂଗ୍ରେସ ଆଡ଼କୁ ମଧ୍ୟ ଢଳିବାର ସମ୍ଭାବନା ସୃଷ୍ଟି ହେଉଛି। କାରଣ ଓଡ଼ିଶାର ଗ୍ରାମାଞ୍ଚଳରେ କଂଗ୍ରେସର ସ୍ଥିତି ଦୃଢ ହେଉଥିବାର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ତରଫରୁ ଦିଲ୍ଲୀକୁ ଗତ ୨ ଦିନ ଭିତରେ ଏକାଧିକ ରିପୋର୍ଟ ଯାଇଛି। ଏହାକୁ ପ୍ରତିରୋଧ କରିବା ଲାଗି ରାଜ୍ୟର କେତେଜଣ ପ୍ରତ୍ୟାଖ୍ୟାତ ନେତାଙ୍କୁ ଭାଜପାର ଉପରସ୍ତରରୁ ବ୍ୟବହାର କରିବା ଆରମ୍ଭ ହୋଇଛି। ଏହି ଦାୟିତ୍ୱ ତୁଲାଇବା ଲାଗି ଭାଜପା ବାଛିଥିବା ନେତାମାନଙ୍କ ପାଇଁ ସାଧାରଣ ଜୀବନରେ ଆଉ ଆଗଭଳି ସେତେଟା ସୁଯୋଗ ନ ଥିବାବେଳେ ସେମାନଙ୍କୁ ଏଭଳି ଏକ ରଣନୀତି ଉପହାର ସଦୃଶ ହୋଇଛି। ରାଜ୍ୟରେ ଥିବା ଅଣଭାଜପା ଭୋଟ ଯେପରି କଂଗ୍ରେସ ଖାତାକୁ ନ ଯିବ ସେଥିପାଇଁ ଏତେବଡ଼ ଯୋଜନା ଆରମ୍ଭ ହୋଇଯାଇଛି। ନବୀନ-ପାଣ୍ଡିଆନଙ୍କୁ ଯେଉଁମାନେ ଛାଡ଼ିକି ଯାଇପାରନ୍ତି ସେମାନଙ୍କୁ ଅନ୍ୟ ଏକ ଆଞ୍ଚଳିକ ଦଳ ଜରିଆରେ ଗୋଠ ବାନ୍ଧି ରଖିବା ହେଉଛି ଏହାର ମୂଳ ଲକ୍ଷ୍ୟ। ବିହାରରେ ଭାଜପାକୁ ବଞ୍ଚାଇ ରଖିବା ପାଇଁ ନୀତୀଶ କୁମାରଙ୍କ ଦଳ ଏକ ବଡ଼ ଭୂମିକା ତୁଲାଇଆସୁଛି। ବିହାରରେ କିଛି ଭୋଟ ରହିଛି, ଯାହା ଆର୍‌ଜେଡିକୁ ନ ଗଲେ ମଧ୍ୟ କେବେହେଲେ ଭାଜପାକୁ ଯିବନାହିଁ। ହେଲେ ସେଥିରୁ ବହୁ ଭୋଟ ଜେଡିୟୁ ଜରିଆରେ ଭାଜପା ପରୋକ୍ଷରେ ନିଜ ସପକ୍ଷରେ ଆଣିପାରିଛି। ଯଦି ତାମିଲନାଡୁ କଥା ଦେଖିବା ସେଠାରେ ମଧ୍ୟ ସମାନ ସ୍ଥିତି। ସେଠାରେ ଡିଏମ୍‌କେ ଦଳର ଭୋଟ ପ୍ରତିଶତ ହ୍ରାସ କରାଇବା ଲାଗି ଏଆଇଏଡିଏମ୍‌କେକୁ ଭାଜପା ପରୋକ୍ଷରେ ସହଯୋଗ କରୁଛି। ଓଡ଼ିଶାରେ ମଧ୍ୟ ସମାନ ଢାଞ୍ଚା ଆପଣାଇବାକୁ ପ୍ରୟାସ ଆରମ୍ଭ ହୋଇଯାଇଛି। ବର୍ତ୍ତମାନର ସ୍ଥିତି ଉପରେ ଯଦି ନଜର ପକାଇବା, ୱକ୍‌ଫ ବିଲ୍ ପ୍ରସଙ୍ଗରେ ନବୀନ ନିବାସ ସହଯୋଗରେ ଯେଉଁ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କଲା ସେଥିଯୋଗୁ ଦଳର ସଂଖ୍ୟାଲଘୁ ଭୋଟର ଅସନ୍ତୁଷ୍ଟ ହୋଇଛନ୍ତି। କେବଳ ସଂଖ୍ୟାଲଘୁ ନୁହେଁ, ତାଙ୍କ ବ୍ୟତୀତ ଓଡିଶାରେ ଏକ ବଡ଼ ପ୍ରତିଶତ ଭୋଟ ଏବେ ମଧ୍ୟ ଭାଜପାକୁ ଯାଉନାହିଁ, ଯାହାକି ୨୦୨୪ ନିର୍ବାଚନରେ ଜଣାପଡ଼ିଥିଲା। ସଂଖ୍ୟାଲଘୁ ଭୋଟ ଯଦି ବିଜେଡି ଖାତାକୁ ନ ଯାଏ, ତାହା କେବେ ହେଲେ ଭାଜପାକୁ ମିଳିବନି। ତେଣୁ ସେହି ଭୋଟରମାନେ ପୁନର୍ବାର କଂଗ୍ରେସମୁହାଁ ହେବା ସ୍ୱାଭାବିକ। ବିଜେଡି ଭାଙ୍ଗିଲେ ସେହି ଭୋଟକୁ କେବଳ ଆଉ ଏକ ଆଞ୍ଚଳିକ ଦଳ ଜରିଆରେ କଂଗ୍ରେସ ପାଖକୁ ଯିବାରୁ ରୋକାଯାଇପାରିବ। ଏହିଭଳି ଆହୁରି ବହୁତ ଭୋଟ ଅଛି, ବିଜେଡି ନ ରଖିପାରିଲେ ତାହା ସିଧାସଳଖ କଂଗ୍ରେସ ଖାତାକୁ ଚାଲିଯିବ। ତାହା ଏବେ ଭାଜପା କେନ୍ଦ୍ରୀୟ ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ବିରୋଧୀ ଦଳ ଉପନେତା ତଥା ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ତାଙ୍କ ଦଳ କାହିଁକି ଭାଙ୍ଗିବ, ଏବେ ମଧ୍ୟ ତାଙ୍କ ଦଳରେ ବଳ ଅଛି। ସେ ନବୀନ-ପାଣ୍ଡିଆନଙ୍କୁ ତ୍ୟାଗକରି ଆଗକୁ ବଢ଼ିବେ କି ବୋଲି ପଚାରିବାରୁ ପ୍ରସନ୍ନ କହିଛନ୍ତି, ସେ ସନ୍ନ୍ୟାସ ତ ନେଇନାହାନ୍ତି କାହାକୁ ଛାଡ଼ିବା କଥା କ'ଣ ପାଇଁ ପଡ଼ିଛି। ରାଜନୀତି କେତେବେଳେ ସ୍ଥିର ନୁହେଁ। ପରିବର୍ତ୍ତନ ଗଣତନ୍ତ୍ରର ଲକ୍ଷଣ ବୋଲି ସେ କହିଛନ୍ତି। ପ୍ରତାପ ଜେନାଙ୍କୁ ଏନେଇ ପ୍ରଶ୍ନ କରିବାରୁ ସେ କିଛି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।




## ୧.୦୩ ଲକ୍ଷ କୋଟିର...

ପରେ ପୁଞ୍ଜିନିବେଶ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆଇଓସିଏଲ୍ ସହ ଚୁକ୍ତି ଅନୁଯାୟୀ ୫୮,୦୪୨ କୋଟି ଟଙ୍କାର ପୁଞ୍ଜି ନିବେଶ ଦ୍ୱାରା ପାରାଦୀପରେ ଡୁଆଲ୍ ଫିଡ୍ ନାପଥା କ୍ରାକର ଏବଂ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ପୂର୍ବକ ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେବ। ଏହି ପ୍ରକଳ୍ପ ୨୪ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷକରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆ ରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିସହ ରାଜ୍ୟରେ କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ଶିଳ୍ପ ସୁଦୃଢ଼ୀକରଣ ଆଶା ଉଜ୍ଜୀବିତ ହୋଇଛି। ସେହିପରି କିରି ଇଣ୍ଡଷ୍ଟ୍ରିଜ୍ ପାରାଦୀପରେ ସ୍ୱତନ୍ତ୍ର କେମିକାଲ ୟୁନିଟ୍ ସ୍ଥାପନ କରିବାକୁ ଥିବାବେଳେ ଏସ୍‌ଏଲ୍‌ଏମ୍‌ଜି ବେଭେରେଜ୍‌ସ ପ୍ରାଇଭେଟ ଲିମିଟେଡ୍ ରାଜ୍ୟରେ ବେଭେରେଜ ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାବ୍ୟତୀତ ଜଳଜାହାଜ ନିର୍ମାଣ ଓ ମରାମତି ସୁବିଧା ଓଡ଼ିଶାରେ ଉପଲବ୍ଧ କରାଇବା ପାଇଁ ଚୌଗୁଲେ ଗ୍ରୁପ୍ ପ୍ରସ୍ତୁତ ଅଛି। ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ହିମାଦ୍ରି ସ୍ପେଶିଆଲିଟି ବାଲେଶ୍ୱରରେ ଟାୟାର ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ କରିବ। ଆଇନକ୍ସ ଜିଏଫ୍‌ଏଲ୍ କେମିକାଲ ୟୁନିଟ୍ ଏବଂ ବମ୍ବେ ଡାଇଙ୍ଗ ମ୍ୟାନୁଫାକ୍ଚରିଂ କୋ. ଲିମିଟେଡ୍ ଟେକ୍ସଟାଇଲ କ୍ଷେତ୍ରରେ ପୁଞ୍ଜି ନିବେଶ କରିବ। ଏହାବ୍ୟତୀତ ଆସୋସିଏଶନ ଅଫ୍ ଇଣ୍ଡିଆନ ମାନ୍ୟୁଫାକ୍ଚର୍ସ ଅଫ୍ ମେଡିକାଲ ଡିଭାଇସେସ୍ (ଏଆଇଏମ୍‌ଇଡି), ଟଏ ଆସୋସିଏଶନ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ଷ୍ଟେଟ୍‌ସ ଇଣ୍ଡିଆ ବିଜନେଶ୍ କାଉନସିଲ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ଆଲୋଚନା ଫଳପ୍ରଦ ହୋଇଛି। ଏହା ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ କରିବା ସହ ଅର୍ଥନୀତି ଅଭିବୃଦ୍ଧିକୁ ନୂଆରୂପ ଦେବ। ସେହିପରି ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦକ୍ଷତା ବୃଦ୍ଧିରେ ମଧ୍ୟ ସହାୟକ ହେବ। କେମିକାଲ, ପେଟ୍ରୋକେମିକାଲ, ବସ୍ତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରପ୍ତାନି ବୃଦ୍ଧି କରିବ।

ଚୁକ୍ତି ସ୍ୱାକ୍ଷର ସମାରୋହରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଆଇଓସିଏଲ୍ ଚେୟାରମ୍ୟାନ ଏ.ଏସ୍. ସାହାଣୀ ମତ ରଖିଥିଲେ। ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା ଭିଡିଓ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ହରଦୀପ ସିଂହ ପୁରୀ ପ୍ରମୁଖ ରାଜ୍ୟରେ ଶିଳ୍ପ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ।

## ମେ' ଦ୍ୱିତୀୟ ସପ୍ତାହରେ...

ଭାବେ ତଦାରଖ କରୁଛନ୍ତି। ଖାତାଦେଖା ପ୍ରକ୍ରିୟାକୁ ସହଜ କରିବା ପାଇଁ କେତେକ ୟୁନିଟ୍ ଗଠନ କରାଯାଇଛି। ପ୍ରତି ୟୁନିଟ୍‌ରେ ଜଣେ ମୁଖ୍ୟ ପରୀକ୍ଷକ, ଦୁଇଜଣ ଉପ ପରୀକ୍ଷକ, ଦୁଇ ସ୍କ୍ରୁଟିନାଇଜର, ତଦାରଖ ନିମନ୍ତେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯାଇଛି। ବୋର୍ଡ ପକ୍ଷରୁ ଜଣେ କ୍ୟାମ୍ପ ଅଫିସର ମଧ୍ୟ ଦାୟିତ୍ୱରେ ରହିଛନ୍ତି। ପ୍ରତିଦିନ ମୂଲ୍ୟାୟନ ପରେ ନମ୍ବର ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରାଯାଉଛି। ଏଥିପାଇଁ ବୋର୍ଡ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିୟୋଜିତ କରାଯାଇଛି। ନମ୍ବର ଏଣ୍ଟ୍ରି ସମୟରେ ଯେପରି ତ୍ରୁଟି ନ ରୁହେ ଏଥିପ୍ରତି ଯତ୍ନବାନ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ୫,୧୦,୭୭୮ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ରାଜ୍ୟର ମୋଟ୍ ୨,୯୭୯ କେନ୍ଦ୍ରରେ ପରୀକ୍ଷା ହୋଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୭,୭୬୬ ଜଣ ଫର୍ମ ପୂରଣ କରିଥିବାବେଳେ ୧୦୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି। ଏଥିସହ ମଧ୍ୟମା ପରୀକ୍ଷା ପାଇଁ ୩,୭୯୨ ଜଣ ଫର୍ମ ପୂରଣ କରିଥିବାବେଳେ ୫୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି।

## ୨ କ୍ଷୁଦ୍ରତାରା ଧକ୍କାରେ...

'ଟାଇପ୍ ୧ଏ ସୁପରନୋଭା' ବିସ୍ଫୋରଣ ପାଇଁ ଉପଯୁକ୍ତ କରିଥାଏ। ସମ୍ପ୍ରତି ଉଭୟ ତାରା ୧୪ ଘଣ୍ଟାରେ ନିଜର ଗୋଟିଏ ଘୂର୍ଣ୍ଣନ ସମାପ୍ତ କରୁଛନ୍ତି। ଆଗାମୀ ୨,୩୦୦ କୋଟି ବର୍ଷ ପରେ ଯେତେବେଳେ, ଉଭୟେ କ୍ଷୁଦ୍ର ତାରା ପରସ୍ପରକୁ ଧକ୍କାହେବେ ସେତେବେଳେ ସେମାନଙ୍କର ଗତି ଅତ୍ୟନ୍ତ ତୀବ୍ର ହୋଇଥିବ। ସେତେବେଳେ ସେମାନେ ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ଗୋଟିଏ ଘୂର୍ଣ୍ଣନ ସମାପ୍ତ କରିବେ। ଛାୟାପଥରେ ଏହିପରି ବିସ୍ଫୋରଣ ୫୦୦ ବର୍ଷରେ ଥରେ ହୋଇଥାଏ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି।

ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ ୪ଟି ଚରଣରେ ଏହି ବିସ୍ଫୋରଣ ହେବ। ପ୍ରଥମ ଚରଣରେ ଏକ ତାରା ନିଜ ସାଥୀ ତାରାର ବସ୍ତୁତ୍ୱକୁ ଟାଣିବ। ଦ୍ୱିତୀୟ ଚରଣରେ ଉକ୍ତ ତାରାର ମୂଳ ଅଂଶରେ ବିସ୍ଫୋରଣ ହେବ ଏବଂ ଏଥିରେ ଥିବା ସାମଗ୍ରୀଗୁଡ଼ିକ ବିଭିନ୍ନ ଦିଗରେ ବିସ୍ତାରିତ ହେବ। ତୃତୀୟ ଚରଣରେ ଏହି ସାମଗ୍ରୀ ଅନ୍ୟ ଏକ ତାରା ସହ ଧକ୍କାହେବ ଫଳରେ ପୁଣିଥରେ ବିସ୍ଫୋରଣ ହେବ। ଅନ୍ତିମ ଚରଣରେ ଉଭୟ ତାରା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବେ ଏବଂ ଏକ ଉଜ୍ଜ୍ୱଳ ସୁପରନୋଭାରେ ପରିଣତ ହେବେ। ଏହି ବିସ୍ଫୋରଣର ଶକ୍ତି ସବୁଠାରୁ ଶକ୍ତିଶାଳୀ ମାନବ ନିର୍ମିତ ପରମାଣୁ ବୋମା ଅପେକ୍ଷା ହଜାର ଟ୍ରିଲିୟନ ଗୁଣା ଅଧିକ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି। ତେବେ ପୃଥିବୀଠାରୁ ବହୁ ଦୂରରେ ଥିବାରୁ ଏହା ଲୋକଙ୍କୁ କ୍ଷତି ପହଞ୍ଚାଇବ ନାହିଁ।

## ପୋଲିସ ବାରାକ୍‌ରେ...

ଜବତ କରାଯାଇଛି। ମୃତ କନଷ୍ଟେବଲ ହେଲେ ରେମୁଣା ଥାନା ଅଧୀନ ମନ୍ଦାରପୁର ଗ୍ରାମର ଯଶୋଦା ଦାସ। ପ୍ରେମଜନିତ କାରଣରୁ ଯଶୋଦା ଜୀବନ ହାରିଥିବା ସନ୍ଦେହ କରାଯାଉଛି। ତେବେ ତାଙ୍କର ମୋବାଇଲର କଲ୍ ଡିଟେଲ୍ସ ଏବଂ ହ୍ୱାଟ୍ସଆପ୍ ଚାଟ୍ ଯାଞ୍ଚ କଲେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

୨୦୨୩ ବ୍ୟାଚ୍‌ରେ କନଷ୍ଟେବଲ ଭାବେ ନିଯୁକ୍ତି ପାଇଥିଲେ ଯଶୋଦା। ସେବେଠାରୁ ବାଲେଶ୍ୱର ପୋଲିସ ବାରାକ୍‌ରେ ରହିଆସୁଥିଲେ। ଏବେ ସେ ବାଲେଶ୍ୱର ପୋଲିସ ମୁଖ୍ୟାଳୟରେ କନଷ୍ଟେବଲ ଭାବେ ଚାକିରି କରୁଥିଲେ। ସମସ୍ତଙ୍କ ସହିତ ତାଙ୍କର ଭଲ ବ୍ୟବହାର ଥିଲା। ମଙ୍ଗଳବାର ସକାଳେ ବାରାକରେ ଅନ୍ୟ ସହକର୍ମୀ ଡ୍ୟୁଟି ଯିବା ପରେ ଯଶୋଦା ରୁମ୍‌ରେ ଏକା ଥିଲେ। ସକାଳ ପ୍ରାୟ ୮ଟା ୬ମିନିଟ୍‌ରେ ଏକ ଅବସାଦଭରା ବାର୍ତ୍ତା ହ୍ୱାଟ୍ସଆପ୍‌ରେ ଷ୍ଟାଟସ ଦେଇଥିଲେ। ଏହାପରେ ନିଜ ରୁମ୍‌ରେ ପଙ୍ଖାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଅନ୍ୟ ସହକର୍ମୀମାନେ ଡ୍ୟୁଟିରୁ ଫେରି ବାରାକ୍‌ରେ ଏହା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହ କ୍ରାଇମ୍ ଡିଏସ୍‌ପି ତପସ୍ୱିନୀ କହଁର, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ, ସବ୍‌ଇନ୍ସପେକ୍ଟର ସସ୍ମିତା ମଲ୍ଲିକ ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତ କନଷ୍ଟେବଲଙ୍କ ରୁମ୍‌ରୁ ଏକ ଡାଏରୀ ଜବତ ହୋଇଛି। ସୋର ଅଞ୍ଚଳର ଜଣେ ଯୁବକଙ୍କୁ ସେ ଭଲ ପାଉଥିବା ତାଙ୍କର ସମ୍ପର୍କୀୟ ଭାଇ କହିଛନ୍ତି।

ଏ ନେଇ ଏସ୍‌ପି ରାଜପ୍ରସାଦ କହିଛନ୍ତି, ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତରେ ବ୍ୟକ୍ତିଗତ କାରଣରୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କିଛିଦିନ ଧରି ମହିଳା କନଷ୍ଟେବଲ ଜଣକ ମାନସିକ ଅବସାଦରେ ରହୁଥିଲେ। ତେବେ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

# ଲଘୁଚାପ: ୧୯ ଜିଲାରେ ବର୍ଷିବ

ଭୁବନେଶ୍ୱର,୮।୪
(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୋମବାର ସୃଷ୍ଟି ହୋଇଥିବା ଲଘୁଚାପକ୍ଷେତ୍ର ମଙ୍ଗଳବାର ଆହୁରି ଘନୀଭୂତ ହୋଇ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଆଗାମୀ ୧୨ଘଣ୍ଟା ପର୍ଯ୍ୟନ୍ତ ନିଜର ତୀବ୍ରତା ବଜାୟ ରଖିବା ସହ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ପରବର୍ତ୍ତୀ ୧୨ଘଣ୍ଟାରେ ଗତିର ଦିଗ ପରିବର୍ତ୍ତନ ସହ ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତି କରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଧୀରେ ଧୀରେ ଦୁର୍ବଳ ହୋଇପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଦେଓଗଡ଼, ରାୟଗଡ଼ା, ସୁନ୍ଦରଗଡ଼, କୋରାପୁଟ, ଅନୁଗୋଳ, ଢେଙ୍କାନାଳ ଆଦି ୧୯ଟି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାକୁ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ପବନ ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ପ୍ରମୁଖ ଶକ୍ତିପୀଠକୁ ନେଇ ହେବ ଶକ୍ତି କରିଡର: ଉପମୁଖ୍ୟମନ୍ତ୍ରୀ




ତାରାତାରିଣୀ ପୀଠରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ପୁରୁଷୋତ୍ତମପୁର,୮।୪(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ସରିଛି। ଶେଷ ପାଳିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର,ଆସିକା ବିଧାୟକ ସରୋଜ ପାଢ଼ୀ ଆସି ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡା କହିଥିଲେ, ଆଗାମୀ ଦିନରେ ଓଡିଶାର ପ୍ରମୁଖ ଶକ୍ତିପୀଠଗୁଡିକୁ ନେଇ ଏକ ଶକ୍ତି କରିଡର କରାଯିବ। ଯାଜପୁର ବିରଜାଙ୍କ ପୀଠରୁ ଆରମ୍ଭ କରି କାକଟପୁର ମା' ମଙ୍ଗଳା, ବାଣପୁର ମା ଭଗବତୀ, ଉଗ୍ରତାରା, ତାରାତାରିଣୀ, କାଳିଜାଇ, ଭୈରବୀ ଆଦି ପୀଠକୁ ନେଇ ଶକ୍ତି କରିଡର ଘୋଷଣା କରାଯିବ। ଏହାଦ୍ୱାରା ଭକ୍ତଙ୍କୁ ସହଜରେ ମା'ଙ୍କ ଦର୍ଶନ କରିବାର ସୁଯୋଗ ମିଳିବ।

ପୂର୍ବରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ତାରାତାରିଣୀ ପୀଠ ପାଇଁ ୮ କୋଟି, ତପ୍ତପାଣି ପାଇଁ ୧୧ କୋଟି, ଜିଲାର ଥିବା ନାରାୟଣୀ ପୀଠ ପାଇଁ ବି ଅର୍ଥ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ ବିଭାଗ ୬୦ କୋଟିରୁ ଅଧିକ ଟଙ୍କା ଚଳିତବର୍ଷ ଗଞ୍ଜାମ ଜିଲାକୁ ଦେଇଛି। ଏହାବାଦ ପୂର୍ତ୍ତ ଓ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏହି ଶକ୍ତି କରିଡର ପ୍ରତିଷ୍ଠା କରିବା ଦାୟିତ୍ୱ ବହନ କରିବେ। ପୂର୍ବରୁ ମନ୍ତ୍ରୀମାନଙ୍କ ପକ୍ଷରୁ ଏ ନେଇ ଦାବି ଥିଲା ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ମନ୍ତ୍ରୀ ଜେନା କହିଥିଲେ ଯେ, ଆଧାତ୍ମିକ ଶକ୍ତି ପୀଠଗୁଡିକୁ ସଂଯୋଗୀକରଣ ନେଇ ଯୋଜନା ହୋଇଛି। ଶ୍ରଦ୍ଧାଳୁମାନେ ସବୁ ଶକ୍ତିପୀଠକୁ ଅଳ୍ପ ସମୟରେ ସୁବିଧାରେ ଦର୍ଶନ କରିପାରିବା ଭଳି ବ୍ୟବସ୍ଥା ହେବ। ପ୍ରସାଦ ବ୍ୟବସ୍ଥା ମଧ୍ୟ କରାଯାଇଛି। ଚଳିତବର୍ଷ ଏକ ଡକୁମେଣ୍ଟାରୀ ଫିଲ୍ମ ବି ନିର୍ମାଣ ହୋଇଛି ବୋଲି ସେ କହିଥିଲେ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଓଡ଼ିଶାର ପ୍ରମୁଖ ଶକ୍ତିପୀଠକୁ ନେଇ ଶକ୍ତି କରିଡର ଭାବେ ଯୋଡିବା ଯୋଜନା ରହିଛି। ଓଡ଼ିଶାରୁ ଆସୁଥିବା ବାହାର ପର୍ଯ୍ୟଟକମାନଙ୍କୁ ସହଜରେ ଦର୍ଶନ କରିବା ଭଳି ସୁଯୋଗ ମିଳିବ। ପର୍ଯ୍ୟଟନ ବିଭାଗ ଏନେଇ କାର୍ଯ୍ୟକ୍ରମ ଜାରି ରଖିଛି। ପୂର୍ତ୍ତବିଭାଗ ମଧ୍ୟ ସେହି ଅନୁସାରେ ଯୋଜନା ପ୍ରସ୍ତୁତ କରିଛି। ପୀଠଗୁଡିକର ଐତିହାସିକ ବିକାଶ ଓ ଉନ୍ନତିକରଣ ଏବଂ ସଂଯୋଗୀକରଣ କରାଗଲେ ସ୍ଥାନୀୟ ଓ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଦର୍ଶନ ସୁବିଧା ହେବ। ହେଲିକପ୍ଟର ଯୋଗେ ଶକ୍ତିପୀଠଗୁଡିକର ସଂଯୋଗୀକରଣ କରିବା ଯୋଜନା ରହିଛି। ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇ ଆସନ୍ତା ୨ ବର୍ଷ ଭିତରେ ଏହାକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ଯୋଜନା ରହିଛି ବୋଲି ଆଇନ ମନ୍ତ୍ରୀ କହିଥିଲେ। ଶ୍ରଦ୍ଧାଳୁ ଯେଭଳି ବିନା ଦ୍ୱିଧାରେ ମା'ଙ୍କ ମନ୍ଦିରକୁ ଯାଇ ଦର୍ଶନ କରିପାରିବେ ସେଥିନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଥିଲେ। ଏସପି ଶୁଭେନ୍ଦୁ କୁମାର ପାତ୍ର, ପୁରୁଷୋତ୍ତମପୁର ଏସଡିପିଓ ଡ.ଦୀପକ କୁମାର ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠାରୁ ମା' ତାରିଣୀଙ୍କ ଚଇତି ପର୍ବ



ଘଟଗାଁ,୮।୪ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁସ୍ଥିତ ପ୍ରସିଦ୍ଧ ମା' ତାରିଣୀଙ୍କ ୮୯ ତମ ଚଇତି ପର୍ବ ବୁଧଠାରୁ ଆରମ୍ଭ ହେବ। ଏହି ପର୍ବ ବୁଧବାରଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ଅନୁଷ୍ଠିତ ହେବ । ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ସାତ ଦିନ ଧରି ମା' ସୁନା ବେଶରେ ସଜ୍ଜିତ ହେବେ। ସେହିପରି ତାରିଣୀ ବେଢାରେ ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଦେବୀ ସ୍ତୁତି ଓ ଗୀତା, ଭାଗବତ,ଚଣ୍ଡୀପାଠ ଓ ପାଲା ମଣ୍ଡପରେ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହେବ । ଏହି ଅବସରରେ ପାଲା ପରିବେଷଣ, ପ୍ରବଚନ, ଘୋଡା ନାଚ, ବିଭିନ୍ନ ଗ୍ରୁପ୍ ଦ୍ୱାରା ଓଡ଼ିଶୀ,ସମ୍ବଲପୁରୀ ନୃତ୍ୟ ପରିବେଷଣ ସହ ବିଶିଷ୍ଟ କଳାକାରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ।

## ୧୫ତାରିଖ ପର୍ଯ୍ୟନ୍ତ ସକାଳୁ ରାତି ପାହିବା ଯାଏ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଦିନସାରା ଅଖଣ୍ଡ ଭଜନ ସମାରୋହ ଚାଲିବ। ଏହି ଉପଲକ୍ଷେ ୫୦୦ରୁ ଊର୍ଦ୍ଧ ସ୍ୱେଚ୍ଛାସେବୀ ନିୟୋଜିତ ହେବା ସହ, ପଣା, ଚକୁଳି ପ୍ରସାଦ ବିତରଣ, ପାନୀୟ ଜଳ ଯୋଗାଣ, ପାର୍କିଂ ଆଦି ବିଭିନ୍ନ ବ୍ୟବସ୍ଥା କରାଯାଇଛି। ମନ୍ଦିର ବିଭିନ୍ନ ପାର୍ଶ୍ୱରେ ଆକର୍ଷଣୀୟ ତୋରଣ ନିର୍ମାଣ ହୋଇଛି। ଏଥିସହ ପ୍ରତ୍ୟହ ମାଗଣା ଅନ୍ନ ପ୍ରସାଦ ବିତରଣ ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

# ଜାମିନରେ ଗଲେ ଭାଜପା ନେତା, କର୍ମୀ

ବଡ଼ବିଲ,୮।୪(ଦେବପ୍ରିୟ ରଣା)

## କରୋନା ସମୟରେ ବେଆଇନ ଏକାଠି ହେବା ମାମଲା

କେନ୍ଦୁଝର ଜିଲା ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟରୁ ଭାଜପାର ବରିଷ୍ଠ ନେତା ଓ କର୍ମୀ ଜାମିନରେ ଯାଇଛନ୍ତି। ୨୦୨୦ରେ ଦେଶରେ କରୋନା ମହାମାରୀକୁ ନେଇ ସାଧାରଣ ଯାତାୟାତ, ଏକତ୍ରୀକରଣ ଓ ଅକାରଣରେ ଘରୁ ବାହାରିବାକୁ ସରକାର ପ୍ରତିବନ୍ଧକ ଲଗାଇଥିବାବେଳେ ଅମାନିଆଙ୍କ ନିମନ୍ତେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ତେବେ ବେଆଇନ ଭାବେ ଏକାଠି ହେବା ଅଭିଯୋଗରେ ଭାଜପା ନେତା ଓ କର୍ମୀଙ୍କ ବିରୋଧରେ ୨୦୨୦ ଜୁଲାଇ ୫ରେ ବଡ଼ବିଲ ଥାନାରେ ଏକ ମାମଲା(ନଂ.୯୦/୨୦) ରୁଜୁ ହୋଇଥିଲା। ଏହି ମାମଲାରେ ମଙ୍ଗଳବାର ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟରୁ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଥିବା ବରିଷ୍ଠ ଭାଜପା ନେତା ମୂରଲୀ ମନୋହର ଶର୍ମାଙ୍କ ସହ ଅନ୍ୟ କର୍ମୀମାନେ ଜାମିନରେ ଯାଇଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ଖୋର୍ଦ୍ଧା ସହକାରୀ ଜିଲାପାଳ ଗୁରୁତର

ରସୁଲପୁର/କାଏମା,୮।୪
(ରଞ୍ଜିତ ରାଉତ/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥର କୁଆଖିଆ ଥାନା ଅଧୀନ ମୂଳାପାଳ ଛକ ନିକଟରେ ମଙ୍ଗଳାବର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଖୋର୍ଦ୍ଧା ଜିଲାର ସହକାରୀ ଜିଲାପାଳ ଅଶ୍ୱିନୀ ନାୟକ ଗୁରୁତର ହୋଇଛନ୍ତି। ସେ ଭୁବନେଶ୍ୱରରୁ ଇନୋଭା କାର୍‌ରେ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ମୂଳାପାଳ ଛକ ନିକଟରେ ଏକ ଟ୍ରକ ସହ ତାଙ୍କ କାର୍ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ଗୋଡ଼ ହାତ ଭାଙ୍ଗିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତରଖାନାର ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌ରେ ତାଙ୍କୁ ଚିକିତ୍ସା କରାଯାଉଛି। ଦୁର୍ଘଟଣାରେ କାର୍ ଚାଳକ ସାମାନ୍ୟ ଆହତ ହୋଇଛନ୍ତି।

# ଘର ଭିତରେ ଝୁଲୁଛି କସନ୍ଦି ପୋଷ୍ଟମାଷ୍ଟରଙ୍କ ମୃତଦେହ

ନନ୍ଦପୁର, ୮।୪(ତୁଷାର ମହାନ୍ତି)



ପୀୟୂଷ ମିଶ୍ର

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ ବାଲଡ଼ାସ୍ଥିତ ଭଡ଼ାଘରୁ କସନ୍ଦି ପଞ୍ଚାୟତ ପୋଷ୍ଟ ମାଷ୍ଟର (ବିପିଏମ୍) ପୀୟୂଷ ମିଶ୍ର (୨୨)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମଙ୍ଗଳବାର ସକାଳୁ ମିଳିଛି। ପୀୟୂଷଙ୍କ ନିଜ ଘର ବାଲେଶ୍ୱର। ସେଠାରୁ ତାଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ଜବତ ସହ ପରବର୍ତ୍ତୀ ତଦନ୍ତ କରାଯିବ ବୋଲି ପାଢୁଆ ପୋଲିସ ସୂଚନା ଦେଇଛି। ସୂଚନାନୁଯାୟୀ, ସୋମବାର ରାତିରେ ପୀୟୂଷ ଘରେ ଥିଲେ। ମଙ୍ଗଳବାର ତାଙ୍କ ମା' ପୀୟୂଷଙ୍କୁ ବାରମ୍ବାର ଟେଲିଫୋନ କରିବା ସତ୍ତ୍ୱେ ସେ ନ ଉଠାଇବାରୁ ସେ ଘର ମାଲିକଙ୍କୁ ଫୋନ୍ କରିଥିଲେ। ଘର ମାଲିକ ଯାଇ ପୀୟୂଷଙ୍କ କବାଟ ବାଡ଼େଇ ଥିଲେ ମଧ୍ୟ ଭିତରୁ କିଛି ଉତ୍ତର ଆସି ନ ଥିଲା। ଘର ମାଲିକ ପୀୟୂଷ ମା'ଙ୍କ ପରାମର୍ଶ କ୍ରମେ ପାଢୁଆ ପୋଲିସକୁ ସୂଚନା ଦେଇଥିଲେ। ଏସ୍‌ଆଇ ଦୀପକ ବାରିକ ନିଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି କବାଟ ଓ ଝରକା ଫାଙ୍କରୁ ପୀୟୂଷଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପୀୟୂଷ ୬ ମାସ ତଳେ ନନ୍ଦପୁର ଉପ ଡାକଘର ଅଧୀନ କସନ୍ଦି ବିପିଏମ୍ ଭାବେ ନିଯୁକ୍ତି ପାଇଥିଲେ। ସେ ବାଲଡ଼ାରେ ଭଡ଼ାଘରେ ରହୁଥିଲେ। ତାଙ୍କୁ ଅଫିସ ଓ ଘର ଛଡ଼ା ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ ବୋଲି ଘର ମାଲିକଙ୍କ ସମେତ ପଡ଼ିଶାଘର ଲୋକେ କହିଛନ୍ତି। ନନ୍ଦପୁର ଉପ ଡାକଘର ପୋଷ୍ଟମାଷ୍ଟର ଏସ୍.ଜ୍ୟୋତି ପ୍ରମୁଖ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା କହିଛନ୍ତି।

# ଫାଲ୍‌କନାମା ଏକ୍ସପ୍ରେସର ୨ ବଗି ଅଲଗା ହୋଇଗଲା

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)



ଆନ୍ଧ୍ରପ୍ରଦେଶର ପଲାସା ଥାନା ଅନ୍ତର୍ଗତ ସୁମାଦେବୀ -ମଞ୍ଜୁସା ରେଳ ଧାରଣାରେ ଯାଉଥିବା ସିକନ୍ଦରାବାଦ ସୁପରଫାଷ୍ଟ 'ଫାଲ୍‌କନାମା ଏକ୍ସପ୍ରେସ' ମଙ୍ଗଳବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଦୁଇଟି ବଗିର କ୍ଲିପିଂ କଟିଯିବାରୁ ଟ୍ରେନଟି ଦୁଇ ଭାଗ ହୋଇଯାଇଥିଲା। ଏଥିରେ କୌଣସି ଯାତ୍ରୀ କିମ୍ବା କର୍ମଚାରୀ ଆହତ ହୋଇନାହାନ୍ତି। ପଲାସା ଡିଭିଜନ ରେଳ ବିଭାଗର ସି ଆଣ୍ଡ ଇର କର୍ମଚାରୀମାନେ ପହଞ୍ଚି ମରାମତି କରିଥିଲେ। ଏ-୧ ଏସି ବଗିରେ ଯାତ୍ରା କରୁଥିବା ପ୍ରାୟ ୪୬ ଜଣ ଯାତ୍ରୀଙ୍କୁ ଅନ୍ୟ ଏକ ଏସି ବଗିରେ ବସିବାକୁ କୁହାଯାଇଥିଲା। ଟ୍ରେନଟି ସେଠାରେ ପ୍ରାୟ ୩ ଘଣ୍ଟା ଅଟକି ରହିଥିଲା। ମରାମତି ସରିବା ପରେ ଗନ୍ତବ୍ୟ ସ୍ଥଳକୁ ବାହାରିଥିଲା ବୋଲି ପଲସା ଜିଆରପି ଥାନାଧିକାରୀ ଶେଖ ସରିଫ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସିକନ୍ଦରାବାଦରୁ ହାୱାଡା ଅଭିମୁଖେ ବାହାରିଥିବା ଫାଲକନାମା ଏକ୍ସପ୍ରେସ ମଙ୍ଗଳବାର ସକାଳ ୭ଟାରେ ପଲସା ରେଳ ଷ୍ଟେଶନ ଛାଡିଥିଲା। ସୁମାଦେବୀ -ମଞ୍ଜୁସା ମଧ୍ୟରେ ଟ୍ରେନଟି ଦୁଇ ଭାଗ ହୋଇଯାଇଥିଲା। ଟ୍ରେନଟି ଏ-୧ ବଗି ଛାଡି ଚାଲିଯାଇଥିଲା। ସେଥିରେ ବସିଥିବା ଯାତ୍ରୀମାନେ ଏହି ଦୃଶ୍ୟ ଦେଖି ଭୟଭୀତ ହୋଇଯାଇଥିଲେ। ଯାତ୍ରୀ ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ସୂଚନା ଦିଆଯାଇଛି।

# ବାଂଶପାଳରୁ ଜାପାନ ଯାତ୍ରା

## ଆଦିବାସୀ ଛାତ୍ର ସମ୍ବିତଙ୍କ ସଫଳତା

କେନ୍ଦୁଝର(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ), ୮।୪




ସମ୍ବିତ ମୁଣ୍ଡା

ଦଶମ ଶ୍ରେଣୀ ଆଦିବାସୀ ଛାତ୍ର ସମ୍ବିତ ମୁଣ୍ଡା ୭ ଦିନିଆ ଜାପାନ ଯାତ୍ରା କରିବାକୁ ସୁଯୋଗ ପାଇଛନ୍ତି। କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଗଦାଧରପୁରଠାରେ ଥିବା ଶ୍ରୀଗୁରୁକୁଳ ସ୍କୁଲରେ ହୋଇଥିବା ଏକ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାଗ ନେଇ ଶ୍ରେଷ୍ଠ ବିଜେତା ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ଚଳିତମାସ ୧୯ ତାରିଖରେ ସେ ଯାତ୍ରା କରିବେ। ଯେଉଁଥିରେ ଛାତ୍ରୀଛାତ୍ରୀମାନେ ଜାପାନର ଶିକ୍ଷା, ସଂସ୍କୃତି ଏବଂ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଅଧିକ ଜାଣିପାରିବେ। ଉଲ୍ଲେଖଯୋଗ୍ୟ ଯେ, ମେଟା ଲର୍ନ ଇନସ୍ପାୟାର ପ୍ରାଇଭେଟ ଲିମିଟେଡ ଦ୍ୱାରା ଆୟୋଜିତ ଇଣ୍ଡୋ-ଜାପାନ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ସମ୍ବିତ ଭାଗ ନେଇଥିଲେ।

# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ପରଲୋକ

ଢେଙ୍କାନାଳ,୮।୪(ରତନ ନାୟାର)



ଢେଙ୍କାନାଳ ଜିଲା ପୂର୍ବ ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଭଞ୍ଜଙ୍କର ସୋମବାର ବିଳମ୍ବିତ ରାତିରେ ତାଙ୍କର ମୀନାବଜାରସ୍ଥିତ ନିଜସ୍ୱ ବାସଭବନର ପରଲୋକ ହୋଇଯାଇଛି । ତାଙ୍କୁ ୮୭ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର କନିଷ୍ଠ ପୁତ୍ର ପ୍ରଶାନ୍ତ ଭଞ୍ଜଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଖବରପାଇ ପୂର୍ବତନ ବିଧାୟକ ସରୋଜ କୁମାର ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ବାସଭବନକୁ ଯାଇ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣକରି ଶେଷଦର୍ଶନ କରିଥିଲେ। ସେ ୧୯୭୯ରୁ ୧୯୮୪ ପର୍ଯ୍ୟନ୍ତ ଢେଙ୍କାନାଳ ପୌର ପରିଷଦର ଅଧ୍ୟକ୍ଷ ଥିଲେ। ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଗଁଦିଆର ବିଧାୟକ ଥିଲେ । ସେହିପରି ଅବିଭକ୍ତ ଢେଙ୍କାନାଳ ଜିଲାର ୩ ଥର ଜିଲା କଂଗ୍ରେସ ସଭାପତି ଦାୟିତ୍ୱରେ ରହିଥିଲେ । ୧୯୯୬ରୁ ୧୯୯୯ ପର୍ଯ୍ୟନ୍ତ ସେ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକଶନର ଅଧ୍ୟକ୍ଷ ଥିଲେ। ସେ ଗଁଦିଆ ନିର୍ବାଚନମଣ୍ଡଳୀରେ ବିଧାୟକ ଥିବା ସମୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ସେ ମଧ୍ୟ ଜଣେ ବିଶିଷ୍ଟ ହକି ଖେଳାଳି ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ହକି ଦଳରେ ସେ ସାମିଲ ହୋଇ ବହୁ ସୁନାମ ଅର୍ଜନ କରିଥିଲେ । ଜିଲା କ୍ରୀଡ଼ା ସଂସଦର ସଦସ୍ୟ ରହିଥିଲେ । ଏଥିସହ ମୀନାବଜାର ଲକ୍ଷ୍ମୀପୂଜା କମିଟିର ଦୀର୍ଘଦିନ ଧରି ଅଧ୍ୟକ୍ଷ ରହିଥିଲେ । ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଜିଲା କ୍ରୀଡା ସଂସଦ, ପୌର କାର୍ଯ୍ୟାଳୟ ଆଦିକୁ ନିଆଯିବା ପରେ ସୁଆଗୀ ଶ୍ମଶାନଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ହିମାଳୟନ ନାଗଟିବା ଆରୋହଣ କଲେ କଳାହାଣ୍ଡିର ୨୬ ପର୍ବତାରୋହୀ

## ୧୦ହଜାର ଫୁଟ ଶିଖରରେ ଜାତୀୟ ପତାକା ଉଡ଼ାଇଲେ

ଭବାନୀପାଟଣା,୮।୪
(ଉତ୍ତମ କୁମାର ଦାଶ)




ହିମାଳୟନ ନାଗଟିବା ଶିଖରରେ କଳାହାଣ୍ଡିର ୨୬ ପର୍ବତାରୋହୀ।

ଉତ୍ତରାଖଣ୍ଡ ରାଜ୍ୟର ହିମାଳୟନ ନାଗଟିବା ଟ୍ରେକିଂ ଅଭିଯାନରେ କଳାହାଣ୍ଡି ଜିଲାର ୨୬ ଜଣିଆ ଦୁଃସାହସିକ ପର୍ବତାରୋହୀ ଦଳ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅଭିଯାନ ଗତ ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବାବେଳେ ୧୧ ଏପ୍ରିଲରେ ଶେଷ ହେବ। ଏହି ଟ୍ରେକିଂ ଅଭିଯାନ ହେଉଛି ଓଡିଶାର ପ୍ରଥମ ଆଇଏମ୍‌ଏଫ୍ ଅନୁମୋଦିତ। ଦୁଃସାହସିକ ପର୍ବତାରୋହଣ କାର୍ଯ୍ୟକ୍ରମ ଡେରାଡୁନରୁ ଆରମ୍ଭ ହୋଇ ପନତବାଡି ଦେଇ ବେସ୍ କ୍ୟାମ୍ପରେ ପହଞ୍ଚିବା ପରେ ୫ ଏପ୍ରିଲ ଭୋର ୪ଟାରେ ହିମାଳୟନ ଅଭିମୁଖେ ଯାତ୍ରା କରିଥିଲେ। ପ୍ରାୟ ସାଢେ ୮ ଘଣ୍ଟା ପର୍ବତାରୋହଣ କରିବା ପରେ ମଧ୍ୟାହ୍ନ ସାଢେ ୧୨ଟାରେ ୧୦ହଜାର ଫୁଟ ଉଚ୍ଚତା ବିଶିଷ୍ଟ ହିମାଳୟନ ନାଗଟିବାରେ ସଫଳତାର ସହିତ ପହଞ୍ଚିଥିଲେ। ସେଠାରେ ସେମାନେ ଜାତୀୟ ପତାକା ଉଡାଇବା ସହିତ ମା' ମାଣିକେଶ୍ୱରୀ, ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର କରିଥିଲେ। ଏହି ୨୬ ଜଣିଆ ଟିମରେ ୨୦ ଜଣ ଦୁଃସାହସିକ କ୍ରୀଡାବିତ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୬ ଜଣ ଅଫିସିଆଲ ରହିଥିଲେ। ଏହି ଅଭିଯାନରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡାସ୍ଥିତ ରିଷିଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବିକାଶ ଗହୀର, ରଞ୍ଜୁ ରଣା, ମଧୁସ୍ମିତା ସାହୁ, ତନୁଶ୍ରୀ ସାହୁ, ମଦନପୁର ରାମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ସସ୍ମିତା ରଣା, ପୂଜା ଭୋଇ, ପ୍ରତିମା ପାତ୍ର, ଜୟଦୁର୍ଗା ଉଚ୍ଚ ବିଦ୍ୟାପୀଠ ମଦନପୁର ରାମପୁରରୁ ଅଶ୍ୱିନୀ ଡୁଙ୍ଗରୀ, ନର୍ଲା ବ୍ଲକ ତୁଲାପଡାସ୍ଥିତ ବିଜୟାନନ୍ଦ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଅଜୟ ମାଝୀ, ଗୀତାଞ୍ଜଳି ମାଝୀ, ସରିତା ଦୀପ, ନର୍ଲା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପୁଷ୍ପରାଜ ପୋଢ, ରୁବିନା ବାଗ, ରୁପ୍ରାରୋଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରିୟଙ୍କା ପୁଟେଲ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୁପ୍ରାରୁ ଅଷ୍ଟମ ଶ୍ରେଣୀ ଛାତ୍ର ରାଜ ମାଝୀ, ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଘନଶ୍ୟାମ କୁମାର, ରାହୁଲ ବେମାଲ, ଜୁଲି ସାହୁ ପ୍ରମୁଖ ରହିଥିଲେ। ଉକ୍ତ ଅଭିଯାନରେ ଏଭେରେଷ୍ଟ ଆରୋହୀ ତଥା ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ ନେତୃତ୍ୱ ନେଇଥିବା ବେଳେ ବରିଷ୍ଠ ପର୍ବତାରୋହୀ ପ୍ରଶିକ୍ଷକ ରୋମାଞ୍ଚଳ ଭୋଇ, ଧନପତି ବାଗ, ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡକ୍ଟର ଘନଶ୍ୟାମ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଛାତ୍ରୀଙ୍କୁ ଗାଇଡ କରିବା ପାଇଁ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଅଧ୍ୟାପିକା ରୋଜ ମେରି ରଶ୍ମିତା ଏକା ତଥା ବରଗଡର ଦୁଃସାହସିକ ଗାଇଡ ପୂଜା ପ୍ରଧାନ ରହିଥିଲେ। ବେଦାନ୍ତ ଆଲୁମିନିୟମ ଏହି ଅଭିଯାନର ପ୍ରାୟୋଜକ ରହିଥିବାବେଳେ ଭବାନୀପାଟଣା ବିକାଶ ଗ୍ରୁପ ଅଫ ଶିକ୍ଷାନୁଷ୍ଠାନ, କଳାହାଣ୍ଡି ଜିଲାପାଳ ଓ ଲୋକ ସଭା ସାଂସଦ ମାଳବିକା ଦେବୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆସନ୍ତା ୧୧ ତାରିଖରେ ଏହି ଦଳ କଳାହାଣ୍ଡିକୁ ଫେରିବେ ବୋଲି ଜଣାପଡିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
PVC/HDPE Factory in Bhubaneswar having ISI Licence wish to recruit experienced (3 years above) Staff in Office/ Production/Sales (Part Time/ Commission Basis Welcome).
Contact: 9439008838
Email: konarkgroup583@gmail.com

APPOINTMENT
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

A Reputed Garment Distribution House needs the following people:
• SENIOR MARKETING MANAGER - 1
• MARKETING EXECUTIVE - 2 • MASTER IN MIS & AI - CHAT GPT - 1 • PERSONAL SECRETARY - 1
• CRM EXECUTIVE - 1 • DRIVER - 1
Walk in Interview on 11th April, 12 P.M. to 6 P.M.
SUNCITY, PCH - C-01, Grand Bazar,
Beside Nayara Petrol Pump, Phulnakhara, Contact - 8328899459

JOB OPPORTUNITIES

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:
ବିଜ୍ଞାପନ ସଂ. CRPD/SCO/2025-26/02

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଡିନ, ଏସ୍ ବି ଆଇ ଏଲ କୋଲକାତା | 01 | ଚୁକ୍ତିନାମା |
| 2 | ଏକ୍ସଟାରନାଲ ଫ୍ୟାକଲ୍ଟି, ଏସ୍ ବି ଆଇ ଏଲ କୋଲକାତା | 03 | ଚୁକ୍ତିନାମା |
| 3 | ମାର୍କେଟିଂ ଏକ୍ସିକ୍ୟୁଟିଭ୍, ଏସ୍ ବି ଆଇ ଏଲ କୋଲକାତା | 01 | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.04.2025 ରୁ 22.04.2025 ପର୍ଯ୍ୟନ୍ତ ।
ସ୍ଥାନ: ମୁମ୍ବାଇ
ତାରିଖ: 02.04.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। –ଶ୍ରୀଅରବିନ୍ଦ



# ବଦଳୁ ବ୍ୟବସ୍ଥା

ରାଜ୍ୟପାଳ ହେଉଛନ୍ତି ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଓ ରାଷ୍ଟ୍ରପତିଙ୍କ ପ୍ରତିନିଧି ଭାବେ କାମ କରିଥାନ୍ତି। ରାଜ୍ୟରେ ନିର୍ବାଚିତ ସଂଖ୍ୟାଗରିଷ୍ଠ ଦଳର ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଥାନ୍ତି। ଏଣୁ ରାଜ୍ୟରେ ନିର୍ବାଚିତ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ସମନ୍ୱୟ ଓ ସୁସମ୍ପର୍କ ରହିଲେ ଶାସନ ଠିକ୍ ବାଟରେ ଚାଲେ। ଯେବେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହେ, ସେବେ ଶାସନ ବାଟବଣା ହେବା ଥୟ। ତାମିଲନାଡୁରେ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ୭ ମେ ୨୦୨୧ରେ କ୍ଷମତାକୁ ଆସିବା ପରେ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ମଧ୍ୟରେ ବିବାଦ ଲାଗିରହିଛି। ରାଜ୍ୟପାଳ ମଧ୍ୟ ତାମିଲନାଡୁ ବିଧାନସଭାରେ ବିଭିନ୍ନ ସମୟରେ ପାରିତ ହୋଇଥିବା ୧୦ଟି ବିଲ୍‌କୁ ମଞ୍ଜୁରୀ ନ ଦେଇ ପକାଇ ରଖିଥିଲେ। ଫଳରେ ତାମିଲନାଡୁ ସରକାର ଏହା ବିରୋଧରେ ୨୦୨୩ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିଏମ୍‌କେ ସରକାରଙ୍କ ଅଭିଯୋଗର ଶୁଣାଣିକରି ଜଷ୍ଟିସ୍ ଜି.ବି. ପର୍ଡିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ୧୦ ଫେବୃଆରୀରେ ରାୟ ସଂରକ୍ଷିତ ରଖିଥିଲେ। ଏପ୍ରିଲ ୮ରେ ଏହି ରାୟ ପ୍ରକାଶକରି ଶୀର୍ଷ ଅଦାଲତ କହିଛନ୍ତି, ରାଜ୍ୟପାଳ କୌଣସି ବିଲ୍‌କୁ ରୋକିପାରିବେ ନାହିଁ। ରାଜ୍ୟପାଳ ତାହାକୁ ମଞ୍ଜୁରୀ ଦେଇପାରନ୍ତି କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇପାରନ୍ତି। କିନ୍ତୁ ବିଧେୟକକୁ ଦ୍ୱିତୀୟ ଥର ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ କହି ତାହାକୁ ରୋକିପାରିବେ ନାହିଁ। ଏହା ସହ କୋର୍ଟ ଦର୍ଶାଇଛନ୍ତି, ରାଜ୍ୟପାଳ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ନ ଦେବା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଏବଂ ୧୦ଟି ବିଲ୍‌କୁ ଅନୁମୋଦନ ନ କରିବା ବେଆଇନ ଓ ମନମୁଖି କାମ। ଉଲ୍ଲେଖଯୋଗ୍ୟ, ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ କୌଣସି ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଲ୍‌କୁ ସହମତି ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଇବାର ନିୟମ ରହିଛି। ଏହା ଉପରେ ରାଜ୍ୟପାଳ ସହମତି ଦେଇପାରିବେ କିମ୍ବା ବିଲ୍‌କୁ ସ୍ଥଗିତ ରଖିପାରିବେ ଅବା ରାଷ୍ଟ୍ରପତିଙ୍କ ଦ୍ୱାରା ବିଚାର ପାଇଁ ବିଧେୟକକୁ ସଂରକ୍ଷିତ ରଖିପାରିବେ। ଏଥିସହ ରାଜ୍ୟପାଳ ଅର୍ଥ ବିଲ୍ ଭିନ୍ନ ଯେକୌଣସି ବିଲ୍‌ର ପୁନର୍ବିଚାର ପାଇଁ ବିଧାନସଭାକୁ ଫେରାଇପାରିବେ। ଯଦି ବିଧାନସଭା ସେହି ବିଧେୟକକୁ ସଂଶୋଧନ କିମ୍ବା ବିନା ସଂଶୋଧନରେ ପୁନର୍ବାର ରାଜ୍ୟପାଳଙ୍କ ନିକଟକୁ ପଠାଏ, ସେଭଳି କ୍ଷେତ୍ରରେ ରାଜ୍ୟପାଳଙ୍କୁ ସମ୍ମତି ପ୍ରଦାନ କରିବାକୁ ପଡ଼ିବ। ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି ସେଥିରେ ତାମିଲନାଡୁ ରାଜ୍ୟପାଳ ଅନେକାଂଶରେ ତାଙ୍କ କ୍ଷମତା ବହିର୍ଭୂତ ନିଷ୍ପତ୍ତି ନେଇଥିବା ଦର୍ଶାଇଛନ୍ତି। ତେଣୁ ଶୀର୍ଷ ଅଦାଲତଙ୍କ ଏହି ରାୟକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଐତିହାସିକ କହିବା ସହ ଏହା କେବଳ ତାମିଲନାଡୁର ନୁହେଁ, ବରଂ ସବୁ ରାଜ୍ୟର ବିଜୟ ବୋଲି ଦର୍ଶାଇଛନ୍ତି। ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଭାରତର ସଂଘୀୟ ବ୍ୟବସ୍ଥାରେ ତାମିଲନାଡୁ ସଂଘର୍ଷର ଏହା ଏକ ଉଲ୍ଲେଖନୀୟ ବିଜୟ।

କେରଳ କ୍ୟାଡରର ପୂର୍ବତନ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ଆର୍.ଏନ୍. ରବି ତାମିଲନାଡୁର ରାଜ୍ୟପାଳ ଭାବେ ୯ ସେପ୍ଟେମ୍ବର ୨୦୨୧ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ମେଘାଳୟ ଓ ନାଗାଲାଣ୍ଡର ରାଜ୍ୟପାଳ ରହିଥିଲେ। କିନ୍ତୁ ତାମିଲନାଡୁରେ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ସହ ବିବାଦ ଆରମ୍ଭ ହୋଇଥିଲା। ଏଥିରୁ ବୁଝାପଡ଼ିଥିଲା ଯେ, କେନ୍ଦ୍ର ଭାଜପା ସରକାରର ଇଙ୍ଗିତରେ ରବି ପ୍ରତ୍ୟେକଟି କାର୍ଯ୍ୟ କରୁଛନ୍ତି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କର ଭୂମିକା ଅତ୍ୟନ୍ତ ସୀମିତ। ଏହା ସତ୍ୟ ଯେ, ସମ୍ବିଧାନରେ ରାଜ୍ୟପାଳଙ୍କର କ୍ଷମତାକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେଉଁଥିରେ ସେହି ପଦବୀରେ ମନୋନୀତ ହୋଇଥିବା ବ୍ୟକ୍ତି ନିର୍ବାଚିତ ମନ୍ତ୍ରିମଣ୍ଡଳର ସୁପାରିସକୁ ସମ୍ପୂର୍ଣ୍ଣ ଭାବେ ଶୁଣିବା ପାଇଁ ବାଧ୍ୟନୁହନ୍ତି। ଅନ୍ୟପଟେ ଏହା ମଧ୍ୟ ମାନିକରି ଚଳିବାକୁ ହେବ ଯେ, ଏହିସବୁ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କୁ ଦରମା ସାଧାରଣ ନାଗରିକଙ୍କଠାରୁ ଆଦାୟ କରାଯାଇଥିବା ଟିକସରୁ ଦିଆଯାଉଛି। ସେଥିପାଇଁ ସବୁ ରାଜ୍ୟରେ ସାଧାରଣ ନାଗରିକଙ୍କ ଭୋଟରେ ଜିତି ସରକାର ଗଢ଼ିଥିବା ଦଳ ସେହିମାନଙ୍କର ଇଚ୍ଛା ପୂରଣ କରିବା ପାଇଁ କାର୍ଯ୍ୟ କରିଥାଏ। କୌଣସି ରାଜନୈତିକ ଦଳ ଲୋକ ବିରୋଧୀ ଆଭିମୁଖ୍ୟ ରଖି ସରକାର ଚଳାଇପାରିବ ନାହିଁ। ତେଣୁ ସମ୍ବିଧାନର ଉର୍ଦ୍ଧ୍ୱକୁ ଯାଇ ଦୃଷ୍ଟି ପକାଇଲେ ଏହା ସ୍ପଷ୍ଟ ହୁଏ ଯେ, ରାଜ୍ୟପାଳଙ୍କର ପ୍ରତ୍ୟେକଟି କାର୍ଯ୍ୟ ତାଙ୍କ ରାଜ୍ୟର ମନ୍ତ୍ରିମଣ୍ଡଳର କହିବା ଅନୁଯାୟୀ ହେବା ଦରକାର। ରବିଙ୍କ ଭଳି ଆଜୀବନ ଚାକିରି କରିଆସିଥିବା ବ୍ୟକ୍ତି ନିଜକୁ ସ୍ୱାଧୀନ ଭାବିବା ଅସମ୍ଭବ। ତେଣୁ ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ ନିର୍ଦ୍ଦେଶ ଦ୍ୱାରା ହୋଇଥାଏ। ସେହିଭଳି ରାଜ୍ୟପାଳ କେବଳ ଆଜିର ଭାଜପା ସରକାର ବେଳେ ସୀମିତ ନୁହେଁ। ପୂର୍ବରୁ କଂଗ୍ରେସ ସରକାର ସମୟରେ ମଧ୍ୟ ରାଜ୍ୟପାଳମାନେ ବିଭିନ୍ନ ରାଜ୍ୟରେ ଅଗଣତାନ୍ତ୍ରିକ କାର୍ଯ୍ୟ କରିଥିବାର ଉଦାହରଣ ରହିଛି।

କିଛି ଦଶନ୍ଧି ପୂର୍ବେ ରାଜ୍ୟପାଳ ପଦବୀକୁ ଉଠାଇଦେବା ପାଇଁ କେତେଜଣ ରାଜନୈତିକ ନେତା ମତ ଦେଇଥିଲେ। ଏହି ମତକୁ ସବୁ ଜାତୀୟ ଦଳ ମିଳିତ ଭାବେ ବିରୋଧକରିବା ପଛରେ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ବୁଝାପଡ଼ିଥିଲା। ଆଜିର ସ୍ଥିତିରେ ତାମିଲନାଡୁ ସହ କେରଳ, ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଭଳି ରାଜ୍ୟର ରାଜ୍ୟପାଳମାନେ ଅନୁରୂପ ଚରିତ୍ର ପ୍ରଦର୍ଶନ କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ଦଳ କେନ୍ଦ୍ରରେ ଶାସନରେ ରହିବ, ତାହା ଦ୍ୱାରା ମନୋନୀତ ରାଜ୍ୟପାଳମାନେ ସରକାରଙ୍କୁ ହଇରାଣ କରିବା କଥା ଏକ ପ୍ରକାର ଥୟ। ସେଥିପାଇଁ ଏହି ବ୍ୟବସ୍ଥାରେ ଅତିଶୀଘ୍ର ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ଦେଖାଦେଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 7 | | | |
| | | 3 | 9 | 6 | | 4 | | |
| | | 5 | 8 | | | | 2 | |
| | | | 1 | | 5 | | 4 | |
| | 5 | 9 | | 4 | | | | |
| | | | | | | | | |
| | 9 | 6 | 2 | 3 | | | | |
| 2 | | 4 | | | | | 5 | |
| | | | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 1 | 8 | 7 | 2 | 5 | 3 |
| 2 | 8 | 1 | 3 | 6 | 5 | 4 | 9 | 7 |
| 3 | 5 | 7 | 9 | 4 | 2 | 6 | 1 | 8 |
| 5 | 4 | 6 | 2 | 3 | 9 | 8 | 7 | 1 |
| 7 | 1 | 2 | 8 | 5 | 6 | 3 | 4 | 9 |
| 8 | 9 | 3 | 4 | 7 | 1 | 5 | 2 | 6 |
| 4 | 2 | 8 | 7 | 1 | 3 | 9 | 6 | 5 |
| 1 | 3 | 5 | 6 | 9 | 4 | 7 | 8 | 2 |
| 6 | 7 | 9 | 5 | 2 | 8 | 1 | 3 | 4 |

ଗତକାଲିର ଉତ୍ତର

# ଛଦ୍ମ ଭିକାରି



ବୈକୁଣ୍ଠନାଥ ମିଶ୍ର

ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ସମୟ ଥିଲା, କୃଷିଜୀବୀମାନେ ଥିଲେ ଏ ଦେଶର ପୃଷ୍ଠପୋଷକ। କୃଷକଟି ବିଲରେ ଖଟି ହିଡ଼ମାଟି ହିଡ଼ରେ ଲଦି ଯାହା ଅମଳ କରୁଥିଲା, ସେଥିରେ ଯେନତେନ ପ୍ରକାରେ ଚଳିଯାଉଥିଲା। ବର୍ଷତମାମ କୃଷି କର୍ମରେ ଲିପ୍ତ ରହି ମଧ୍ୟ ଅଭାବ ମେଣ୍ଟୁ ନ ଥିଲା। ଆବଶ୍ୟକସ୍ଥଳେ ଜମିଦାର, ସାହୁକାର ଓ ମହାଜନଠାରୁ ଋଣ କରୁଥିଲା। ମୂଳକଥା ଛାଡ଼ ସୁଧ ଗଣ୍ଡାକ ମଧ୍ୟ ପଇଠ କରିବାରେ ସେ ଥିଲା ଅକ୍ଷମ। ମହାଜନ ଚକ୍ରବୃଦ୍ଧି ସୁଧ ଆଦାୟ କରି କୁବେର ପାଲଟୁଥିବା ବେଳେ ବିଚାରା ଚାଷୀଟି ସର୍ବସ୍ୱାନ୍ତ ହେଉଥିଲା। ତା’ ସହ ମହାଜନ ଓ ଜମିଦାରଙ୍କର ଅଜବ ହିସାବ ଥିଲା କୃଷକର ଦାରିଦ୍ର୍ୟର ଅନ୍ୟତମ କାରଣ। ଉଦାହରଣ ସ୍ୱରୂପ ଜମିଦାର ଶହେଟଙ୍କା ଦେଇ କହୁଥିଲା– ‘ମୁଁ ଦେଲି ଶହେ, ତୁ ନେଲୁ ଶହେ’। ସମୁଦାୟ ହେଲା ଦୁଇଶହ। ଚାଲିଲା ଦୁଇଶହ ଟଙ୍କାର ହିସାବ। ବିଚାରା କୃଷକ ସେ ହିସାବ ବୁଝିପାରୁ ନ ଥିଲା କିମ୍ବା ବୁଝିଲେ ମଧ୍ୟ ନିରୁପାୟ ଭାବେ ନୀରବ ରହୁଥିଲା। ଶେଷରେ ଜମିବାଡ଼ି, ଏପରିକି ଘରଡିହ ଖଣ୍ଡକ ହାତଛଡ଼ା ହେଉଥିଲା। ଜମିଦାରଙ୍କ କ୍ଷେତରେ ଖଟି ଦୁଃଖରେ ଚଳୁଥିଲା। କବି ସଚ୍ଚି ରାଉତରାୟ ତାଙ୍କର ପ୍ରସିଦ୍ଧ କବିତା ‘ଛୋଟ ମୋର ଗାଆଁ ଟି’ରେ ଏହାକୁ ସୁନ୍ଦର ଭାବେ ପରିବେଷଣ କରିଛନ୍ତି:–

ପ୍ରତାପଶାଳୀ ସାମନ୍ତରାୟ–
ଗାଁରେ କଲେ ଏମନ୍ତରାୟ
ଦେଏଣାଭାରେ ସକଳେ ହାୟ–
ରେଙ୍ଗୁନ୍ ଭୂଇଁ ଧାଆନ୍ତି
ଛୋଟ ମୋର ଗାଆଁ ଟି ॥

କୃଷକଟି ନିଃସ୍ୱ ହେଲା ପରେ ବାଧ ହୋଇ ପେଟ ପୋଷିବା ପାଇଁ ବିଦେଶ ପଳାଉଥିଲା। ସେ ସମୟରେ ମଣିଷ ଏତେ କଷ୍ଟରେ ଥାଇ ସୁଦ୍ଧା ଅଭାବ ପାଇଁ ସ୍ୱଭାବ ହରାଉ ନ ଥିଲା। ଚୋରି କରୁ ନ ଥିଲା କି ଭିକ ମାଗୁ ନ ଥିଲା। ଭିକ୍ଷାବୃତ୍ତିକୁ ମର୍ଯ୍ୟାଦାହୀନ, ଅସମ୍ମାନଜନକ ଓ ଘୃଣ୍ୟ ବୋଲି ବିବେଚନା କରୁଥିଲା। ମାଗି ଖାଇବା ଅପେକ୍ଷା ଲାଗି ଖାଇବାକୁ, ଲୁଟି ଖାଇବା ଅପେକ୍ଷା ଖଟି ଖାଇବାକୁ ସେ ପସନ୍ଦ କରୁଥିଲା। କିନ୍ତୁ ସମୟର ବିଘଟନ ଓ ପାରିବେଶିକ ଅସନ୍ତୁଳନ ପ୍ରଭାବରୁ କ୍ରମେ ଏ ଜାତି ତା’ ମହାନ୍ ସ୍ୱାଭିମାନଭରା ପରମ୍ପରାରୁ ବିଚ୍ୟୁତ ହେଲା। ଲୁଟିବା, ଠକିବା ଏପରିକି ଛଦ୍ମ ଭାବରେ ଭିକ୍ଷାବୃତ୍ତିକୁ ଆଦରି ନେବାରେ କୁଣ୍ଠାବୋଧ କଲାନାହିଁ। କେବଳ କିଛି ଭିନ୍ନକ୍ଷମ, ରୋଗଗ୍ରସ୍ତ ବ୍ୟକ୍ତି ଭିକ୍ଷା କରୁଥିଲେ, ଯାହାଙ୍କ ପ୍ରତି ସମାଜ ସମ୍ବେଦନଶୀଳ ଥିଲା। ଶାସ୍ତ୍ର କହେ –

ବାଣିଜ୍ୟେ ବସତେ ଲକ୍ଷ୍ମୀ ତଦର୍ଦ୍ଧଂ କୃଷି କର୍ମଣି
ତଦର୍ଦ୍ଧଂ ରାଜସେବୟାଂ ଭିକ୍ଷାଂ ନୈବ ଚ ନୈବ ଚ।

ଅର୍ଥାତ୍ ବାଣିଜ୍ୟ ବ୍ୟବସାୟରେ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ତା’ର ଅର୍ଦ୍ଧେକ କୃଷି କର୍ମରେ। ତା’ର ଅର୍ଦ୍ଧେକ ରାଜସେବାରେ। କିନ୍ତୁ ଭିକ୍ଷା ଯାଚନାରେ ଆଦୌ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ନାହିଁ। ହେଲେ ସମ୍ପ୍ରତି କେତେକ ସୁସ୍ଥ ସବଳ ବ୍ୟକ୍ତି ଭିକ୍ଷାବୃତ୍ତିକୁ ଆପଣେଇଛନ୍ତି। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ, ଭାରତରେ ମୋଟ ଭିକାରି ସଂଖ୍ୟା ଥିଲା ୪ ଲକ୍ଷ ୧୩ ହଜାର ୬୭୦। ସେହି ରିପୋର୍ଟ କହେ, ଓଡ଼ିଶାରେ ଭିକାରି ସଂଖ୍ୟା ଥିଲା ୬ ହଜାର ୯୭୦, ଯାହା ୨୦୨୧ରେ ଓଡ଼ିଶା ବିଧାନସଭାରେ ସ୍ପଷ୍ଟ ହୋଇଥିଲା। ସେହି ରିପୋର୍ଟ ଅନୁସାରେ ପଶ୍ଚିମବଙ୍ଗରେ ସବୁଠାରୁ ଅଧିକ ଓ ତା’ ତଳକୁ ଉତ୍ତରପ୍ରଦେଶରେ ଦ୍ୱିତୀୟ ସର୍ବାଧିକ ଭିକାରି ଥିଲେ। ୨୦୨୧ ପରଠାରୁ ଭିକାରିଙ୍କ ଥଇଥାନ ଓ ସେମାନଙ୍କ ଆର୍ଥିକ ବିକାଶ ଲାଗି ସରକାରୀ ଯୋଜନାମାନ ହାତକୁ ନିଆଗଲା। ୨୦୨୩ରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଭିକାରିମୁକ୍ତ ଅଭିଯାନ ଆରମ୍ଭ କରି ଆଂଶିକ ସଫଳତା ପ୍ରାପ୍ତ ହୋଇଥିଲା। ୨୦୨୪ରେ କେନ୍ଦ୍ର ସରକାର (ନ୍ୟାୟ ଓ ସଶକ୍ତୀକରଣ ବିଭାଗ) ଦେଶର କେତେକ ସହରକୁ ୨୦୨୬ ସୁଦ୍ଧା ଭିକାରିମୁକ୍ତ କରିବାର ସଂକଳ୍ପ ନେଲେ। ଏଥିରେ ଅଯୋଧ୍ୟା, ଅମୃତସର, ଶିମ୍ଲା, ଇନ୍ଦୋର ପ୍ରଭୃତି ୩୦ଟି ସହର ଅନ୍ତର୍ଭୁକ୍ତ ହୋଇଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର ଜିଲା ପ୍ରଶାସନ ଆଉ ପାଦେ ଆଗକୁ ଯାଇ ଯେଉଁମାନେ ଭିକାରିଙ୍କୁ ଭିକ ଦେବେ, ସେମାନଙ୍କ ବିରୋଧରେ ଏତଲା ଦାଏର କରାଯିବ ବୋଲି ଘୋଷଣା କରିଛି।



ଭିକାରିମୁକ୍ତ ଅଭିଯାନ ଏକ କ୍ଷଣସ୍ଥାୟୀ ଅଭିଯାନ ନୁହେଁ। ଏହା ଦୀର୍ଘସ୍ଥାୟୀ। କାରଣ କେବଳ କ୍ଷୁଧାତୁର ବ୍ୟକ୍ତି ଭିକ୍ଷା ଯାଚନା କରୁଥିଲେ ସେମାନେ ହୁଏତ ସରକାରୀ ଯୋଜନା ବଳରେ ଭିକ୍ଷାବୃତ୍ତି ତ୍ୟାଗ କରିପାରନ୍ତି। ମାତ୍ର ଅଭ୍ୟାସବଶତଃ ଅଧିକ ଧନୀ ହେବା ଲକ୍ଷ୍ୟରେ ଯେଉଁମାନେ ଛଳନା ମାଧ୍ୟମରେ ଭିକ୍ଷାବୃତ୍ତି କରନ୍ତି, ସେମାନଙ୍କ ପଥରୋଧ କରିବା ଏକ ଦୁରୂହ ବ୍ୟାପାର। ଭାରତବର୍ଷରେ କୋଟିପତି ମଧ୍ୟ ଭିକ୍ଷା ଯାଚନା କରନ୍ତି। ମୁମ୍ବାଇ ସହରରେ ବାସ କରନ୍ତି ‘ଭରତ ଜୈନ’। ତାଙ୍କ ନିକଟରେ ଅଛି ଅମାପ ସମ୍ପତ୍ତି। ମୁମ୍ବାଇ ଭଳି ସହରରେ ତାଙ୍କର ଅଛି ଦୁଇଟି ମୂଲ୍ୟବାନ୍ ଫ୍ଲାଟ, ଦୁଇଟି ଅତ୍ୟାଧୁନିକତାରେ ବିମଣ୍ଡିତ ଫ୍ଲାଟ୍ ଓ ମାର୍କେଟ କମ୍ପ୍ଲେକ୍ସରେ ୩ଟି ଘର, ଯାହା ବ୍ୟବସାୟ ପ୍ରତିଷ୍ଠାନ ହିସାବରେ ଭଡ଼ାସୂତ୍ରରେ ଦିଆଯାଇଛି। ତାଙ୍କର ନିଜର ରହିଛି ଏକ ସୁଦୃଶ୍ୟ ଅଟ୍ଟାଳିକା, ଯେଉଁଥିରେ ତାଙ୍କ ପରିବାର ସଦସ୍ୟମାନେ ରହନ୍ତି। ରାତି ପାହିବା ଆଗରୁ ସେ ନିଜକୁ ଭିକାରି ବେଶରେ ସଜାଇ ରାଜରାସ୍ତା ଓ ଗଳିକନ୍ଦିରେ ଭିକ୍ଷା ଯାଚନା କରନ୍ତି। ତାଙ୍କର ଭିକ୍ଷାଲବ୍ଧ ମାସିକ ଆୟ ୮୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ। ନିଜ ପରିବାର ପାଇଁ ମଧ୍ୟ ଦୈନିକ ଖାଇବା ଗଣ୍ଡାକ ସେ ଭିକ୍ଷାସୂତ୍ରରେ ପ୍ରାପ୍ତ ହୁଅନ୍ତି। ତାଙ୍କ ପରିବାର ସମ୍ବନ୍ଧରେ ତାଙ୍କ ପଡ଼ିଶାମାନେ ମଧ୍ୟ ଅଜ୍ଞ। ସାମାନ୍ୟ ଅସାବଧାନତାରୁ ତାଙ୍କ ପରିଚୟ ଜଣାପଡ଼ିବା ପରେ ପ୍ରାୟ ଛ’ ମାସ ତଳେ ସେ ଗଣମାଧ୍ୟମ ନଜରକୁ ଆସିଥିଲେ। ସେତେବେଳେ ଭାରତର ସମସ୍ତ ପ୍ରମୁଖ ଖବରକାଗଜରେ ଏହା ପ୍ରକାଶିତ ହୋଇ ଜନମାନସକୁ ଆନ୍ଦୋଳିତ କରିଥିଲା।

ଭିକ୍ଷାବୃତ୍ତିରେ ପୂର୍ଣ୍ଣଚ୍ଛେଦ ଆଣିବାକୁ ଚିନ୍ତା କରୁଥିବା ସମୟରେ ଦେଶର ସମସ୍ତ ରାଜନୈତିକ ଦଳ ଭିକ୍ଷାବୃତ୍ତିକୁ ପରୋକ୍ଷ ପ୍ରୋତ୍ସାହନ ଦେଇ ଆସୁଥିବା ପରି ମନେହୁଏ। ରାଜନୀତିରେ ମାଗଣା ସାମଗ୍ରୀ ଓ ଅର୍ଥଦାନ ଦେବାରେ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଲିପ୍ତ ରହୁଛନ୍ତି। ରିହାତି ପ୍ରଦାନ, ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ଓ ନାନାଦି ଦ୍ରବ୍ୟ ଦାନ, ଋଣଛାଡ଼ ଭଳି ପ୍ରୋତ୍ସାହନ ପରୋକ୍ଷରେ କର୍ମକ୍ଷମମାନଙ୍କୁ ପ୍ରଭାବିତ କରୁଛି। ସାଧାରଣ ଯୁବବର୍ଗ କ୍ରମେ କର୍ମବିମୁଖତାକୁ ଆପଣେଇ ନେଲେଣି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରଣିଧାନଯୋଗ୍ୟ। ଜଷ୍ଟିସ୍ ବି. ଆର୍. ଗଭାଇ ଓ ଅଗଷ୍ଟାଇ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଉଦ୍‌ବେଗଜନକ ମନ୍ତବ୍ୟ ଦେଇଛନ୍ତି ଯେ, ସରକାରଙ୍କର ବିଭିନ୍ନ ମାଗଣା ଯୋଜନା ଦ୍ୱାରା ଦେଶରେ ଏକ ପରାଙ୍ଗପୁଷ୍ଟ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। ବିଚାରପତିଙ୍କ ମତହେଲା, କୃଷିକର୍ମ ପାଇଁ ଆଉ ଶ୍ରମିକ ମିଳୁନାହାନ୍ତି। ଅନ୍ୟକୁ ଦେଖି ଚାଷୀ ପରିବାର ପିଲା ବିଲକୁ ଗଡୁନାହାନ୍ତି। ଥୋକେ ସରକାରୀ ଓ ବିଭିନ୍ନ କମ୍ପାନୀ ଚାକିରି କରି ସହରାଞ୍ଚଳକୁ ଚାଲିଯାଇ ନିଜ ଶସ୍ୟକ୍ଷେତକୁ ଅଣଦେଖା କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ଫେବୃୟାରୀରେ ଉଦ୍‌ବେଗ ପ୍ରକାଶ କରିଛି ଯେ, ରାଜ୍ୟଗୁଡ଼ିକ ନିଜସ୍ୱ ମାଗଣା ଆର୍ଥିକ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଇ ଦେଶ ଉପରକୁ ବୃହତ୍ ଆର୍ଥିକ ସଙ୍କଟକୁ ଟାଣି ଆଣୁଛନ୍ତି। ପରିସ୍ଥିତି ଯାହା ହେଲାଣି, ଦେଶର ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ମାଗଣା ପ୍ରଦାନ ପ୍ରତିଶ୍ରୁତିରେ କେବେ କ୍ଷାନ୍ତ ହୋଇପାରିବେ ନାହିଁ। ଫଳରେ ଦେଶ ଆଗକୁ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ଭିକ୍ଷାବୃତ୍ତିକୁ ନିଷେଧ କରିବାକୁ ଅଙ୍ଗୀକାରବଦ୍ଧ ସରକାରଗୁଡ଼ିକ ପରୋକ୍ଷ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହିତ କରୁଛନ୍ତି। ଦେଶକୁ ଶ୍ରମକାତର ଛଦ୍ମ ଭିକାରିଙ୍କ ପ୍ରଭାବରୁ ମୁକ୍ତି ମିଳୁ। ଏ ତ ଭାତହାଣ୍ଡିରୁ ଗୋଟିଏ ଚିପିବା ପରି। ଦେଶର ବିଶେଷକରି ଓଡ଼ିଶାରେ ଯେଉଁ ସରକାରୀ ବାବୁମାନଙ୍କର କଳାଧନର ପର୍ଦ୍ଦାଫାଶ ହେଉଛି, ସେମାନେ ଜଣେ ଜଣେ କୋଟିପତି ଭିକାରି ନୁହନ୍ତି କି ? ଏହିମାନେ ଜଣେ ଜଣେ ଛଦ୍ମବେଶୀ ଭିକାରି।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ବିମ୍‌ଷ୍ଟେକ୍ ବୈଠକରେ ଭାରତର ବାର୍ତ୍ତା



ଲଳିତେନ୍ଦୁ ପଲାଉରୀ

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଶେଷ ହୋଇଛି ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ର ସମୂହ ସଙ୍ଗଠନ ବିମ୍‌ଷ୍ଟେକ୍‌ର ଷଷ୍ଠ ବୈଠକ। ବିମ୍‌ଷ୍ଟେକ୍ ହେଉଛି ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍ଟି ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ କୋଅପରେଶନ। ବୈଠକରେ ଭାରତ, ଥାଇଲାଣ୍ଡ, ମ୍ୟାନ୍‌ମାର, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ୍‌ର ପ୍ରତିନିଧିମାନେ ଯୋଗ ଦେଇ ପ୍ରମୁଖ ଆଞ୍ଚଳିକ ସହଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ଯୋଗାଯୋଗ, ଜ୍ଞାନକୌଶଳର ଆଦାନପ୍ରଦାନ ଓ ସାମଗ୍ରିକ ବିକାଶ ନେଇ ମାନସ ମନ୍ଥନ କରିଥିଲେ। ବ୍ୟାଙ୍କକ୍‌ର ଏହି ବୈଠକରେ ୨୦୩୦ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି। ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ନେପାଳ ଓ ଭୁଟାନ୍‌କୁ ଛାଡ଼ି ଅନ୍ୟ ରାଷ୍ଟ୍ରଗୁଡ଼ିକ ବଙ୍ଗୋପସାଗରତଟୀୟ ଦେଶ। ତେଣୁ ସମୁଦ୍ର ସୁରକ୍ଷା କ୍ଷେତ୍ରରେ ସହଯୋଗ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ବିମ୍‌ଷ୍ଟେକ୍‌କୁ ଦକ୍ଷିଣ ଏସିଆ ଓ ଦକ୍ଷିଣ-ପୂର୍ବ ଏସିଆର ପ୍ରମୁଖ ସମ୍ପର୍କର ସେତୁ ବୋଲି କୁହାଯାଉଛି। ଏହି ସଙ୍ଗଠନ ୧୯୯୭ରେ ଗଠନ ହୋଇଥିବା ବେଳେ ପ୍ରଥମେ ୪ଟି ଦେଶ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରେ ବାଂଲାଦେଶ, ଭାରତ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ହେଉଛନ୍ତି ପ୍ରତିଷ୍ଠାତା ସଦସ୍ୟ, ଯାହାକୁ ପ୍ରଥମେ BIST-EC ବୋଲି କୁହାଯାଉଥିଲା। ୨୦୦୪ରେ ଭୁଟାନ୍ ଓ ନେପାଳ ସଙ୍ଗଠନରେ ଯୋଡ଼ି ହେବା ପରେ ଏହା BIMSTEC ନାଁରେ ପରିଚିତ ହେଲା। ତେବେ ଭୁଟାନ୍ ଓ ନେପାଳ ଯଦିଓ ବଙ୍ଗୋପସାଗରତଟୀୟ ଦେଶ ନୁହନ୍ତି, କିନ୍ତୁ ଏହି ଦୁଇ ଦେଶ ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହି ଆସିଛନ୍ତି।

୨୦୨୩ ତଥ୍ୟ କହୁଛି, ଏହିସବୁ ଦେଶର ମିଳିତ ଜାତୀୟ ଅଭିବୃଦ୍ଧି ୫.୨ ଟ୍ରିଲିୟନ ଡଲାର ରହିଛି। ବିମ୍‌ଷ୍ଟେକ୍‌କୁ ସାର୍କ ସଙ୍ଗଠନର ବିକଳ୍ପ ବୋଲି କୁହାଯାଉଛି। କାରଣ ୨୦୧୪ରେ ନେପାଳରେ ଆୟୋଜିତ ସାର୍କ ବୈଠକର ବିଫଳତା ପରେ ଏସିଆ ମହାଦେଶରେ ବିମ୍‌ଷ୍ଟେକ୍‌ର ଗୁରୁତ୍ୱ ବଢ଼ାଇଛି। ବିମ୍‌ଷ୍ଟେକ୍‌ରେ ସବୁଠାରୁ ଶକ୍ତିଶାଳୀ ଦେଶ ହେଉଛି ଭାରତ। ୨୦୧୪ ପରେ ଏହି ସଙ୍ଗଠନରେ ଭାରତର ଗୁରୁତ୍ୱ ବଢ଼ିବା ସହ ଭାରତର ଲୁକ୍ ଇଷ୍ଟ ଆକ୍ଟ ଆଭିମୁଖ୍ୟକୁ ଆକ୍ଟ ଇଷ୍ଟ ପଲିସିରେ ରୂପାନ୍ତର କରିବାରେ ଏହା ସହାୟକ ହୋଇଛି। ୮୦% ତୈଳ କାରବାର ଏବଂ ୪୦% ବିଶ୍ୱ ବାଣିଜ୍ୟ ଭାରତ ମହାସାଗର ଦେଇ ହେଉଥିବା ବେଳେ ଭାରତ ପାଇଁ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଦେଶ ଗୁରୁତ୍ୱପୂର୍ଣ୍ଣ। ଏହା ସହ ଏସିଆ ମହାଦେଶରେ ଆମର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚାଇନା। ଚାଇନା ପାକିସ୍ତାନକୁ ହାତ କରି ବେଲ୍ଟ ଆଣ୍ଡ ରୋଡ୍ ଆଭିମୁଖ୍ୟ ଜରିଆରେ ଏହି ଅଞ୍ଚଳରେ ନିଜର ବିସ୍ତାରବାଦ ନୀତିକୁ ବଢ଼ାଇବାକୁ ଚାହୁଁଥିବା ବେଳେ ଏହାକୁ ରୋକିବାକୁ ଭାରତ ପାଇଁ ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଜରୁରୀ। ଅପରପକ୍ଷେ ଭାରତ ବିମ୍‌ଷ୍ଟେକ୍ ରାଷ୍ଟ୍ରଙ୍କ ସହଯୋଗକୁ ପାଥେୟ କରି ଭାରତ-ମ୍ୟାନ୍‌ମାର-ଥାଇଲାଣ୍ଡ ହାଇୱେ, ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ପାଇଁ ପ୍ରୟାସ,




ମେକାଙ୍ଗ-ଗଙ୍ଗା ସହଯୋଗ, ପ୍ରତିରକ୍ଷା ଓ ନୌସୁରକ୍ଷା ସହଯୋଗକୁ ଆଗକୁ ନେବାରେ ପ୍ରୟାସ ଜାରି ରଖିଛି।

ବ୍ୟାଙ୍କକ୍‌ର ବିମ୍‌ଷ୍ଟେକ୍ ବୈଠକ ତାଳେତାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ବୈଠକରେ ବିଭିନ୍ନ ସହଯୋଗ ନେଇ ଆଲୋଚନା କରିଥିଲେ। ୨୦୨୪ରେ ବାଂଲାଦେଶରେ ଅସ୍ଥିରତା ଓ ପ୍ରଧାନମନ୍ତ୍ରୀ ସେଖ୍ ହାସିନାଙ୍କ ଗାଦିଚ୍ୟୁତ ପରେ ଭାରତ-ବାଂଲାଦେଶ ସମ୍ପର୍କରେ ଭଟ୍ଟା ପଡ଼ିଛି। ଏଭଳି ସ୍ଥିତିରେ ବାଂଲାଦେଶ ମଧ୍ୟବର୍ତ୍ତୀ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ବ୍ୟାଙ୍କକ୍‌ରେ ଭେଟିଥିଲେ ପ୍ରଧାନମନ୍ତ୍ରୀ ମୋଦି। ବିଶେଷକରି ବାଂଲାଦେଶରେ ସାଧାରଣ ନିର୍ବାଚନ କରିବା, ବାଂଲାଦେଶୀ ଅନୁପ୍ରବେଶ ଉପରେ ରୋକ ଲଗାଇବା, ଭାରତ ବିରୋଧରେ ଅର୍ଥହୀନ ମନ୍ତବ୍ୟ ନ ଦେବାକୁ ୟୁନୁସ୍‌ଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା, ହିନ୍ଦୁମାନଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ମୋଦି କହିଥିଲେ। ନିକଟରେ ୟୁନୁସ୍ ଚାଇନା ଗସ୍ତ ବେଳେ ଭାରତ ବିରୋଧୀ ମନ୍ତବ୍ୟ ରଖିଥିବାରୁ ୟୁନୁସ୍‌ଙ୍କ ପ୍ରତି ଭାରତର ଆଭିମୁଖ୍ୟ ନକାରାତ୍ମକ ରହିଛି। ଏହାସହ ଭାରତକୁ ଚ୍ୟାଲେଞ୍ଜ ଦେବା ଅବସରରେ ବାଂଲାଦେଶରେ ଚାଇନା ବିପୁଳ ପୁଞ୍ଜି ନିବେଶ ପାଇଁ ଚାଇନା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ବେଳେ ପ୍ରସ୍ତାବ ଦେଇଥିଲେ ୟୁନୁସ୍। ଗତ ବର୍ଷ ଅଗଷ୍ଟରେ ବାଂଲାଦେଶରେ ହିଂସା ଓ ସରକାର ବଦଳିବା ପରେ ଏହା ମୋଦି ଓ ୟୁନୁସ୍‌ଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ୍ ଥିଲା। ସେପଟେ ମୋଦିଙ୍କ ଥାଇଲାଣ୍ଡ ଗସ୍ତ ଅବସରରେ ଭାରତ ଥାଇଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ନେଇ ଆଲୋଚନା ହୋଇଛି। ବିଶେଷକରି ଭାରତର ଉତ୍ତର-ପୂର୍ବ ରାଜ୍ୟ ସହ ଥାଇଲାଣ୍ଡ ପର୍ଯ୍ୟଟନକୁ ଯୋଡ଼ିବା, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି। ଭାରତ-ଥାଇଲାଣ୍ଡ ମଧ୍ୟରେ ୧.୩୭ ଲକ୍ଷ କୋଟିର ବ୍ୟବସାୟିକ ସମ୍ପର୍କ ରହିଛି। ଆଗକୁ ଏମ୍‌ଏସ୍‌ଏମ୍‌ଇ, ହ୍ୟାଣ୍ଡଲୁମ୍, ହସ୍ତତନ୍ତ କ୍ଷେତ୍ରରେ ସହଯୋଗ ସହ ଅକ୍ଷୟ ଶକ୍ତି, ଡିଜିଟାଲ ଜ୍ଞାନକୌଶଳ, ବୈଦ୍ୟୁତିକ ଯାନ, ରୋବଟିକ୍ସ, ବାୟୋଟେକ୍ନୋଲୋଜି ଏବଂ ଷ୍ଟାର୍ଟଅପ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି। ଭାରତ ଥାଇ ପର୍ଯ୍ୟଟକଙ୍କ ପାଇଁ ଇ-ଭିଜା ଦେବା ଆରମ୍ଭ କରିଛି। ଭାରତ ଲୁକ୍ ଇଷ୍ଟ ପଲିସିକୁ ଗୁରୁତ୍ୱ ଦେଉଥିବା ବେଳେ ଥାଇଲାଣ୍ଡର ମଧ୍ୟ ବିଶେଷ ଯୋଗଦାନ ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଥାଇ ପ୍ରଧାନମନ୍ତ୍ରୀର ଯୁବା ପ୍ରଧାନମନ୍ତ୍ରୀ ପି. ସିନେୱାର୍ତ୍ତାଙ୍କୁ ତ୍ରିପିଟକ ଭେଟି ଦେଇଥିଲେ। ଗୁଜରାଟ ଆରାବଳି ପର୍ବତରୁ ୧୯୬୦ରେ ମିଳିଥିବା ବୁଦ୍ଧଙ୍କ ପବିତ୍ର ଅବଶେଷ ଆଗାମୀ ବର୍ଷ ଥାଇଲାଣ୍ଡ ପଠାଯିବ ବୋଲି ପ୍ରଧାନମନ୍ତ୍ରୀ ଥାଇବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହା ତୃତୀୟ ଥାଇଲାଣ୍ଡ ଗସ୍ତ।

ଏସିଆ ମହାଦେଶରେ ଭାରତ ସମସ୍ତ ରାଷ୍ଟ୍ରଙ୍କ ସହ ବ୍ୟବସାୟିକ ସମ୍ପର୍କ, ଦ୍ୱିପାକ୍ଷିକ ସମ୍ପର୍କରେ ଘନିଷ୍ଠତା ବଢ଼ାଇବା ଲକ୍ଷ୍ୟରେ ରହୁଥିବା ବେଳେ ଚାଇନା, ପାକିସ୍ତାନ ସବୁବେଳେ ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରୋତ୍ସାହନ ଦେଉଥିବାରୁ ସାମଗ୍ରିକ ଏସିଆର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇଛି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ରାଜସ୍ଥାନ ଯୋଧପୁରର ନିର୍ମଳା ଶେଖାୱତ ଜଣେ ସିଙ୍ଗଲ ମମ୍ ଭାବେ ବ୍ୟବସାୟରେ ସଫଳତା ପାଇବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ‘ମାରୱାଡି ମଁୱାର’ ନାମରେ ସେ ଫୁଡ୍ ବିଜ୍‌ନେସ୍ ଚଳାଉଛନ୍ତି। ସେ ରାଜସ୍ଥାନୀ ସ୍ନାକ୍ସ, ଆଚାର ସହିତ ପାମ୍ପଡ଼ ଓ ଅନ୍ୟ ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏଗୁଡ଼ିକୁ ଅନ୍‌ଲାଇନରେ ମଧ୍ୟ ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ଭାଇ, ମା, ଭାଉଜ ଓ ଶାଶୁ ଘର ଲୋକେ ସହଯୋଗ କରୁଛନ୍ତି। ତାଙ୍କ ଭାଇ ଅନ୍‌ଲାଇନ ବ୍ୟବସାୟ ସମ୍ଭାଳୁଛନ୍ତି। ପ୍ରଥମେ ନିର୍ମଳା ମାସକୁ ମାତ୍ର ୧୫ ଟଙ୍କାର ଅର୍ଡର ପାଉଥିଲେ ଓ ଏବେ ପାଉଛନ୍ତି ଦେଢ଼ ଲକ୍ଷ ଟଙ୍କାର। ଏହି କାର୍ଯ୍ୟରେ ଘର ଲୋକଙ୍କ ବ୍ୟତୀତ ସେ ୩୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। କୋଭିଡ ସମୟରେ ନିର୍ମଳାଙ୍କ ସ୍ୱାମୀଙ୍କର ବ୍ରେନ ହାମରେଜରେ ଦେହାନ୍ତ ହେବା ପରେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଯାଇଥିଲା। ପିଲାଙ୍କ ପଢ଼ା ସହ ପରିବାର ଚଳାଇବା ଲାଗି ସେ ପ୍ରଥମେ ରାଜସ୍ଥାନୀ ସ୍ନାକ୍ସ ତିଆରି କରି ବିକ୍ରି କରୁଥିଲେ। ପରେ ଚାହିଦା ବଢ଼ିବାରୁ ସ୍ନାକ୍ସ ସହିତ ଅନ୍ୟ ଉତ୍ପାଦ ବିକ୍ରି ଅଧିକ ରୋଜଗାର କରିବା ସହ ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି।

## ଚିରନ୍ତନୀ

ଛୁଇଁନି ବ୍ରୀଡ଼ା ଚଞ୍ଚଳତା
ଛୁଇଁନି ଧରା ପାପ
ପଡ଼ିନି ପୂତ ତନୁର ପରେ
ପଥର ଅଭିଶାପ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କର୍ତ୍ତବ୍ୟରତ ପୋଲିସ ପ୍ରତି ଜୁଲମ

ମହାଶୟ,
ସମାଜରେ କର୍ତ୍ତବ୍ୟରତ ପୋଲିସ ଅପରାଧୀଙ୍କୁ ଗିରଫ କରିବା ଅବସରରେ ଜୁଲମର ଶିକାର ହେବା ଖବର ଦୈନନ୍ଦିନ ଖବରକାଗଜରୁ ପଢ଼ିବାକୁ ମିଳୁଛି। ଅପରାଧୀମାନେ ମିଳିତ ଭାବେ ପୋଲିସକୁ ଆକ୍ରମଣ କରି ରକ୍ତାକ୍ତ କରିବା ସହ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଉଛନ୍ତି। ଏପରିକି ସେମାନେ ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ପୋଲିସକୁ ଦେଖିଲେ ଲୋକେ ଲୁଚୁଥିଲେ। ଲୋକ କଥାନୁଯାୟୀ ପୋଲିସ ମାଡ଼ ଥରେ ଯିଏ ଖାଇଛି ସେ ମରିବା ପର୍ଯ୍ୟନ୍ତ ଭୁଲିପାରିବ ନାହିଁ। ତେବେ ପୋଲିସମାନଙ୍କ ପ୍ରତି ଏପରି ବ୍ୟବହାର ଘଟିବାର କାରଣ କ’ଣ ? ସେ କାରଣ ଯାହାହେଉ, ଏପରି ବିଶୃଙ୍ଖଳା ପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଉନାହିଁ କି ? ପୋଲିସର ଏପରି ଉଦାରପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୁଏ। ୧– ପୋଲିସ ତାଲିମ ସମୟରେ କ’ଣ କଠୋରପଣିଆ ନ ଦେଖାଇବା ପାଇଁ ଶିକ୍ଷା ପାଇଥାନ୍ତି, ୨– ଅଥବା ଦେଶର ପରିସ୍ଥିତିକୁ ଲକ୍ଷ୍ୟ ଦେଇ ରାଜନେତା କିମ୍ବା ଉପରିସ୍ଥ ପୋଲିସ ଅଧିକାରୀଙ୍କର ପୋଲିସକୁ ଉଦାରପଣିଆ ଦେଖାଇବାକୁ ଆଦେଶ ଅଛି। ତେବେ ଉପରୋକ୍ତ ଦୁଇଟି କାରଣ ଆଦୌ ସତ ନ ହୋଇପାରେ। ତାହାହେଲେ ଅପରାଧୀ ଗିରଫ ସମୟରେ ପୋଲିସ ଜୁଲମର ଶିକାର ହେବାର ରହସ୍ୟ କ’ଣ ଆଉ ହୋଇପାରେ। ପ୍ରକୃତପକ୍ଷେ ଅପରାଧୀକୁ ଗିରଫ କରିବା ପୂର୍ବରୁ ପୋଲିସକୁ ଯଥେଷ୍ଟ ପ୍ରସ୍ତୁତ ଆବଶ୍ୟକ। ପୋଲିସକୁ ଯଥେଷ୍ଟ ବଳ, ଅସ୍ତ୍ରଶସ୍ତ୍ର, ଗାଡ଼ି ଓ ତାହା ସହ ପୋଲିସକୁ ସୁରକ୍ଷା ଜ୍ୟାକେଟ ଦେବା ଉଚିତ। ନଚେତ୍ ଅପରାଧୀମାନେ ସେଠାରେ ସାମ୍ରାଜ୍ୟ ବୃଦ୍ଧି କରି ଚାଲିବେ। ଏଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନଦେବା ଆବଶ୍ୟକ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିହାର ସିଏଚ୍‌ଓ ନିଯୁକ୍ତି ପରୀକ୍ଷାରେ ଜାଲିଆତି ଘଟଣା

# ମୁଖ୍ୟ ଅଭିଯୁକ୍ତ ସମେତ ୨ ଗିରଫ

### ଅନ୍‌ଲାଇନ ପରୀକ୍ଷାରେ ପ୍ରକ୍ସି ସର୍ଭର ଜରିଆରେ ହୋଇଥିଲା ଦୁର୍ନୀତି

ପାଟନା,୮।୪



ବିହାରରେ ୪,୫୦୦ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ(ସିଏଚ୍‌ଓ) ପଦବୀ ପାଇଁ ଜୁଲାଇ ୨୦୨୪ରେ ହୋଇଥିବା ନିଯୁକ୍ତି ପରୀକ୍ଷାରେ ଦୁର୍ନୀତି ଘଟଣାର ମୁଖ୍ୟ ଅଭିଯୁକ୍ତ ରବି ଭୂଷଣ ଏବଂ ତାଙ୍କ ସହଯୋଗୀ ଶଶି ରଞ୍ଜନଙ୍କୁ ଅର୍ଥନୈତିକ ଅପରାଧ ଶାଖା(ଇଓୟୁ) ଗିରଫ କରିଛି। ଏହି ଘଟଣାରେ ପୋଲିସ ଅଦ୍ୟାବଧି ୪୦ଜଣଙ୍କୁ ଗିରଫ କଲାଣି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ତଦନ୍ତ ଜାରି ରହିଛି ବୋଲି ଇଓୟୁ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ବିହାର ଷ୍ଟେଟ ହେଲ୍‌ଥ ସୋସାଇଟି ଅଧୀନରେ ୨୦୨୪ ଜୁଲାଇରେ ୧୨ଟି ଅନ୍‌ଲାଇନ ସେଣ୍ଟରରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ଜରିଆରେ ସିଏଚଓ ନିଯୁକ୍ତି ପରୀକ୍ଷା ହୋଇଥିଲା। ନାଳନ୍ଦା ଜିଲା ମୁବାରକ ଗ୍ରାମର ରବି ଭୂଷଣ ଏବଂ ତାଙ୍କ ଗ୍ୟାଙ୍ଗ ପରୀକ୍ଷା କେନ୍ଦ୍ର ଅପରେଟରଙ୍କ ସହ ମିଶି ପରୀକ୍ଷାରେ ଜାଲିଆତି କରିଥିଲେ। ପରୀକ୍ଷା ଚାଲିଥିବା ସମୟରେ ସେମାନେ ପରୀକ୍ଷାର୍ଥୀଙ୍କ କମ୍ପ୍ୟୁଟରଗୁଡ଼ିକୁ ହାଇଜାକ୍ କରିବା ପାଇଁ ନକଲି ସର୍ଭର ଏବଂ ରିମୋର୍ଟ ଆକ୍ସେସ ଉପକରଣ ବ୍ୟବହାର କରିଥିଲେ। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ୪ରୁ ୫ଲକ୍ଷ ଟଙ୍କା ମଗାଯାଇଥିଲା। ଯେଉଁମାନେ ଏଥିରେ ରାଜି ହୋଉଥିଲେ ସର୍ଭର ଗ୍ୟାଙ୍ଗ ସେମାନଙ୍କ କମ୍ପ୍ୟୁଟରକୁ ନିଜ ନିୟନ୍ତ୍ରଣକୁ ନେଇ ପ୍ରଶ୍ନପତ୍ରର ଉତ୍ତର ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ଆସିବା ପରେ ଉକ୍ତ ପରୀକ୍ଷାକୁ ବାତିଲ କରାଯିବା ସହ ଏଥିରେ ରବି ଭୂଷଣଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଏହି ଘଟଣାର ତଦନ୍ତ ସମୟରେ ଏସ୍‌ଆଇଟି ରବି ଭୂଷଣ ଏବଂ ଶଶିଙ୍କଠାରୁ ୩ଟି ମୋବାଇଲ ଜବତ କରିଥିଲା। ୨୦୧୭ରୁ ରବି ଭୂଷଣ ପାଟନାରେ ଥିବା ଗାଲାକ୍ସି ଅନ୍‌ଲାଇନ ସେଣ୍ଟର ମାଧ୍ୟମରେ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରକୁ ମାନବ ସମ୍ବଳ ଯୋଗାଇଥାନ୍ତି ବୋଲି ଜଣାପଡ଼ିଥିଲା। ସେ ପରବର୍ତ୍ତୀ ସମୟରେ ତାଙ୍କର ଏହି ନେଟୱର୍କ ଦିଲ୍ଲୀ ଏବଂ ମୁମ୍ବାଇକୁ ଲମ୍ବାଇଥିଲେ। ଏମ୍/ଏସ୍ ବ୍ରାଣ୍ଡ୍‌ଜି ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ଜରିଆରେ ସେ ବିଭିନ୍ନ ଅନ୍‌ଲାଇନ ପରୀକ୍ଷା କେନ୍ଦ୍ରର ପରିଚାଳନା ଦାୟିତ୍ୱ ନେଉଥିଲେ। ଉକ୍ତ ନେଟୱର୍କରେ ରବିଙ୍କ ଭାଇ ଅଭଧ ଭୂଷଣ ଏବଂ ଭାରତ ଭୂଷଣ ସମ୍ପୃକ୍ତ ଥିଲେ। ସେମାନେ ୨୦୨୪ ଡିସେମ୍ବରରେ ଆନ୍ଧ୍ରପ୍ରଦେଶ ମଙ୍ଗଲାଗିରି ଏଏମ୍ଏସ୍‌ରେ ନିଯୁକ୍ତି ପରୀକ୍ଷା କରିବା ପାଇଁ ଟେଣ୍ଡର ହାତେଇଥିବା ଜଣାପଡ଼ିଥିଲା। ସିଏଚ୍‌ଓ ନିଯୁକ୍ତି ପରୀକ୍ଷା ଜାଲିଆତି ଅଭିଯୋଗରେ ଇଓୟୁ ଏକ ମାମଲା(ନଂ. ୨୮/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଙ୍ଗଲରେ ୩ ଟ୍ରାପ୍ କ୍ୟାମେରା, ବିଟ୍ ହାଉସ୍ ଭାଙ୍ଗିଲେ

### ସୀମାରେ ମାଓବାଦୀ ପ୍ରବେଶ ସନ୍ଦେହ

ଢେଙ୍କାନାଳ,୮।୪ (ରତନ ନାୟାର)

ଗତ କିଛିଦିନ ହେବ ଯାଜପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲା ସୀମାବର୍ତ୍ତୀ ଅଞ୍ଚଳରେ କେତେଜଣ ସନ୍ଦିଗ୍ଧ ଲୋକଙ୍କ ବୁଲାଚଲାକୁ ନେଇ ଆଲୋଚନା ଜୋର ଧରିଛି। ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ଅଞ୍ଚଳ ସୀମାରେ ଥିବା ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ପାଇଁ ଲାଗିଥିବା ୩ଟି ଟ୍ରାପ୍ କ୍ୟାମେରାକୁ କେତେଜଣ ସନ୍ଦିଗ୍ଧ ବ୍ୟକ୍ତି ଭାଙ୍ଗି ଦେଇଥିବାବେଳେ ବନବିଭାଗର ବିଟ୍ ହାଉସରେ ମଧ୍ୟ ଭଙ୍ଗାରୁଜା କରାଯାଇଛି। ଏହି ଘଟଣା ପରେ କଙ୍କଡାହାଡ଼ ଥାନାର ସୀମାବର୍ତ୍ତୀ ଅଞ୍ଚଳ ଏକୁଲ, ସେକୁଲ ଓ ପୁଟିପୋଲ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧିକୁ ନେଇ ମଙ୍ଗଳବାର ଚର୍ଚ୍ଚା ଜୋର ଧରିଛି। ଏହି ଖବରକୁ ନେଇ ପୋଲିସ ଓ ବନବିଭାଗର ଚିନ୍ତା ବଢ଼ିଯାଇଛି। ଏପରି କି ଏହି ଖବର ପରେ ଜିଲାର ଜଣେ ପୋଲିସ ଅଧିକାରୀଙ୍କ ଛୁଟିକୁ ମଧ୍ୟ ବାତିଲ କରିବା ପାଇଁ କୁହାଯାଇଥିବା ଜଣାପଡ଼ିଛି।

ଢେଙ୍କାନାଳ ପୋଲିସ ପ୍ରଶାସନ ଏହି ଘଟଣାକୁ ନେଇ କେନ୍ଦୁଝର ଜିଲା ପୋଲିସ ପ୍ରଶାସନ ସହିତ ଆଲୋଚନା କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଏସ୍‌ପି ଅଭିନବ ସୋନ୍‌କର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଆମ ପାଖରେ ମାଓବାଦୀ ନେଇ କୌଣସି ଖବର ନାହିଁ। ବନବିଭାଗ ପକ୍ଷରୁ ମଧ୍ୟ ଆମକୁ କୌଣସି ସୂଚନା ଦିଆଯାଇନାହିଁ। ଯେହେତୁ କିଛି ଖବର ମିଳୁଛି, ଏହାକୁ ନେଇ ଆମେ ଖୁବ୍‌ଶୀଘ୍ର ଯାଞ୍ଚ କରିବୁ। ମାଓବାଦୀମାନେ ଛତିଶଗଡ଼ କିମ୍ବା ପଶ୍ଚିମବଙ୍ଗରୁ ଆସିଥାଇପାରନ୍ତି ବୋଲି ସନ୍ଦେହ ପ୍ରକାଶ ପାଇଛି। ପ୍ରାୟ ୧୬/୧୭ବର୍ଷ ତଳେ କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ମାଓବାଦୀଙ୍କ ଉପଦ୍ରବ ଥିବାବେଳେ କଣ୍ଡାର ବିଟ୍ ହାଉସଠାରେ ସେହି ସମୟରେ ମାଓବାଦୀ ୪ ଜଣ ବନ କର୍ମଚାରୀଙ୍କୁ ହତ୍ୟା କରିଥିଲେ।

# ଜୁଭେନାଇଲ୍ କୋର୍ଟରେ ହାଜର ହେଲେ ୮ ଛାତ୍ର

### ଛାତ୍ରାବାସରେ ରାଗିଂ ଘଟଣା

ବାରିପଦା, ୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାସିପିଠାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଉଚ୍ଚ ବିଦ୍ୟାଳୟ (ଏସ୍‌ଏସ୍‌ଡି) ଛାତ୍ରାବାସରେ ରାଗିଂ ଘଟଣାକୁ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଗିଂରେ ସମ୍ପୃକ୍ତ ୮ ଛାତ୍ରଙ୍କୁ ମଙ୍ଗଳବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରିଛି। ତେବେ ସମସ୍ତ ଛାତ୍ର ୧୦ମ ଶ୍ରେଣୀର ହୋଇଥିବାରୁ ପାଠପଢ଼ା ଓ ପରୀକ୍ଷାକୁ ଦୃଷ୍ଟିରେ ରଖି ବୋର୍ଡ ସେମାନଙ୍କୁ ନିଜ ନିଜ ଅଭିଭାବକଙ୍କ ଦାୟିତ୍ୱରେ ଛାଡ଼ିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୪ ତାରିଖ ରାତି ୧୦ଟା ୩୦ରେ ଛାତ୍ରାବାସରେ ବସି ୮ ଜଣ ଛାତ୍ର ମଦ ପିଉଥିଲେ। ୬ଷ୍ଠ ଶ୍ରେଣୀର ଜଣେ ଛାତ୍ର ଏହା ଦେଖି ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ଏଥିରେ ରାଗିଯାଇ ମଦ୍ୟପାନ କରୁଥିବା ଛାତ୍ରମାନେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଲୁହାରଡ୍‌ରେ ନିସ୍ଥୁକ ପିଟିଥିଲେ। ଏପରିକି ଗୋଇଠା, ବିଧା ମାରିବା ସହ ବ୍ଲେଡ୍‌ରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ କରି ସେଥିରେ ଲୁଣ ମାରିଥିଲେ।ପରେ ଏକ ବନ୍ଦ କୋଠରି ମଧ୍ୟରେ ଅଟକ ରଖି ଘଟଣା ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୦୭/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର,୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଜଜ (ଏଡିଜେ) କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ୱେଷ୍ଟସିଂହଭୂମ ଜିଲା ମଞ୍ଝହରି ଥାନା ଅଧୀନ ଦୁବିଲା ଗ୍ରାମର ଅମର ସିଂ ବିରୁଆ(୩୫)।


ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ମାର୍ଚ୍ଚ ୨୫ରେ ମୁଣ୍ଡୁରା ଗ୍ରାମର ରାମଚନ୍ଦ୍ର ନାଏକ ଘରେ କାହାକୁ ନ ଜଣାଇ କୁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ବସନ୍ତପୁର ରାସ୍ତାରେ ତାଙ୍କର ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ମୃତକଙ୍କ ପୁଅ ମନ ନାଏକ କେନ୍ଦୁଝର ନୟାକୋଟ ଥାନାରେ ଅଭିଯୋଗ ହୋଇଥିଲେ। ପୋଲିସ ଏକ ମାମଲା(ନଂ.୧୩/୧୫) ରୁଜୁ କରି ତଦନ୍ତ ଚଳାଇବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରିଥିଲେ।

## ସ’ ମିଲ୍ ମାଲିକଙ୍କୁ ଗୁଳି କରି ହତ୍ୟା ଘଟଣା

# ଆଉ ଜଣେ ଧରାପଡ଼ିଲେ



ଗିରଫ ଅଭିଯୁକ୍ତ।



ଜବତ ପିସ୍ତଲ, ଗୁଳି, ମାଗାଜିନ୍ ଓ ନଗଦ ଟଙ୍କା।

### ଗୋଟିଏ ପିସ୍ତଲ, ୮ ଜୀବନ୍ତ ଗୁଳି ସହ ବୋଲେରୋ ଜବତ

ବାଲେଶ୍ୱର, ୮।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁର ଅଞ୍ଚଳର ସ’ ମିଲ୍ ମାଲିକ ସେକ ଜସିମ୍‌ଙ୍କୁ ଗୁଳି କରି ହତ୍ୟା ଘଟଣାରେ ଆଉ ଜଣେ ସହଯୋଗୀଙ୍କୁ ପୋଲିସ ସୋମବାର ରାତିରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ସମଷ୍ଟିପୁର ଜିଲା ଫୁଲହରା ଗ୍ରାମର ଚନ୍ଦ୍ରମୋହନ ଝା। ତାଙ୍କଠାରୁ ଗୋଟିଏ ପିସ୍ତଲ, ୮ଟି ଜୀବନ୍ତ ଗୁଳି, ୨ ମାଗାଜିନ୍, ନଗଦ ୧୪ହଜାର ଟଙ୍କା ସହ ଗୋଟିଏ ବୋଲେରୋ (ନଂ. ଓଡି୦୯ପି-୦୮୫୦) ଜବତ ହୋଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି।

୨୦୨୪ ଜୁନ୍ ୪ରେ ସେକ ଜସିମ୍ ସୋମନାଥପୁର ସ’ ମିଲ୍‌ରୁ କାର୍ ଯୋଗେ ଘରକୁ ଫେରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏକ କାର୍‌ରେ ଆସି ବଡ଼ଗାଁସ୍ଥିତ ରେଲୱେ ଲେଭଲ କ୍ରସିଂଠାରେ ଜସିମ୍‌ଙ୍କ ଉପରକୁ ଅତର୍କିତ ୪ ରାଉଣ୍ଡ ଗୁଳି ମାଡ଼ କରି ଫେରାର ହୋଇଯାଇଥିଲେ। ତାଙ୍କ ଛାତି, ପିଠି ଓ ହାତରେ ଗୁଳି ବାଜିବା ପରେ ସେ ଗୁରୁତର ଆହତ ହୋଇଥିଲେ। ଡ୍ରାଇଭର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଥାନାରେ ଏକ ହତ୍ୟା ମାମଲା (ନଂ. ୮୭/୨୪) ରୁଜୁ ହୋଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ୨୦୨୪ ଅକ୍ଟୋବର ୧୨ରେ ମୁଖ୍ୟ ଅଭିଯୁକ୍ତ ବିହାର ରାଜ୍ୟ ଔରଙ୍ଗାବାଦର ମୁଫସିଲ୍ ଥାନା ରାଉଲବିଘା ଗ୍ରାମର ସଞ୍ଜୟ ସିଂଙ୍କୁ ଗିରଫ କରାଯାଇଥିଲା। ସେ ବାମପଦାସ୍ଥିତ ସୋମନାଥପୁର ଗ୍ରାମର ଶ୍ୱଶୁର ଘରେ ରହୁଥିଲେ। ତାଙ୍କଠାରୁ ଏକ ପିସ୍ତଲ ସହ ୬ଟି ଜୀବନ୍ତ ଗୁଳି ଜବତ ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ସବରଙ୍ଗ ଥାନା ପଦ୍ମପୁର ଗ୍ରାମର ଲକ୍ଷ୍ମୀଧର ସେଠୀଙ୍କୁ କୁରୁଡ଼ାସ୍ଥିତ ଏକ ମଦ ବାର୍‌ରୁ ଅକ୍ଟୋବର ୧୩ରେ ପୋଲିସ ଗିରଫ କରିଥିଲା। ତାଙ୍କଠାରୁ ଏକ ପିସ୍ତଲ ସହ ୩ଟି ଜୀବନ୍ତ ଗୁଳି ଓ ଏକ ମୋବାଇଲ ଜବତ ହୋଇଥିଲା। ଏହି ହତ୍ୟା ମାମଲାରେ ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ସ’ ମିଲ୍ ମାଲିକଙ୍କୁ ହତ୍ୟା କରିବା ପାଇଁ ପୂର୍ବରୁ ସୁପାରି ନେଇଥିଲେ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
MARKETING DEPARTMENT
TEL:0661-2510384/2447623 FAX NO.:0661-2510028/2510907
SUB: OPEN SALE NOTICE FOR AMMONIUM SULPHATE
SAIL-RSP, intends to Sale Ammonium Sulphate of 10000 T. Order for a period of ONE year as per the following details:

| Ammonium Sulphate REF: MKTG/AMM.SULPHATE/2025-26/39 Dt.04/04/2025 | 10000 T for one year |
|---|---|

Tenderers who are interested in participating in the Tender, can download the Detailed Tender Documents from SAIL website (www.sailtenders.co.in) and submit their application on or before 18.00 Hrs of 18/04/2025 as per the instructions given in the open sale notice Documents.
GM I/c (Marketing)
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

छत्तीसगढ़ शासन, जल संसाधन विभाग
कार्यालय कार्यपालन अभियंता, जल संसाधन संभाग, बैकुण्ठपुर, जिला: कोरिया (छ.ग.)
ई-प्रोक्योरमेंट निविदा सूचना
e-Procurement Portal: https://eproc.cgstate.gov.in
निविदा निरस्तीकरण सूचना
इस कार्यालय के निविदा सूचना क्रमांक 10/वलेलि/2024-25 सिस्टम निवदा क्रमांक 162940 दिनांक 17.12.2024 (प्रथम आमंत्रण) द्वारा विज्ञापन क्रमांक जी. 242504692 के माध्यम से अंजनी जलाशय योजना के नहर विस्तारीकरण एवं सी.सी. चैनल का निर्माण कार्य हेतु आनलाईन निविदा आमंत्रित की गई थी। उक्त निविदा में भाग लिये गये 02 निविदाकारो का प्री बिड सक्षम एवं अधिकृत अधिकारी द्वारा आनलाईन खोला गया। जिसमें भाग लिए गये 02 निविदाकारो का आयोग्य घोषित किया गया। अतः उक्त प्रथम आनलाईन आमंत्रित निविदा को निरस्त किया जाता है।
स्वा./- (ए. टोप्पो)
कार्यपालन अभियंता
जल संसाधन संभाग, बैकुण्ठपुर,
जिला कोरिया (छ.ग.)
कृते - मुख्य अभियंता हसदेव गंगा कछार
जल संसाधन विभाग, अंबिकापुर, सरगुजा (छ.ग.)
G-252600107/2

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.01-KUR-TRD-OT-2025-26
କାର୍ଯ୍ୟର ନାମ: ଭଦ୍ରକ-ପଲାସା (ଭଦ୍ରକ-ଦୁବାଡ଼ା) ସେକ୍ସନରେ LTE (ଦୀର୍ଘକାଳୀନ ବିବର୍ତ୍ତନ) ଭିତ୍ତିକ ମୋବାଇଲ ଟ୍ରେନ୍ ରେଡିଓ ଉପକରଣର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଅକ୍ଜିଲିଆରୀ ଟ୍ରାନ୍ସଫର୍ମର (ATs) ଗୁଡ଼ିକର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,52,04,868.94, EMD (ଟଙ୍କାରେ) : 2,26,000/-, ଶେଷ ହେବା ଅବଧି : 180 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.11.04.2025 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.04.2025 ରିଖ 1300 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-15/Q/25-26

ଉଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରିନଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଧୋବା ଘରେ ନାହିଁ ବାର ବରତ**
**ନିଇତି କାଚିଲେ ନିଇତି ଭାତ।**

ଧୋବା ନିଇତି ଲୁଗା ବା କପଡା କାଚି ପଇଠ କଲେ ଗରାଖଙ୍କଠାରୁ ସେ ବାବଦ ଅର୍ଥ ପାଇଥାଏ। ପରିଶ୍ରମ କରି ଉପାର୍ଜନ କରୁଥିବା ଉକ୍ତ ଅର୍ଥରେ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗଞ୍ଜେଇ ଭର୍ତ୍ତି କାର୍ ଜବତ, ୩ ଯୁବକ ଗିରଫ

### ଅବକାରୀ ବିଭାଗ ଗାଡ଼ିକୁ ଧକ୍କା ଦେଇ ଫେରାର ଉଦ୍ୟମ

ସିମୁଳିଆ, ୮।୪ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ୧୬ ନଂ. ଜାତୀୟ ରାଜପଥର ଜାମୁଝାଡ଼ି ବଜାର ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଅବକାରୀ ବିଭାଗ ଗାଡ଼ିକୁ ଧକ୍କା ଦେଇ ଫେରାର ହେବାକୁ ଚେଷ୍ଟା କରୁଥିବା ଗଞ୍ଜେଇ ବୋଝେଇ କାର୍ ଧାନ କିଆରି ମଧ୍ୟରେ କାବୁ କରାଯାଇଛି। ଗଞ୍ଜେଇ ବୋଝେଇ କାର୍‌ରେ ଥିବା ୩ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି। ଅପରପକ୍ଷେ ଜବତର ୮ଘଣ୍ଟା ପରେ ମଧ୍ୟ ଅବକାରୀ ବିଭାଗ କୌଣସି ସୂଚନା ଗଣମାଧ୍ୟମକୁ ନ ଦେବା ଘଟଣା ବିଭାଗର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



ଧାନ କିଆରିରୁ ଗଞ୍ଜେଇ ଭର୍ତ୍ତି କାର୍‌କୁ ବାହାର କରାଯାଉଛି।

ଏକ କାର୍‌ରେ ୩ଜଣ ଯୁବକ ଗଞ୍ଜେଇ ନେଇ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ଖଇରା ଅବକାରୀ ବିଭାଗ କର୍ମଚାରୀମାନେ ସୂଚନା ପାଇଥିଲେ। ଏକ ଟିମ୍ କାର୍‌କୁ ଜାମୁଝାଡି ନିକଟରେ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ଦ୍ରୁତଗତିରେ କାର୍ ଅବକାରୀ ବିଭାଗ ବୋଲେରୋକୁ ଧକ୍କା ଦେଇ ଫେରାର ହୋଇଯିବା ପାଇଁ ଉଦ୍ୟମ କରିଥିଲା। ଅବକାରୀ ଟିମ୍ ତାଙ୍କ ପିଛା କରିଥିଲା। ଗଞ୍ଜେଇ ଗାଡି ମଇତାପୁର ଦେଇ ଫେରାର ହୋଇଯିବାକୁ ଉଦ୍ୟମ କରି ଧାନ କିଆରିକୁ ପଶିଯାଇଥିଲା। ଅବକାରୀ ଇନ୍ସପେକ୍ଟର ସରୋଜ କୁମାର ଟିକାଙ୍କ ସମେତ ତାଙ୍କ ଟିମ୍ ଏହି ଜବତ ଘଟଣାରେ ସାମିଲ ଥିଲେ। ପରେ ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାରେ ଅବକାରୀ ବିଭାଗ ଗାଡିର ମରାମତି ପରେ ବିଭାଗୀୟ କର୍ମଚାରୀମାନେ ଖଇରା ଫେରିଥିଲେ।

# ରିମାଣ୍ଡରେ ସତ ଓକାଳିଲେ ନକଲି ଡିଏସ୍‌ପି, କନ୍‌ଷ୍ଟେବଲ

ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ)

ରାଜଧାନୀରେ ଶହୀଦନଗର ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି ଓ କନ୍‌ଷ୍ଟେବଲଙ୍କ ଆଶିଷ ସ୍ୱାଇଁଙ୍କ ଗୁମର ଖୋଲିବାରେ ଲାଗିଛି। ଦୁଇ ଅଭିଯୁକ୍ତ ୨ଦିନିଆ ପୋଲିସ ରିମାଣ୍ଡରେ ଆସିଥିବାବେଳେ ବହୁ ସତ ଓକାଳିଥିବା ଜଣାପଡ଼ିଛି। ଗୁରୁବାରଠାରୁ ଅଭିଯୁକ୍ତଦ୍ୱୟ ରିମାଣ୍ଡରେ ଆସି ଶନିବାର ଜେଲ ଫେରିଥିଲେ। ତେବେ ଏହି ସମୟ ମଧ୍ୟରେ ସେମାନଙ୍କ ଅପରାଧ ରେକର୍ଡର ବହୁ ତଥ୍ୟ ସହ ଜାଲ ନୋଟ କାରବାରର ଲିଙ୍କ୍ ମଧ୍ୟ ପୋଲିସ ପାଇଛି। ଗିରଫ ପରେ ମାନସଙ୍କ ଭଡ଼ା ଘରୁ ୧ ଲକ୍ଷ ୯୩ ହଜାର ଟଙ୍କାର ୩୮୬ଟି ୫୦୦ ଟଙ୍କିଆ ଜାଲ୍ ନୋଟ ମିଳିଥିବାବେଳେ ଏହା କେଉଁଠୁ ଆସିଥିଲା ସେନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ତେବେ ତଦନ୍ତବେଳେ ଏହି କାରବାରରେ ଆଉ ଦୁଇ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଧରାପଡ଼ିବା ଦିନ କନ୍‌ଷ୍ଟେବଲ ଚାକିରି ଦେବାକୁ କହି ମାନସ ଦୁଇ ଲକ୍ଷ ଟଙ୍କା ନେଇଥିଲେ, ଯାହା ନକଲି ନୋଟ ଥିଲା ବୋଲି ସେ ଜାଣିପାରି ନ ଥିଲେ। ଏପରିକି ସେଥିରୁ କିଛି ଖର୍ଚ୍ଚ ମଧ୍ୟ କରିଦେଇଥିଲେ। ତେଣୁ କେଉଁଠାରେ ସେହି ଜାଲ୍ ନୋଟ ବ୍ୟବହାର କରାଯାଇଛି, ସେନେଇ ପୋଲିସ ଖୋଳତାଡ଼ କରୁଛି।

ଏନେଇ ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି, ଜାଲ୍ ନୋଟ ଉଚ୍ଚମାନର ହୋଇଥିବାବେଳେ ତାହାକୁ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯାଇଛି। ତେବେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାବେଳେ ଏହି ଜାଲ୍ ନୋଟ କାରବାର ସମ୍ପର୍କରେ ଆମକୁ ତଥ୍ୟ ପ୍ରମାଣ ମିଳିଛି। ଏହାପଛରେ ଥିବା ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଡିସିପି ମୀନା କହିଛନ୍ତି। ତେବେ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଆଉ ଥରେ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିପାରେ ବୋଲି ସୂଚନା ମିଳିଛି।

DIR/03/04/2025-2026/Laundry Services
Govt. of Jharkhand
Office of the Director
Ranchi Institute of Neuro-Psychiatry & Allied Sciences
Kanke, Ranchi – 834006 (Ph.:2450303, 2450813)
https://rinpas.jharkhand.gov.in,, Director-rinpas@jharkhandmail.gov.in & Directorrinpas@gmail.com
E-tender notice No **DIR/03/04/2025-2026/Laundry Services** are invited in two bid system (Technical & Price Bid) through e-tendering process only from competent and eligible agencies, for a period of minimum one year.

| | |
|---|---|
| Date on publication on website | 11/04/2025, 11.30 A.M. |
| Pre-Bid Conference | 16/04/2025, 12.30 P.M. |
| Date of start of Online Bid Submission | 19/04/2025, 11.30 A.M. |
| Last Date and time for submission of Bids | 03/05/2025, 17.00 P.M. |
| **Opening of bidding** Technical Part "A" | 05/05/2025, 12.30 P.M. |

**Note:- For further details, please visit website** http://jharkhandtenders.gov.in
रिनपास पत्रांक 776 दि0:– 07/04/2025
Sd/- Director, RINPAS, Kanke, Ranchi
PR.NO.349896 RINPAS(25-26):D

झारखण्ड सरकार
पेयजल एवं स्वच्छता विभाग
ई–प्रोक्योरमेन्ट सूचना अति अल्पकालिन
(प्रथम आमंत्रण)
ई–निविदा सूचना संख्या - (धनबाद) 02/2025-26 तिथि – 08-04-2025

| | | |
|---|---|---|
| 1 | वेबसाइट पर निविदा प्रकाशन की तिथि | 15-04-2025 समय 02.00 बजे अपराह्न तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 22-04-2025 समय 04.00 बजे अपराह्न तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 22-04-2025 समय 04.00 बजे अपराह्न तक |
| 4 | तकनीकी बिड खोलने की तिथि एवं समय | 23-04-2025 समय 04:00 बजे अपराह्न |
| 5 | तकनीकी बिड खोलने का स्थान | अधीक्षण अभियंता का कार्यालय पेयजल एवं स्वच्छता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम :- | ई0 मयंक कुमार भगत, कार्यपालक अभियंता, पेयजल एवं स्वच्छता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | 0651-480345 |

| | कार्य का नाम | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation and Commissioning of 33KV & 11KV Outdoor Vaccum Circuit Breaker and 11KV indoor Vaccum Circuit Breaker of Electric Sub-Station at WTP Bhelatand of Dhanbad Urban Water Supply Scheme under D.W. & S. Mechanical Division Dhanbad | 99,80,133.00 | 1,99,700.00 | 10,000.00 | 03 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा।
निविदा की सूचना तथा नियम शर्ते की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेबसाईट http://jharkhandtender.gov.in पर देखा जा सकता है।
कार्यपालक अभियंता
पेयजल एवं स्वच्छता यांत्रिक प्रमंडल, धनबाद।
PR 349967 (Drinking Water and Sanitation) 25-26 (D)

## ସଂକ୍ଷେପରେ

### ଶ୍ରଦ୍ଧାଳୁଙ୍କୁ ବଣ୍ଟାଗଲା ସର୍ବତ

ଭଦ୍ରକ, ୮।୪(ରବିନାରାୟଣ ଖିଲାର)

ଶ୍ରୀରାମ ନବମୀରେ ଭଦ୍ରକ ସହରରେ ଦ୍ୱିବେଦୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଦହି ସର୍ବତ ଏବଂ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୌରାଧକ୍ଷା ଗୁଲମକ୍କୀ ହବିବ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଖବରଦାତା ଆଶିଷ କୁମାର ମହାନ୍ତି, ଆଇନଜୀବୀ ବିନୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ପକ୍ଷରୁ ଶୁଭାଶିଷ ଦ୍ୱିବେଦୀ, ପ୍ରଦୀପ କୁମାର ପଣ୍ଡା, ନରେନ୍ଦ୍ର ଲେଙ୍କା, ରାଧାଶ୍ୟାମ ଲେଙ୍କା, ସୌମ୍ୟରଞ୍ଜନ ଲେଙ୍କା,ଏମ୍. ଡି. ସହାନୱାଜ, କାର୍ତ୍ତିକ ଗିରି, ବଳରାମ ମଣ୍ଡଳ, ଗୌରହରି ନାୟକ, ସଦାନନ୍ଦ ଦାସ, ଦୁଃଶାସନ ଦାସ, ଲିଟୁନ ନାୟକ, ସତ୍ୟ ସୌରଭ ବେହେରା, ସରୋଜ ବାରିକ, ଅଜୟ ଖିଲାର, ରାମପ୍ରସାଦ ଜେନା, ସନ୍ଦୀପ ମିତ୍ର, ପ୍ରଶାନ୍ତ ତରାଇ, ଜଗା ମହାପାତ୍ର, ବଳରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ପ୍ରତିଷ୍ଠା ଦିବସ

ଧୁଷୁରୀ, ୮।୪ (ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ଓଳଗ ଭାଜପା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସକାଳ ୯ଟାରେ ଭାଜପା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆଖଣ୍ଡଳମଣି ମଣ୍ଡଳ ସମ୍ପାଦକ ସୁଦେଶ ପଣ୍ଡାଙ୍କ ଆବାହକତ୍ୱ ଓ ସଭାପତି ସନ୍ଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାଜପାର ବରିଷ୍ଠ ନେତା କିଶୋର ନାୟକ ଯୋଗଦେଇ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ନେତା ମିହିର ନାୟକ, ପଞ୍ଚାୟତ ଶକ୍ତି ପ୍ରମୁଖ ସଦାନନ୍ଦ ମଲିକ, ଓଳଗ ଶକ୍ତି ପ୍ରମୁଖ ଦୀପକ ରଞ୍ଜନ ବିଶ୍ୱାଳ, ଯୁବନେତା ସୁବ୍ରତ ବିଳାସ, ସୁରେଶ ମହାଳିକ, ଦୀପ୍ତିରଞ୍ଜନ ନାୟକ, ହେମାନନ୍ଦ ବିଶ୍ୱାଳ, ଦୁଷ୍ମନ୍ତ ବାରିକ, ପ୍ରତାପ କୁମାର ପାଢ଼ୀ, ଗଣେଶ ପରିଡ଼ା, ପଦ୍ମଲୋଚନ ବାରିକ, ଖଗେଶ୍ୱର ବାରିକ, ସୁବାସ ବେହେରା, ନିରାକାର ନାୟକ, ବରିଷ୍ଠ ସଭ୍ୟ ସତ୍ୟଜିତ ପଲେଇ, ସୁବାସ ସାହୁ, ଅନିଲ ନାୟକ, ହରିଶ୍ଚନ୍ଦ୍ର ମଲିକ, ରବୀନ୍ଦ୍ର ଜେନା, ଅଶୋକ ଜେନା, ପ୍ରଫୁଲ୍ଲ ସେଠୀ, ରାଧାକାନ୍ତ ଖଟୁଆ, ପ୍ରଫୁଲ୍ଲ ମହାଳିକ, ସୂର୍ଯ୍ୟକାନ୍ତ ମହାଳିକ, ସୁକେନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଶିଳ୍ପ ପ୍ରତିଷ୍ଠାର ଇପି ସେଣ୍ଟର ହେବ ଭଦ୍ରକ: ରାଜସ୍ୱ ମନ୍ତ୍ରୀ

ଭଦ୍ରକ,୮।୪(ସନାତନ ରାଉତ)



ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅଧିକାରୀମାନେ।

ଭଦ୍ରକ ଶିଳ୍ପ ପ୍ରତିଷ୍ଠାର ଇପି ସେଣ୍ଟର(ବୈଷୟିକ ପ୍ରକଳ୍ପ କେନ୍ଦ୍ର) ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଜସ୍ୱ ଭୂ-ଅର୍ଜନ ଓ ବିପର୍ଯ୍ୟୟ ପରିଚାଳନା ଉପରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଏହା କହିଥିଲେ। ଭଦ୍ରକ ଜିଲାରେ ବୃହତ୍ ବନ୍ଦର ଅଛି। ଶିଳ୍ପ କ୍ଷେତ୍ରରେ ଭଦ୍ରକ ଜିଲାର ବିକାଶ ପାଇଁ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ପୂର୍ବରୁ ଭଦ୍ରକ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ କେତେ ଜମି ଦିଆଯାଇଛି, କେତେ ଜମି ବ୍ୟବହାର ହୋଇଛି ତାହାର ସମୀକ୍ଷା କରାଯାଇ ବ୍ୟବହାର ହୋଇ ନ ଥିବା ଜମିକୁ ଫେରାଇ ଆଣିବାକୁ ରାଜସ୍ୱ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ବିକାଶର ରୋଡ୍‌ମ୍ୟାପ୍ ନେଇ ସମୀକ୍ଷା କରାଯାଇଛି। ଜଳସେଚନ ବ୍ୟବସ୍ଥା, ବସୁନ୍ଧରା ଯୋଜନାରେ ଜନଜାତିମାନଙ୍କୁ ଜମି ଯୋଗାଇ ଦିଆଯିବା, ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକର ନିଜସ୍ୱ ଜମି ନାହିଁ, ସେଗୁଡ଼ିକୁ ଜମି ଯୋଗାଇଦେବା ଆଦି ବିଷୟରେ ପ୍ରାଥମିକ ଆଲୋଚନା ହୋଇଥିବା ମନ୍ତ୍ରୀ କହିଛନ୍ତି। ଲୋକଙ୍କୁ ସେବା ପ୍ରଦାନ ପାଇଁ ନିଷ୍ଠାର ସହ କାମ କରିବାକୁ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ବିଭାଗରେ ସଂସ୍କାର ଓ ଗରିବ କଲ୍ୟାଣ ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଥିଲା। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ୧୪୫ଟି ଏମ୍‌ଓୟୁ ସାଇନ୍ କରାଯାଇଛି, ସେହି କମ୍ପାନୀଗୁଡ଼ିକୁ ଜମି ଯୋଗାଇ ଦିଆଯିବ। ଭଦ୍ରକ ଜିଲାରେ ଏହାର ଅଗ୍ରଗତି ପାଇଁ ଡାଟାବେସ୍ ୨ ମାସ ମଧ୍ୟରେ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଦିବସ



ଜିଲାପାଳ ଦିଲୀପ ରାଉତରାଏ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

ଭଦ୍ରକ,୮।୪(ସନାତନ ରାଉତ/ ରବିନାରାୟଣ ଖିଲାର)

ଓଡ଼ିଆ ପକ୍ଷ ପାଳନ ଅବସରରେ ୮ମ ଦିବସରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍‌ବ୍ୟାଙ୍କରେ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍‌ବ୍ୟାଙ୍କ ସମେତ ଧାମନଗର କଲେଜ ଓ ବ୍ରାହ୍ମଣୀଗାଁରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୩ ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ବ୍ଲଡ୍‌ବ୍ୟାଙ୍କରେ ଆୟୋଜିତ ଶିବିରକୁ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ବିମଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ



ସ୍କୁଲ ବାହାରେ ଛାତ୍ରୀଛାତ୍ର ବସିଛନ୍ତି।

ଚାନ୍ଦବାଲି,୮।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଉଗ୍ରତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ। ଫଳରେ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଭିଭାବକମାନେ ମଙ୍ଗଳବାର ପୂର୍ବାହ୍ନରେ ସ୍କୁଲରେ ତାଲା ପକାଇ ଦେଇଛନ୍ତି।

ଏହି ବିଦ୍ୟାଳୟରେ ମୋଟ ୮ ଶ୍ରେଣୀରେ ୨୫୦ ପିଲା ପାଠ ପଢୁଛନ୍ତି। ମାତ୍ର ୩ଜଣ ଶିକ୍ଷକ, ଜଣେ ଖେଳ ଶିକ୍ଷକ ଓ ଜଣେ ଚିତ୍ରାଙ୍କନ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଛୁଟିରେ ଅଛନ୍ତି। ଫଳରେ ୨ ଶିକ୍ଷକରେ ଚାଲିଛି ପାଠପଢ଼ା। ଏଥିରେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ବିଦ୍ୟାଳୟ ଫାଟକରେ ତାଲା ପକାଇଛନ୍ତି। ଶିକ୍ଷକ ଅଭାବରୁ ପିଲାମାନେ ବିଜ୍ଞାନ, ଗଣିତ

**ଉଗ୍ରତରା ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକ ଅଭାବ**

ଓ ଇଂଲିଶ ବିଷୟରେ ପାଠ ପଢ଼ିପାରୁ ନାହାନ୍ତି। ଏନେଇ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ଶ୍ରେଣୀରେ ଶିକ୍ଷକ ନ ରହିବାରୁ ପିଲାମାନେ ବାହାରେ ବୁଲିବା ସହ ଖେଳାଖେଳି କରୁଛନ୍ତି। ଏବେ ସକାଳୁଆ ସ୍କୁଲ ଚାଲିଥିବା ବେଳେ ମଙ୍ଗଳବାର ତାଲା ପଡ଼ି ରହିବାରୁ ଛାତ୍ରୀଛାତ୍ର ସ୍କୁଲ ବାହାରେ ପାଲ ପକାଇ ବସିଥିଲେ। ସ୍କୁଲ ସମୟ ପୂର୍ବାହ୍ନ ୧୦ଟା ୩୦ ପରେ ଘରକୁ ଫେରି ଯାଇଥିଲେ। ସରକାର ଏଠାରେ ନୂତନ ଶିକ୍ଷକ ନିଯୁକ୍ତି ଦିଅନ୍ତୁ, ନ ହେଲେ ସମସ୍ତ ପିଲାଙ୍କୁ ଟିସି ଦେଇ ସ୍କୁଲରେ ତାଲା ପକାଇ ଦିଅନ୍ତୁ। ସ୍କୁଲରେ ସମ୍ପୂର୍ଣ୍ଣ ଶିକ୍ଷକ ପଦବୀ ପୂରଣ ନ ହେବା ପର୍ଯ୍ୟନ୍ତ ତାଲା ପଡ଼ି ରହିବ ବୋଲି ଅଭିଭାବକ ପ୍ରିୟବ୍ରତ ଦାସ, ଚିତ୍ରସେନ ସେଠୀ, ସୂର୍ଯ୍ୟକାନ୍ତ ଦୀକ୍ଷିତ, ତିଳୋତ୍ତମା ସାହୁ, ଅନୁପମା ପଲାଇ, ଶିବଚରଣ ବାରିକ, ମନୋଜ ଦାସ, ସୁଶାନ୍ତ ବାରିକ, ଭାଗୀରଥି ସାହୁ, ବାସନ୍ତୀ ସାହୁ, ସସ୍ମିତା ବାରିକ, ସରସ୍ୱତୀ ସାହୁ ପ୍ରମୁଖ ଅଭିଭାବକ କହିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ନିର୍ମଳା ସାହୁ ଏବଂ ସିଆର୍‌ସିସି ବୀଣାପାଣି ମୁଦୁଲି ଉକ୍ତ ବିଦ୍ୟାଳୟରେ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ସ୍କୁଲରେ ପଦବୀ ଖାଲି ପଡ଼ିଥିବା ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ନୂତନ ଶିକ୍ଷକ ନିଯୁକ୍ତି ହେଲେ ଉକ୍ତ ସ୍କୁଲକୁ ଶିକ୍ଷକ ଦିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ମହାରାଜ କହିଛନ୍ତି।

# ୨ କୃଷି କର୍ମଚାରୀଙ୍କୁ ଆକ୍ରମଣ

ଧୁଷୁରୀ, ୮।୪ (ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ପୋଖରୀଆଠାରେ ମଙ୍ଗଳବାର ସକାଳ ପ୍ରାୟ ୯ଟା ବେଳେ ୨ କୃଷି କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦୁଇଜଣ ହେଲେ ଗ୍ରାମ କୃଷି ଅଧିକାରୀ ଗୋପୀନାଥ ହାଁସଦା ଓ କୃଷକ ସାଥୀ ବାସୁଦେବ ବେହେରା। ସୂଚନା ଅନୁଯାୟୀ, ଜଗନ୍ନାଥ ସାହି କମ୍ୟୁନିଟି ସେଣ୍ଟର ନିକଟରେ ସାହସପୁର ପଞ୍ଚାୟତର କାର୍ଯ୍ୟରତ କୃଷକ ସାଥୀ ବାସୁଦେବ ସାହସପୁର ଏବଂ ପୋଖରୀଆ ଗ୍ରାମର କୃଷକମାନଙ୍କୁ କୃଷି ଅଧିକାରୀ ଗୋପୀନାଥଙ୍କ ଉପସ୍ଥିତିରେ ମୁଗ ବିହନ ବିତରଣ କରୁଥିଲେ। ସେହି ସମୟରେ ଜଗନ୍ନାଥସାହିର ରାଜେନ୍ଦ୍ର ପଲାଇ(୪୫), ବ୍ରଜକିଶୋର ମାଝୀ(୪୪), ଲକ୍ଷ୍ମୀଧର ମାଝୀ(୩୦) ଓ ବିଶ୍ୱଜିତ ପଲାଇ(୨୫) ସେଠାରେ ପହଞ୍ଚି ମୁଗ ବିତରଣକୁ ବିରୋଧ କରିବା ସହ ମୁଗ ରହୁଥିବା ଗୃହକୁ ବନ୍ଦ କରି ତାଲା ପକାଇ ଦେଇଥିଲେ। ଏଥି ସହ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ୨ କୃଷି କର୍ମଚାରୀ ଧୁଷୁରୀ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଆହତ ୨ କର୍ମଚାରୀ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ଜଗନ୍ନାଥସାହିର ବ୍ରଜକିଶୋରଙ୍କ ସ୍ତ୍ରୀ ଉମାମଣି ମାଝୀ ତାଙ୍କ ସ୍ୱାମୀଙ୍କୁ ୨ କୃଷି କର୍ମଚାରୀ ମାଡ଼ ମାରିଥିବା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଅଭିଯୋଗକ୍ରମେ ଧୁଷୁରୀ ଥାନାରେ ୨ଟି ମାମଲା (ନଂ.୧୫୦/୨୫ ଓ ୧୫୧/୨୫) ରୁଜୁ କରାଯାଇଛି।

# ଦେଶୀମଦ ଜବତ, ୩ ଗିରଫ

ଧାମନଗର,୮।୪(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକରୁ ଧାମନଗରକୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ମଦ ଆସୁଥିବା ବେଳେ ମଙ୍ଗଳବାର ଅପରାହ୍ନ ୩ଟା ବେଳେ ଅବକାରୀ ବିଭାଗ ଜବତ କରିଛି। ଗାଡ଼ିକୁ ପିଛା କରି ଧାମନଗର ଏନ୍‌ଏସି ଚୁନୁପଡ଼ା ଛକ ନିକଟରେ ଗାଡ଼ିକୁ ଅବକାରୀ ବିଭାଗ ଧରିଥିଲା। ଗାଡ଼ିରେ ଥିବା ୪୦ ଲିଟର ଆସ୍କାଫର୍ଟି ଦେଶୀ ମଦ ଜବତ କରାଯାଇ ଏକ ମାମଲା ରୁଜୁ କରାଯାଇଛି। ଏଥିରେ ସମ୍ପୃକ୍ତ ଧାମନଗର ଏନ୍‌ଏସି ଅଞ୍ଚଳର ବିଦ୍ୟାଧର ଶିଅଳ(୫୦), ସେକ ଯୁଗୁନୁ (୨୮) ଏବଂ ଲିଟୁ ପୋଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଧାମନଗର ଅବକାରୀ ଥାନାଧିକାରୀ ଅଭିଳାଷ ପାଲ କହିଛନ୍ତି।

# ଶହୀଦନଗର ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଉଛି।

ଧାମନଗର, ୮।୪ (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଶହୀଦନଗରସ୍ଥିତ ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମାଜରେ ପରିବର୍ତ୍ତନ ଶିକ୍ଷାନୁଷ୍ଠାନରୁ ଆରମ୍ଭ ହୋଇଥାଏ। ଗୁଣାତ୍ମକ ଶିକ୍ଷା ପାଇଁ ବିଦ୍ୟାଳୟକୁ ପିଏମ୍‌ଶ୍ରୀ ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ସୃଜନଶୀଳତା ଓ ଜୀବନ ଗଢ଼ିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ବିଡିଓ ବନ ବିହାରୀ ଦିଣ୍ଡା, ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ମନୋରଞ୍ଜନ ମଲ୍ଲିକ, ବରିଷ୍ଠ ନେତା ରଘୁନାଥ ଲେଙ୍କା, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ, ଗୟାଧର ନାୟକ, ସାମାଜିକ କର୍ମୀ ତୁଷାର ମିଶ୍ର, ବୁଦ୍ଧଦେବ ଜେନା ଓ ଶର୍ମାନନ୍ଦ ନାୟକ ଯୋଗ ଦେଇଥିଲେ। ଖବରଦାତା ବୈକୁଣ୍ଠ ନାଥ ସାହୁ ସଭା ସଂଯୋଜନା କରିଥିଲେ। ବେଦପାଠ କରିଥିଲେ ଶିକ୍ଷୟିତ୍ରୀ ନିବେଦିତା ନାୟକ। ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଏବଂ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚରେ ଜେଆର୍‌ସି ଏବଂ ସ୍କାଉଟ ଗାଇଡ୍ ଟିମ୍ ସହ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଧୁପୁରରେ ବାସନ୍ତିକ ଦୁର୍ଗାପୂଜା

ବନ୍ତ,୮।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ମଧୁପୁର ଗ୍ରାମରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ନିଟକସ୍ଥ କପାଳୀ ନଦୀରେ କଳସ ବୁଡ଼ାଯାଇ ଘଟସ୍ଥାପନା ପୂର୍ବକ ପୂଜା ଆରମ୍ଭ ହୋଇଥିଲା। ଶୁକ୍ରବାର କଳସ ଯାତ୍ରା ପରେ ସୋମବାର ପର୍ଯ୍ୟନ୍ତ ବିଭିନ୍ନ ପୂଜା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସୁଶାନ୍ତ ଶେଖର ସ୍ୱାଇଁ, ଶତାବ୍ଦୀ ସ୍ୱାଇଁ ଥିବାବେଳେ ପୂଜକ ହରେକୃଷ୍ଣ ପତି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସୁଧାଂଶୁ ଶେଖର ସ୍ୱାଇଁ, ହିମାଂଶୁ ଶେଖର ସ୍ୱାଇଁ, ଚିତ୍ତ ରଞ୍ଜନ ସ୍ୱାଇଁ, ମୀତକେତନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଧାମନଗର, ୮।୪ (ଦେବେନ୍ଦ୍ର ଆଦିଆ)

ଓଡ଼ିଆ ପକ୍ଷ ପାଳନ ଅବସରରେ ମଙ୍ଗଳବାର ଧାମନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ହେମନ୍ତ କୁମାର ଘରାଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଡା. ଶରତ ଆଚାର୍ଯ୍ୟ ଓ ସହକର୍ମୀଙ୍କ ସହଯୋଗରେ ରକ୍ତ ସଂଗ୍ରହ ହୋଇଥିଲା। ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧିକାରୀ ଡ. ମନୋଜ କର ସଂଯୋଜକ ଭାବେ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଡ. ସମୀର କୁମାର ହୁଇ ପ୍ରଥମେ ରକ୍ତଦାନ କରିଥିଲେ। ଆଧାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବିଜୟା ଦଶମୀ ମହୋତ୍ସବରେ ୪୨ ପ୍ରଜ୍ଞାପନ ମେଢ଼

ତିହିଡ଼ି,୮।୪(ସଞ୍ଜିତ ବଳ)

ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ବିଜୟା ଦଶମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତି ୯ଟାରୁ ଶୋଭାଯାତ୍ରା ଆରମ୍ଭ ହୋଇ ମଙ୍ଗଳବାର ଭୋର ସମୟରେ ଶେଷ ହୋଇଥିଲା। ଭକ୍ତମାନଙ୍କ ଜୟ ଶ୍ରୀରାମ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଭିନ୍ନ ଅଞ୍ଚଳର ୪୨ଟି ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ମଙ୍ଗରାଜପୁର ଗ୍ରାମରୁ ବାହାରିଥିବା ଶୋଭାଯାତ୍ରା ରାତି ପ୍ରାୟ ୧୨ଟା ବେଳେ ପ୍ରଥମ ମେଢ଼ ଭାବେ ତିହିଡ଼ିସ୍ଥିତ ରାମ ମନ୍ଦିରରେ ପହଞ୍ଚିଥିଲା। ପରେ ଅନ୍ୟ ମେଢ଼ ସବୁ ଶୋଭାଯାତ୍ରା ସହ ମନ୍ଦିରରେ ପହଞ୍ଚିଥିଲା। ସକାଳେ ରାମ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ରାମାୟଣ ପାଠ କରାଯାଇଥିଲା। ପୂଜକ ଭାବେ ରଘୁନାଥ ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ।

ଅପରାହ୍ନରେ ଶ୍ରୀରାମଙ୍କ ମୂର୍ତ୍ତିକୁ ପାରମ୍ପରିକ ବାଦ୍ୟ ସହ ଶୋଭାଯାତ୍ରାରେ ନିଆଯାଇ ବଜାର ପରିକ୍ରମା କରାଯିବା ପରେ ମନ୍ଦିର ପ୍ରବେଶ ପଥ ଆରମ୍ଭରେ ସ୍ଥାପନ କରାଯାଇଥିଲା। ସମସ୍ତ ମେଢ଼ ଶ୍ରୀରାମଙ୍କୁ ଦର୍ଶନ କରି ମନ୍ଦିର ଆଡ଼କୁ

**ଶୋଭାଯାତ୍ରାରେ ପାହିଲା ରାତି**

ଅଗ୍ରସର ହୋଇଥିଲେ। ତିହିଡ଼ି ପୋଲିସ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରସାଦ ଓ ପଣା ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ଭଗବାନ ପଣ୍ଡା, ବରିଷ୍ଠ ନେତା ଦୀନବନ୍ଧୁ ପତି, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ଉଦୟ ନାରାୟଣ ମଲ୍ଲିକ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ସୋମନାଥ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ସମିତି ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି କେଶରୀ ଦାସ, କର୍ମକର୍ତ୍ତା ପି. ହୃଷୀକେଶ, ପ୍ରଶାନ୍ତ ବଳ, ଲୋକେଶ ପାଣିଗ୍ରାହୀ, ବିଶ୍ୱଜିତ ବେହେରା, ଅଜୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଭାଜପା ନେତା ରଘୁନାଥ ପାତ୍ର, ଶୁକଦେବ ମଲିକ, ମଣ୍ଡଳ ସଭାପତି କେଶବ ବେହେରା, ସରୋଜ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସଞ୍ଜୀବ ବେହେରା, ପ୍ରମୋଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ନିୟୋଜିତ ଥିଲା।



ଏକ ମେଢ଼କୁ ଶୋଭାଯାତ୍ରାରେ ନିଆଯାଉଛି।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଧାମନଗର





ଶୋଭାଯାତ୍ରାରେ ସାମିଲ ହୋଇଥିବା ଏକ ମେଢ଼। ଶୋଭଯାତ୍ରାକୁ ଆସିଥିବା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲାପାଳ ଦିଲୀପ ରାଉତରାଏ, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ଓ ଅନ୍ୟମାନେ।

ଧାମନଗର, ୮।୪(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗରଠାରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଅବସରରେ ମଙ୍ଗଳବାର ଅପରାହ୍ନରେ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଛି। ବିଭିନ୍ନ ଅଞ୍ଚଳରୁ ବାହାରିଥିବା ୧୬ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜୟ ଶ୍ରୀରାମ ଧ୍ୱନିରେ ଧାମନଗର ପ୍ରକମ୍ପିତ ହୋଇଉଠିଥିଲା। ଧାମନଗରସ୍ଥିତ ମେଳଣ ପଡ଼ିଆରେ ଚାଲିଥିବା ତ୍ରିଦିବସୀୟ ଶ୍ରୀରାମ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। ସମଗ୍ର ଧାମନଗର ନଗର ଗେରୁଆ ପତାକା ସାଙ୍ଗକୁ ଆଲୋକମାଳାରେ ଝଟକୁଥିଲା।

**ଶୋଭାଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ**

ଅପରାହ୍ନ ୪ଟା ବେଳେ ଷେଣ୍ଢପୁର, ଦୋବଲ, ଭଗବାନପୁର, ଜୟନଗର, ଧୁଷୁରୀ, ଅସୁରାଳି, ଚୁଡ଼ାକୁଟି ପ୍ରମୁଖ ଅଞ୍ଚଳରୁ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଧାମନଗର ବ୍ଲକ ବଜାରସ୍ଥିତ ରାମ ମନ୍ଦିରଠାରେ ଏକତ୍ର ହୋଇ ବଜାର ବୁଲି ମେଳଣ ପଡ଼ିଆ ଯଜ୍ଞ ମଣ୍ଡପଠାରେ ପହଞ୍ଚିଥିଲେ। ଗତବର୍ଷ ପରି ଚଳିତବର୍ଷ ମଧ ୧୬ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ, ଲଉଡ଼ି ନୃତ୍ୟ, ଧଙ୍ଗଡ଼ା ନୃତ୍ୟ, ମହିଳା ସଙ୍କୀର୍ତ୍ତନ, ଡିଜେ, ସିଂହ ବାଜା ଆକର୍ଷଣ ସାଜିଥିଲା। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ଛକ ବଜାରଠାରେ ବ୍ୟକ୍ତିବିଶେଷ, ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପାନୀୟ, ସର୍ବତ, ଆଇସକ୍ରିମ୍, ତରଭୁଜ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ମହିଳା ରୁଣ୍ଡ ହୋଇ ଶଙ୍ଖ ହୁଳହୁଳିରେ ସ୍ୱାଗତ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭଦ୍ରକ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଉପସ୍ଥିତ ରହି ନଜର ରଖିଥିଲେ। ୨ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ନେତୃତ୍ୱରେ ୬ ଇନ୍ସପେକ୍ଟର, ୨୦ ସବ୍ ଇନ୍ସପେକ୍ଟର, ଜଣେ ହାବିଲଦାର, ୧୧ କନ୍‌ଷ୍ଟେବଲ ନିୟୋଜିତ ଥିବାବେଳେ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ଓ ଜିଲାପାଳ ଦିଲୀପ ରାଉତରାଏ ପହଞ୍ଚି ତଦାରଖ କରିଥିଲେ। କୈଳାସ ମହାପାତ୍ର, ମନୋଜ ମଲ୍ଲିକ, ଅଶୋକ ପୁହାଣ, ସରୋଜ ମହାପାତ୍ର, କୈଳାସ ଗୁପ୍ତା, ଶରତ ମହାନ୍ତି, ନାରାୟଣ ରାଉତ, ବିରେନ୍ଦ୍ର ଜେନା, ଅରବିନ୍ଦ ପତି, ରମେଶ ପତି, ପ୍ରମୋଦ ଆଦିଆ, ଦୀପ୍ତିରଞ୍ଜନ ଜେନା, ବୈକୁଣ୍ଠ ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆରମ୍ଭ ହେଲା ଜାତୀୟ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍

କେନ୍ଦୁଝର,୮।୪ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରେ ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍ ମଙ୍ଗଳବାର ସକାଳ ୯ଟାରେ ଉଦ୍‌ଘାଟିତ ହୋଇଛି। କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଚାମ୍ପିୟନସିପକୁ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତଅତିଥି ଭାବେ ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏଶନର ନିର୍ବାହୀ ନିର୍ଦ୍ଦେଶକ ଆନନ୍ଦେଶ୍ୱର ପାଣ୍ଡେ ଯୋଗ ଦେଇଥିଲେ। ଏଥିରେ ୨୬ ରାଜ୍ୟର ୫୫ଟି ଖେଳାଳି ଯୋଗ ଦେଇଥିବା ବେଳେ ସମୁଦାୟ ୪୦ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ଏହି ଜାତୀୟସ୍ତରୀୟ ଚାମ୍ପିୟନଶିପ୍ ମ୍ୟାଚ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୨ ତାରିଖରେ ଉଦ୍‌ଯାପନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କେନ୍ଦୁଝର ହ୍ୟାଣ୍ଡବଲ୍ ଆସୋସିଏଶନର ସମ୍ପାଦକ ରିତିକ ଅଧିକାରୀ କହିଛନ୍ତି।

# ମୃତବ୍ୟକ୍ତିଙ୍କ ଦସ୍ତଖତରେ ଗଛ କାଟିବାକୁ ଅନୁମୋଦନ

କେନ୍ଦୁଝର,୮।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

- କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରୁ ମାତ୍ରାଧିକ ଗଛ କାଟିବା ଘଟଣା
- ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରୁ ମାତ୍ରାଧିକ ଗଛ କାଟିବା ଘଟଣାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗଛ କାଟିବାକୁ ନେଇ ବନ ସୁରକ୍ଷା ସମିତି ପକ୍ଷରୁ ହୋଇଥିବା ଗ୍ରାମସଭାରେ ମୃତ ଲୋକଙ୍କୁ ଉପସ୍ଥିତ ଦର୍ଶାଇ ଜାଲ୍ ଦସ୍ତଖତ କରାଯାଇଛି। ଏପରି ବୈଠକରେ ଅନୁପସ୍ଥିତ ଲୋକଙ୍କ ଦସ୍ତଖତ ଜାଲ୍ କରାଯାଇ ଗଛକଟା ପାଇଁ ଅନୁମୋଦନ କରାଯାଇଛି। ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀ ଏଭଳି ସାଂଘାତିକ ଅଭିଯୋଗ କରିଛନ୍ତି। ପ୍ରକୃତପକ୍ଷେ ସଭା କରା ନ ଯାଇ ଘରେ ବସି ଦସ୍ତଖତ ଯୋଗାଡ଼ କରି ସଭା ଅନୁମୋଦନ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଜିଲାପାଳ ଏହାର ତଦନ୍ତ କରିବା ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ୧୬ ଜାନୁଆରୀ ୨୦୨୪ରେ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବା ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଛ କାଟିବାକୁ ଚମ୍ପୁଆ ରେଞ୍ଜରକୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବରେ କୃଷ୍ଣପୁର ଗ୍ରାମର ଗୁରା ମୁଣ୍ଡାଙ୍କ ଦସ୍ତଖତ ରହିଛି। ଗୁରା ମୁଣ୍ଡା ୧୦ ଅକ୍ଟୋବର ୨୦୦୫ରେ ମୃତ୍ୟୁବରଣ କରିଛନ୍ତି। ମାତ୍ର ତାଙ୍କ ନାମରେ କେହି ଦସ୍ତଖତ କରିଛନ୍ତି। ଏଥିସହ ଗ୍ରାମର ୨୫ ଜଣ ଦସ୍ତଖତ କରି ନ ଥିବା ବେଳେ ତାଙ୍କ ନାମରେ ଜାଲ ଦସ୍ତଖତ ହୋଇଛି। କୃଷ୍ଣପୁର ବନ ସୁରକ୍ଷା ସମିତିର ଆବେଦନ କ୍ରମେ ଡିଏଫ୍‌ଓ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୪ ମେ ୨୦୨୪ରେ ୨୫୦୫ଟି ୟୁକାଲିପଟାସ ଗଛ କାଟିବାକୁ ଅନୁମତି ପ୍ରଦାନ କରିଥିଲେ। ଅନୁମତି ମିଳିବା ପରେ ଗଛକଟା ବାବଦ ୩୦ ଲକ୍ଷ ୬୫ ହଜାର ଟଙ୍କା ଜମା କରିବା ପରେ ଗଛ କାଟିବା କଥା। ମାତ୍ର ତାହା ଜମା ନ କରାଯାଇ ଅନୁମତିଠାରୁ ବହୁ ଅଧିକ ଗଛ କଟାଯାଇଥିଲା। ଏନେଇ ସେ ସମୟରେ ଅଭିଯୋଗ ହେବାରୁ ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ କଟାଗଛର ମୁଳ ଗଣତି ହୋଇଥିଲା। ଅଧିକ ୧୧୨୩ଟି କଟାଗଛ ଗଣତି ପରେ ହଠାତ୍ ଗଣତି ବନ୍ଦ କରାଯାଇଥିଲା। ୩୦୦୦ରୁ ଅଧିକ ଗଛ କଟାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଅନୁମତିଠାରୁ ଅଧିକ ଏବଂ ଶାଳ, ଆକାଶିଆ, ଶିଶୁ ପ୍ରଜାତିର ଗଛ କଟାଯାଇଥିବାରୁ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ ମହାନ୍ତ ଏବଂ ଅନ୍ୟ ୧୩ ଜଣଙ୍କ ନାମରେ ଚମ୍ପୁଆ ଥାନାରେ ମାମଲା ରୁଜୁ ହୋଇଥିଲା। ଗଛକଟା ବାବଦ ଅର୍ଥ ବନସୁରକ୍ଷା ସମିତିଆକାଉଣ୍ଟରେ ଜମା କରା ନ ଯାଇ କିଛି ସଦସ୍ୟଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା। ଅଭିଯୋଗ ପରେ ଚମ୍ପୁଆ ରେଞ୍ଜ ଅଫିସର ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ ଭିଏସ୍‌ଏସ୍ ସଭାପତିଙ୍କୁ ଚିଠି ସଂଖ୍ୟା ୩୩୮, ୨୮ ନଭେମ୍ବର ୨୦୨୪ରେ ୩ ଦିନ ମଧ୍ୟରେ ଅର୍ଥ ଜମା କରିବାକୁ କହିଥିଲେ। ଉକ୍ତ ଅର୍ଥ ଜମା ନ କଲେ ଅର୍ଥ ହଡପ ମାମଲା ରୁଜୁ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଚିଠି କରାଯିବାର ୪ ମାସ ପରେ ମଧ୍ୟ ସମ୍ପୂର୍ଣ୍ଣ ଅର୍ଥ ଭିଏସ୍‌ଏସ୍ ଆକାଉଣ୍ଟରେ ଜମା ହୋଇ ନ ଥିଲେ ବି ମାମଲା ରୁଜୁ ହେଉନି। ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛ କଟା ମାମଲାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏଥିସହ କଟାଗଛର ମୂଳ ଗଣତି ସମ୍ପୂର୍ଣ୍ଣ କରିବା, ଅଧିକ ଗଛ କଟିଥିବା ବାବଦ ମାପଚୁପ ଓ ସେ ବାବଦ ଅର୍ଥ ଭିଏସ୍‌ଏସ୍ ଆକାଉଣ୍ଟରେ ଜମା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବେଆଇନ କାମ କରାଯାଇ ଗଛ କାଟିବା ପାଇଁ ପ୍ରସ୍ତାବ ଅନୁମୋଦନ କରାଯାଇଥିବାରୁ ଦୋଷୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି। ଡିଏଫ୍‌ଓ ଧନରାଜ ଏଚ୍‌ଡ଼ି ଏ ବିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଏଜେ ଫିଟନେସ୍ ବଡ଼ବିଲ ବିଜୟୀ

**୨ୟ ଚାଲେଞ୍ଜର ନାଇଟ୍ କ୍ରିକେଟ ପ୍ରତିଯୋଗିତା**



ଅତିଥିଙ୍କ ସହ ଖେଳାଳିମାନେ।

ଚମ୍ପୁଆ,୮।୪(ମହେଶ୍ୱର ଦାସ)

ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରେ ଚମ୍ପୁଆ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨ୟ ଚାଲେଞ୍ଜର ନାଇଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂହ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବାର୍ ଆସୋସିଏସନ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ଯୁବ ନେତା ବବି ଦାସ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଓ ଝାଡ଼ଖଣ୍ଡର ନାମିଦାମୀ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପ୍ରଥମ ପ୍ରତିଯୋଗିତାରେ ପବିତ୍ର ଷ୍ଟାର ଏକାଦଶକୁ ହରାଇ ଏଜେ ଫିଟନେସ୍ ବଡ଼ବିଲ ବିଜୟୀ ହୋଇଥିଲା।

# କୂଅ ପାଖରେ ସେପ୍ଟି ଟାଙ୍କି ନିର୍ମାଣକୁ ବିରୋଧ

ଯୋଡ଼ା,୮।୪(ମାନସ ମହାନ୍ତି)

**ଜିଲାପାଳଙ୍କଠାରେ ଫେରାଦ ହେଲେ ୱାର୍ଡବାସୀ**



ଅଭିଯୋଗ ପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୭ନଂ. ୱାର୍ଡରେ ଲୋକେ ବ୍ୟବହାର କରୁଥିବା କୂଅ ନିକଟରେ ପାଇଖାନା ସେପ୍ଟି ଟାଙ୍କି ନିର୍ମାଣକୁ ବିରୋଧ କରାଯାଇଛି। ଏହି ଟାଙ୍କି ନିର୍ମାଣ ବନ୍ଦ କରିବା ଦାବିରେ ସ୍ଥାନୀୟ ୱାର୍ଡବାସୀ କେନ୍ଦୁଝର ଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ସହିତ ଚମ୍ପୁଆ ଉପ ଜିଲାପାଳ ଓ ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଏବାବଦରେ ଅବଗତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ୱାର୍ଡରେ ଭାବଗ୍ରାହୀ ପାତ୍ରଙ୍କ ଏକ ବ୍ୟକ୍ତିଗତ କୂଅ ରହିଛି। ଉକ୍ତ କୂଅରୁ ନିକଟରେ ରହୁଥିବା ପ୍ରାୟ ୧୦ରୁ ୧୫ ପରିବାରର ଲୋକେ ପାନୀୟ ଜଳ ବ୍ୟବହାର କରୁଛନ୍ତି। ମାତ୍ର କିଛି ଦିନ ହେବ ଉକ୍ତ କୂଅଠାରୁ ପ୍ରାୟ ୭/୮ ଫୁଟ ଦୂରତାରେ ଅନ୍ୟ ଜଣେ ବ୍ୟକ୍ତି ନିଜର ପାଇଖାନା ସେପ୍ଟି ଟାଙ୍କି ନିର୍ମାଣ କରୁଥିଲେ। ଏହି ସେପ୍ଟି ଟାଙ୍କି ନିର୍ମାଣ ହେଲେ ଉକ୍ତ କୂଅରେ ଅପରିଷ୍କାର ଜଳ ଯାଇ ମିଶିଯିବ। ଯାହାକୁ ଲୋକେ ବ୍ୟବହାର କରି ବିଭିନ୍ନ ରୋଗରେ ସଂକ୍ରମିତ ହେବେ। କୂଅର ଜଳ ପିଇବା ଅନୁପଯୋଗୀ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେପ୍ଟି ଟାଙ୍କି ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଇତିମଧ୍ୟରେ ଦୁଇଥର ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ପରେ କାହା ନିର୍ଦ୍ଦେଶରେ ସମ୍ପୃକ୍ତ ବ୍ୟକ୍ତି ଜଣକ ପୁନର୍ବାର ସେପ୍ଟି ଟାଙ୍କି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ପୌରପାଳିକାର ନିର୍ଦ୍ଦେଶକୁ ଅବମାନନା କରି ଏହି କାର୍ଯ୍ୟ କରାଯାଇଥିବାରୁ ଲୋକେ ମଙ୍ଗଳବାର ପୂର୍ବାହ୍ନରେ ଯୋଡ଼ା ପୌର କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ ପତ୍ର ଦେଇଥିଲେ। ଏ ସମ୍ପର୍କରେ ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀଣୀ ଶ୍ୱେତପଦ୍ମା ଧଳଙ୍କୁ ପଚାରିବାରେ ଉଭୟଙ୍କ ଜମି ସରକାରୀ ଜମି ଅଧିକୃତ। ଉଭୟ ପକ୍ଷରୁ ବାରମ୍ବାର ଅଭିଯୋଗ ହେବା ଦ୍ୱାରା ବିନା ପକ୍ଷପାତିତାରେ ସରକାରୀ ଜମି ଉଚ୍ଛେଦ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ ପୌରପାଳିକା କାର୍ଯ୍ୟାଳୟକୁ ଯାଇଥିବା ଏକାଧିକ ଜନସାଧାରଣ କହିଛନ୍ତି ଯେ,ଗୋଟିଏ ପକ୍ଷ ପ୍ରତି ପୌରପାଳିକାର କେତେଜଣ ଅସାଧୁ ଅଧିକାରୀ ପ୍ରିୟାପ୍ରୀତି ପୋଷଣ କରୁଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଯୋଡା ପୌର ଅଧ୍ୟକ୍ଷ ଡା.ଜଗଦୀଶ ପ୍ରସାଦ ସାହୁ କହିଛନ୍ତି।

## କମ୍ୟୁନିଷ୍ଟ ନେତା ନବୀନ ଦାଶଙ୍କ ପରଲୋକ

କେନ୍ଦୁଝର,୮।୪(ଦୀପକ ମିଶ୍ର)

ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା କେନ୍ଦୁଝର ଜିଲା ଅଣଗେଜେଟେଡ୍ କର୍ମଚାରୀ ସଂଘର ସଭାପତି ନବୀନ କୁମାର ଦାଶଙ୍କ ପରଲୋକ ଘଟିଛି। ସେ ଗତ କିଛିଦିନ ହେବ ମୁତ୍ରାଶୟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ଝିଅ ତଥା ବରିଷ୍ଠ ଆଇନଜୀବୀ ବିନିତା ଦାଶ ମୁଖାଗ୍ନି ଦେଇଥିଲେ। ଜଣେ ଦରଦୀ,ଜନପ୍ରିୟ ଓ ସେବାପରାୟଣ ବ୍ୟକ୍ତିତ୍ୱ ଭାବେ ସେ କେନ୍ଦୁଝର ସହରରେ ବେଶ୍ ପରିଚିତ ଥିଲେ। ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସାମ୍ୟବାଦରେ ବିଶ୍ୱାସ କରୁଥିବା ସ୍ୱର୍ଗତଃ ଦାଶ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହପାଠୀ ଥିଲେ। ତାଙ୍କ ମୃତ୍ୟୁକୁ ନେଇ କେନ୍ଦୁଝର ଜିଲାରେ ଶୋକର ଛାୟା ଖେଳିଯାଇଛି।

## ଶୋଇଥିବାବେଳେ ଚାଲିଗଲା ବ୍ୟବସାୟୀଙ୍କ ଜୀବନ

ଢେଙ୍କିକୋଟ, ୮।୪ (ନୀଳମଣି ମଣ୍ଡଳ)

ଢେଙ୍କିକୋଟ ବଜାରର ବ୍ୟବସାୟୀ ରାଜକିଶୋର ମହାନ୍ତ(୪୫)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସୋମବାର ରାତିରେ ଘରେ ଶୋଇଥିବା ବେଳେ ତାଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସେ ରାତିରେ ଖାଇପିଇ ଏକାକୀ ଭଡ଼ାଘରେ ଶୋଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଘର କବାଟ ଖୋଲି ନ ଥିଲେ। ବାହାର ଲାଇଟ୍ ବନ୍ଦ ନ ହେବାରୁ ତାଙ୍କୁ ବାହାରୁ ଡକାଯାଇଥିଲା। ସେ କୌଣସି ଉତ୍ତର ନ ଦେବାରୁ ତାଙ୍କୁ ଫୋନ କଲ୍ କରାଯାଇଥିଲା। ତଥାପି କୌଣସି ଉତ୍ତର ନ ଆସିବାରୁ ଘର ମାଲିକ କବାଟ ଖୋଲି ସେ ସଂଜ୍ଞାହୀନ ଅବସ୍ଥାରେ ଖଟରେ ଶୋଇଥିବା ଦେଖିଥିଲେ। ତାଙ୍କ ସ୍ତ୍ରୀ ଘଟଗାଁ ଥାନାରେ କନ୍‌ଷ୍ଟେବଲ ଅଛନ୍ତି। ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ଆମ୍ବୁଲାନ୍ସ ଡାକିବା ପାଇଁ ଘର ମାଲିକ କହିଥିଲେ। ସେ ଆସି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ମୃତ ରାଜକିଶୋରଙ୍କ ଉଚ୍ଚ ରକ୍ତଚାପ ସହ ମଧୁମେହ ରୋଗ ଥିଲା। ସେ ନିୟମିତ ଔଷଧ ଖାଉଥିଲେ ବୋଲି ତାଙ୍କ ସ୍ତ୍ରୀ ନଳିନୀ ମହାନ୍ତ କହିଛନ୍ତି। ତାଙ୍କ ଘର ତୁରୁମୁଙ୍ଗା ଥାନା ଅଧୀନ ବାଇକଳା ଗ୍ରାମରେ। ସେ ଜଣେ ଦକ୍ଷ ମୋବାଇଲ ଫୋନ ରିପ୍ୟାରିଂ ମେକାନିକ ଥିଲେ। ଅପରାହ୍ନରେ ପରିବାର ଲୋକେ ତାଙ୍କ ମରଶରୀର ବାଇକଳା ଗ୍ରାମକୁ ନେଇଥିଲେ। ତାଙ୍କ ମୃତ୍ୟୁରେ ଢେଙ୍କିକୋଟ ବଜାରରେ ସବୁ ଦୋକାନ ବଜାର ବନ୍ଦ ରହିଥିଲା।



## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଗୋପବନ୍ଧୁ ନଗର, ୮।୪(ଶାନ୍ତନୁ କୁମାର ମଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜିକା ସସ୍ମିତା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ୮ ଦିନିଆ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା, ଅଧ୍ୟାପିକା ମାମୁନୀ ବେରା, ପାର୍ବତୀ ମଣି ବେହେରା, ସୁକାନ୍ତି ବିଶ୍ୱାଳ ଓ ଟ୍ରେନର ମିନତୀ ପଲତା ଯୋଗଦେଇ ଆତ୍ମରକ୍ଷାର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ। ତାଲିମ ନେଇଥିବା ଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣା

ଉଦଳା,୮।୪(ସନ୍ତୋଷ କୁମାର ବାଛିନୀ)




ଧାରଣାରେ ବସିଥିବା ଅଭିଭାବିକାମାନେ।

ଉଦଳା ଥାନା ଶାଳମୁଣ୍ଡଳୀ ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ମଙ୍ଗଳବାର ସକାଳ ୮ଟାରେ ଛାତ୍ରୀଛାତ୍ର ଓ ଅଭିଭାବକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ଖବରପାଇ ଏବିଇଓ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହେଶଇଥିଲା।

ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପଟ୍ଟନାୟକ ବିଦ୍ୟାଳୟରେ ମନମାନୀ ଚଳାଇବା ସହ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଓ ଶୌଚାଳୟରେ ତାଲା ପକାଇ ରଖିଛନ୍ତି। ୩ ବର୍ଷ ହେବ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କରୁନାହାନ୍ତି। ଏହା ସହିତ ଅଭିଭାବକମାନଙ୍କୁ ବିଦ୍ୟାଳୟ ହତାକୁ ପଶିବାକୁ ଦେଉ ନାହାନ୍ତି। ଏ ନେଇ ବାରମ୍ବାର ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା କହିଛନ୍ତି।

## ୨ କର୍ମଚାରୀଙ୍କୁ ନେଇ ଚାଲିଛି ପୋଲିସ ବିଟ୍ ହାଉସ୍

ମୋରଡ଼ା,୮।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ବଡ଼ାମପୁର ପୋଲିସ ବିଟ୍ ହାଉସ୍ ମାତ୍ର ୨ଜଣ କର୍ମଚାରୀଙ୍କୁ ନେଇ ଚାଲୁଛି। ଫଳରେ ଅଞ୍ଚଳରେ ବେଆଇନ ଲଘୁଜ ଖଣି ଚୋରି ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସୂଚନା ଅନୁଯାୟୀ, ଉକ୍ତ ବିଟ୍ ହାଉସରେ ପୂର୍ବରୁ ଚନ୍ଦନ କୁମାର ଚକ୍ର ଅଧିକାରୀ ଦାୟିତ୍ୱରେ ଥିବା ବେଳେ କାର୍ଯ୍ୟରେ ଅବହେଳା ପାଇଁ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ଗତ ମାର୍ଚ୍ଚ ୧୩ ତାରିଖରେ ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ବର୍ତ୍ତମାନ ମାତ୍ର ଦୁଇଜଣଙ୍କୁ କର୍ମଚାରୀଙ୍କୁ ନେଇ ଉକ୍ତ ବିଟ ହାଉସ ଚାଲିଛି। ଉକ୍ତ ବିଟ୍ ହାଉସ ଅଧୀନ ବଡ଼ାମପୁର, ଖୁଣ୍ଟାପାଳ, ଭେଡ଼ିସାହି ଆଦି ନଦୀ ଘାଟରୁ ଖୁଲମ ଖୁଲା ବାଲି ଚାଲାଣ ହେଉଛି। ରାସଗୋବିନ୍ଦପୁର ଥାନା ପୋଲିସର ଗତିବିଧି ଅନୁଧ୍ୟାନ ପାଇଁ ବାଲି ଚାଲାଣକାରୀମାନେ ପ୍ରତି ଛକରେ ଲୋକ ଜଗାଇ ଚଢ଼ାଉ ପୂର୍ବରୁ ଖସି ଯାଉଛନ୍ତି। ଉକ୍ତ ବିଟ୍ ହାଉସ ଅଞ୍ଚଳରେ ଚୋରା ମଦ କାରବାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷର ବାତାବରଣ ବଢ଼ି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ଜଣେ ଦକ୍ଷ ଅଧିକାରୀଙ୍କୁ ଉକ୍ତ ବିଟ୍ ହାଉସରେ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଚ୍ଛିନ୍ନାଞ୍ଚଳ ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ



ବିଚ୍ଛିନ୍ନାଞ୍ଚଳ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମଧୁ ବର୍ଣ୍ଣବୋଧ ଦିଆଯାଉଛି।

ଝାରପୋଖରିଆ,୮।୪(ସୁଧିର କୁମାର ମହାନ୍ତ)

ଝାଡ଼ଖଣ୍ଡର ପୂର୍ବ ଓ ପଶ୍ଚିମ ସିଂହଭୂମ ଜିଲା ଷଡ୍ଢେଇକଳା, ଖରସୁଆଁ, ଚକ୍ରଧରପୁର, ଚାଇଁବସା ସହିତ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ମେଦିନିପୁର, ଝାଡ଼ଗ୍ରାମ ପ୍ରଭୃତି ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଲକ୍ଷାଧିକ ଓଡ଼ିଆ ଭାଷାଭାଷୀଙ୍କ ପ୍ରତି ସେହି ରାଜ୍ୟର ସରକାର ବୈମାତୃକ ମନୋଭାବ ଦେଖାଉଛନ୍ତି। ଫଳରେ ସେଠାରେ ଓଡ଼ିଆ ଭାଷା ଭାଷୀଙ୍କ ଭାଷା ସାହିତ୍ୟ, ସଂସ୍କୃତି, ପରମ୍ପରା ଲୋପ ପାଇବାକୁ ବସିଲାଣି। ଏହି ପରିପ୍ରେକ୍ଷୀରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ସୀମାନ୍ତ ଝାରପୋଖରିଆ (ବମ୍ଫେଛକ)ଠାରେ ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ପ୍ରଚେଷ୍ଟାରେ ଗଠିତ ଉତ୍ତର ଓଡ଼ିଶା ଉପାନ୍ତ ସାହିତ୍ୟ ସମିତି ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀଙ୍କ ଉନ୍ନତି ପାଇଁ ଅଣ୍ଟା ଭିଡ଼ିଛି। ସୋମବାର ଓଡ଼ିଆ ପକ୍ଷ ପାଳନ ଅବସରରେ ସମିତିର ସମ୍ପାଦକ ଶିକ୍ଷାବିତ୍ ଭରତ ଚନ୍ଦ୍ର ମହାନ୍ତ, ଏକାଦଶୀ ମହାନ୍ତ ପ୍ରମୁଖ ବିଚ୍ଛିନ୍ନାଞ୍ଚଳର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ବିଦ୍ୟାଳୟର ପରିଚାଳନା କମିଟି ତଥା କାର୍ଯ୍ୟରତ ଓଡ଼ିଆ ଶିକ୍ଷକଙ୍କୁ ସାକ୍ଷାତ କରିଥିଲେ। ଉକ୍ତ ଅଞ୍ଚଳର ଓଡ଼ିଆ ଛାତ୍ରୀଛାତ୍ରମାନଙ୍କୁ ୫୦୦ରୁ ଉର୍ଦ୍ଧ୍ୱ ମଧୁ ବର୍ଣ୍ଣବୋଧ ବଣ୍ଟନ କରିଥିଲେ। ବନାବୁଡ଼ା, ରଘୁନାଥପୁର, ଗୁଇହ୍ୟାପାଳ, ଖଣ୍ଡାମୌଦା ଆଦି ବିଭିନ୍ନ ବିଦ୍ୟାଳୟର ୫୦୦ ଛାତ୍ରୀଛାତ୍ରଙ୍କୁ ପୁସ୍ତିକା ବଣ୍ଟନ କରିଥିଲେ। ଉତ୍ତର ଓଡ଼ିଶା ଉପାନ୍ତ ସହିତ୍ୟ ସମିତିର କର୍ମକର୍ତ୍ତାଙ୍କୁ ବିଛିନ୍ନାଞ୍ଚଳର ଓଡ଼ିଆ ଶିକ୍ଷକ ସପନ ବେରା, ରାଜେଶ ପ୍ରହରାଜଙ୍କ ସହିତ ଭାଷାପ୍ରେମୀ ରତିକାନ୍ତ ସିଟ୍ ଓ ମନୋରଞ୍ଜନ ଗିରି ସହଯୋଗ କରିଥିଲେ।

## ଭୂମିହୀନ ପରିବାରକୁ ଜମିପଟ୍ଟା ବଣ୍ଟନ

ରାଇରଙ୍ଗପୁର,୮।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ମଙ୍ଗଳବାର ଭୂମିହୀନ ପରିବାରୁ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ଏବଂ ତହସିଲଦାର ବିଶନାଥ ବିଶାଳ ଅତିଥିଭାବେ ଯୋଗଦେଇ ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଗୋରୁମହିଷାଣୀ,ଗହାଳ ଡାଙ୍ଗିରି ,ସାନ ପାଖଣା ଏବଂ ହାତିଆ ସମେତ ୫ଟି ଆର୍‌ଆଇ ସର୍କଲ ଅଧୀନ ବିଭିନ୍ନ ଗ୍ରାମର ୨୮ ଜଣ ଅସହାୟଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟ ସୁପର ଭାଇଜର ନିହାର କୁମାର ପାତ୍ର ଏବଂ ୫ଟି ଆରଆଇ ସର୍କଲର ଆରଆଇ ଏବଂ ସହକାରୀ ଆରଆଇଙ୍କ ସମେତ ତହସିଲ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ରାଇରଙ୍ଗପୁର ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାରିପଦା,୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡ଼ିଆରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ୧୫ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ମୁଖ୍ୟମନ୍ତ୍ରୀ କପ'ର ୨ୟ ଦିନର ୧ମ ମ୍ୟାଚ ଖେରୱାଲ ଜୁମିଦ ଫୁଟବଲ କ୍ଲବ ଓ ଶିମିଳିପାଳ ସ୍ପୋର୍ଟସ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କୌଣସି ଦଳ ଗୋଲ କରିପାରି ନ ଥିଲେ। ୨ୟ ମ୍ୟାଚରେ ଇଣ୍ଡିପେଣ୍ଡେଣ୍ଟ ସ୍ପୋର୍ଟିଂ କ୍ଲବ ଜଗନ୍ନାଥ ବିର୍ସାବୀରକୁ ୮-୦ ଗୋଲରେ ପରାସ୍ତ କରିଥିଲା। ଦଳ ପକ୍ଷରୁ ସୌରଭ ଗୁରୁ ଓ ସୌରଭ ସିଂ ୨ଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଦୁର୍ଗା ପ୍ରସାଦ ବେଶ୍ରା, ଆୟୁଷ କୁମାର ବେନସେନ, ରୋହିତ ରାଜ ଏକ୍କା ଓ ଗୁଲସନ ମହାନ୍ତ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବାପୁନ କୁମାର ମହାନ୍ତ, ଯୁଗସେଙ୍ଗଲ ସୋରେନ ଓ ନାରାୟଣ ଚନ୍ଦ୍ର ହାଁସଦା, ଶାନ୍ତନୁ କୁମାର ନାୟକ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ବରିଷ୍ଠ ଫୁଟବଲ ଖେଳାଳି ପ୍ରଦୀପ କିଶୋର ମହାନ୍ତି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ତାଳଗଛ ମୂଳରୁ ଶିଶୁ କନ୍ୟା ଉଦ୍ଧାର**

ସିମୁଳିଆ(ସନ୍ତୋଷ ନାୟକ): ସିମୁଳିଆ ଥାନା ଜାମୁଝାଡି-ଧାମରା ରାସ୍ତାର ଏକ ତାଳଗଛ ମୂଳରୁ ଏକ ଶିଶୁକନ୍ୟାକୁ ସୋମବାର ରାତିରେ ଉଦ୍ଧାର କରାଯାଇଛି। ଶିଶୁକନ୍ୟାର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସିମୁଳିଆ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସୁରେନ୍ଦ୍ର ପାତ୍ରୀ ନାମକ ବ୍ୟକ୍ତି ଶିଶୁ କାନ୍ଦୁଥିବା ଶୁଣି ଗଛ ନିକଟକୁ ଯାଇ ଉଦ୍ଧାର କରିଥିଲେ। ସେ ପାଖ ଲୋକଙ୍କୁ ଜଣାଇବା ସହ ମେଡିକାଲକୁ ନେଇ ଆସିଥିଲେ।

## ସଂକ୍ଷେପରେ

### କବି ଫନୀ ମହାନ୍ତି ପାଇବେ 'କବିବର ରାଧାନାଥ ସାହିତ୍ୟ ସମ୍ମାନ'

ସୋର, ୮।୪(ଜନ୍ମେଜୟ ମିଶ୍ର)

ଚଳିତ ବର୍ଷ ରାଧାନାଥ ପାଠାଗାର ଆନୁକୂଲ୍ୟରେ ରାଧାନାଥ ସ୍ମୃତିମଣ୍ଡପ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଧାନାଥ ଶ୍ରାଦ୍ଧ ଓ ସାଂସ୍କୃତିକ ଉତ୍ସବ ଅବସରରେ ବିଶିଷ୍ଟ କବି ଡ. ଫନୀ ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ 'କବିବର ରାଧାନାଥ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତିନିଦିନିଆ ଉତ୍ସବର ଉଦ୍‌ଯାପନୀ ଦିବସରେ କବି ଫନୀ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଥିବା ବେଳେ ୧୩ ତାରିଖରେ ସ୍ମୃତିମଣ୍ଡପରେ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ଡକ୍ଟର ଶ୍ରୀ ଡ. ଦମୟନ୍ତୀ ବେଶ୍ରା ଯୋଗ ଦେବେ। ଏହି ପାଠୋତ୍ସବରେ ଆସାମ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟର ଅହମିଆ, ବଙ୍ଗାଳୀ, ଆଦିବାସୀ, ସାନ୍ତାଳୀ, ହୋ, ମୁଣ୍ଡାରି, ଇଂରାଜୀ, ହିନ୍ଦୀ, କର୍ଣ୍ଣ ଉର୍ଦ୍ଦୁ, ସଂସ୍କୃତ ଏବଂ ଓ ଭାଷାର ପ୍ରତିଷ୍ଠିତ କବିମାନେ ସେମାନଙ୍କର କବିତା ପାଠ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଉତ୍ସବରେ ଏମ୍‌ପି ଅଭିମନ୍ୟୁ ସେଠୀ, ଡ.ସଂଘମିତ୍ରା ଭଞ୍ଜ, ଯାମିନୀକାନ୍ତ ଦାସ, ଡ.ବିଜୟ ଶତପଥୀ, ଗୋବିନ୍ଦ ଚାନ୍ଦ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସନ୍ତୋଷ ନାୟକ, ଡ. ବାମଦେବ ପାଢ଼ୀ ଅତିଥି ଭାବେ ଯୋଗଦେବାର ସମ୍ମତି ପ୍ରଦାନ କରିଥିବା ରାଧାନାଥ ପାଠାଗାର ସଭାପତି ପୂର୍ଣ୍ଣଚନ୍ଦ୍ର ଧଡ଼ା ଏବଂ ସମ୍ପାଦକ ବାମଦେବ ଦାଶ ମହାପାତ୍ର ସୂଚନା ଦେଇଛନ୍ତି।

### ପରିତ୍ୟକ୍ତ ଖାଦାନରେ ବୁଡ଼ି ଯୁବକ ନିଖୋଜ

ନୀଳଗିରି, ୮।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର ଅଞ୍ଚଳରେ ପରିତ୍ୟକ୍ତ ପଥର ଖାଦାନରେ ବୁଡ଼ି ଜଣେ ଯୁବକ ନିଖୋଜ ଅଛନ୍ତି। ସେ ହେଲେ ତେଲିସାହି ଗ୍ରାମର ରାଜବୀର ସିଂ (୨୧)। ମଙ୍ଗଳବାର ସେ ଅନ୍ୟ ପିଲାମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ପାଖରେ ଥିବା ଗଛ ଉପରେ ଚଢ଼ି ପାଣିକୁ ଡିଆଁ ମାରିବାରୁ ଯୁବକ ଜଣକ ବୁଡ଼ି ଯାଇଥିଲେ। ଆଉ ନ ବାହାରିବାରୁ ପାଖରେ ଛିଡ଼ା ହୋଇଥିବା ପିଲାଟି ଘରେ ଆସି କହିଥିଲେ। ଦମକଳ ବାହିନୀ ଯାଇ ବୋର୍ଟ ପକାଇ ପାଣିରେ ବୁଡ଼ି ଖୋଜିଥିଲେ। ହେଲେ ତାଙ୍କ ସନ୍ଧାନ ମିଳି ନାହିଁ।

# ବାଲେଶ୍ୱରରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

**ବସୁନ୍ଧରା ଯୋଜନାରେ ହିତାଧିକାରୀଙ୍କୁ ଜମି ଯୋଗାଇ ଦେବାକୁ ନିର୍ଦ୍ଦେଶ**

ବାଲେଶ୍ୱର, ୮।୪(ବାଞ୍ଛାନିଧି ଦେ)



ସମୀକ୍ଷା ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ବାଲେଶ୍ୱର ଜିଲା ଗସ୍ତରେ ଆସିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ରାଜସ୍ୱ, ଜମି ଅଧିଗ୍ରହଣ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ ଜିଲା ପ୍ରଶାସନ ସହ ମନ୍ତ୍ରୀ ସମୀକ୍ଷା କରିଛନ୍ତି।

ଜିଲାରେ ଚାଲିଥିବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ଅସୁବିଧା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତି ଓ କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବା ଦିଗରେ ବୈଠକରେ ଆଲୋଚନା ହୋଇଥିଲା। ତହସିଲ ଅଫିସରୁ ଯେପରି କୌଣସି ଲୋକ ସହାୟତା ବିନା ନ ଫେରିବେ ସେ ବାବଦରେ ସମସ୍ତ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ରାଜସ୍ୱ ବିଭାଗ କିପରି ଲୋକଙ୍କ ନିକଟତର ହେବ ସେଥିପାଇଁ ଧ୍ୟାନ ଦେବାକୁ କହିଥିଲେ। ତହସିଲଦାର ଏବଂ ରାଜସ୍ୱ କର୍ମଚାରୀ ସାଧାରଣ ଲୋକଙ୍କୁ ଗୁରୁତ୍ୱ ଦେବା ସହ ଲୋକାଭିମୁଖୀ ଯୋଜନାଗୁଡ଼ିକ ପ୍ରଣୟନ ନିମନ୍ତେ ଦାୟିତ୍ୱବାନ ହେବାକୁ କହିଥିଲେ। ସମସ୍ତ ରାଜସ୍ୱ ଜମିର ରକ୍ଷା କରିବା ପାଇଁ ଅଧିକାରୀମାନେ ଚେଷ୍ଟିତ ହେବା ଆବଶ୍ୟକ। ଜାତି ପ୍ରମାଣପତ୍ରରେ ଉପୁଜୁଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅସାଧୁ ଆକାରରେ ଆଦିବାସୀ ଜମି ହଡ଼ପ କରୁଥିବା ଲୋକଙ୍କ ପ୍ରତି ସରକାର କଡ଼ା ପଦକ୍ଷେପ ନେବେ। ବସୁନ୍ଧରା ଯୋଜନାରେ ଯେଉଁମାନେ ଜମି ପାଇଁ ଯୋଗ୍ୟ ସେମାନଙ୍କୁ ଯଥାଶୀଘ୍ର ଜମି ଦେବାକୁ ଜିଲା ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଗଠିତ ଭିତ୍ତିଭୂମି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତିକୁ ନିରୀକ୍ଷଣ କରିଥିଲେ। ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଅଭିଯୋଗ ଓ ବିବାଦଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସଦର ବ୍ଲକ ବର୍ଦ୍ଧନପୁର ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଛନ୍ତି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂ, ବାଲେଶ୍ୱର ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ଡେପୁଟି କଲେକ୍ଟର (ରାଜସ୍ୱ) ସୀତାଂଶୁ ଶେଖର ଦାସଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଡିଏସ୍‌ଆର୍ ଓ ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨ ବର୍ଷରେ ଅଣ୍ଡାଇଲୋ ମଧୁ ଗଣେଶ ପୂଜା



ପୂଜା ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

ଖଇରା, ୮।୪(ଉତ୍କଳବନ୍ଧୁ ପଣ୍ଡା)

- ୭ଦିନ ଧରି ପୂଜାର୍ଚ୍ଚନା
- ଶେଷ ସନ୍ଧ୍ୟାରେ ନାଚଗୀତ, ସମ୍ବର୍ଦ୍ଧନା

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁନ୍ଦରିଆ-ଗଣ୍ଡିବେଡ଼ ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ୨୦୨ବର୍ଷ ଧରି ପାଳିତ ହୋଇ ଆସୁଥିବା ମଧୁଗଣେଶ ପୂଜା ୭ ଦିନ ଧରି ପୂଜାର୍ଚ୍ଚନା ପରେ ରବିବାର ସନ୍ଧ୍ୟାରେ ନାଚଗୀତ ସାଙ୍ଗକୁ ସଭା ସମ୍ବର୍ଦ୍ଧନାର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି। ୧୮ତାରିଖରେ ଗ୍ରାମର ମନ୍ମଥ ନାୟକ, ନିରଞ୍ଜନ ବିଶ୍ୱାଳ, ପୁରୁଷୋତ୍ତମ ଜେନା, ସଦାନନ୍ଦ ନାୟକ, ବରେନ୍ଦ୍ର ପୁଷ୍ଟି ପ୍ରମୁଖଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପଣ୍ଡିତ ଶରତ ଚନ୍ଦ୍ର ପଣ୍ଡା ଓ ରବୀନ୍ଦ୍ର ଦାଶଙ୍କ ଦ୍ୱାରା ପ୍ରତ୍ୟେକ ଦିନ ବାବା ଲମ୍ବୋଦରଙ୍କ ପୂଜାର୍ଚ୍ଚନା କରାଯାଉଥିବା ବେଳେ ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ଯୁବ ସଙ୍ଗଠକ ମାନସ କୁମାର ଭଞ୍ଜଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଳିପ୍ସା ସାହୁ, ସ୍ଥାନୀୟ ସରପଞ୍ଚ ମମତାରାଣୀ ସାହୁ, ସମିତିସଭ୍ୟ ନଳିନୀ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ, ଖଇରା ଥାନା ଏଏସ୍‌ଆଇ ଗୌରହରି ବୁରୁଡ଼ାଇ, ବିଶିଷ୍ଟ ଯୋଗ ପ୍ରଚାରକ ମୃତ୍ତିକାନ୍ତ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଖଇରା ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ତପୋଧନ ବାରିକ, ଆଇଆଇସି ସୁଦର୍ଶନ ମହାଳିକ ଓ ଜୁନିଅର୍ ଗୌତମ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଷିତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ୭ଦିନର ପୂଜାର୍ଚ୍ଚନା ଓ ସୋମବାର ଭସାଣି ଉତ୍ସବ ପରିଚାଳନାରେ ସମସ୍ତ ଅଞ୍ଚଳବାସୀ ଗ୍ରାମବାସୀ ସହଯୋଗ କରିଥିଲେ।

# କାମିନୀ ବିବାହ ଆଜି

- ଭକ୍ତିମୟ ଚନ୍ଦନେଶ୍ୱର ଶୈବପୀଠ
- ୭ ଅର୍ଘ୍ୟାରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଭୋଗରାଇ, ୮।୪(ପ୍ରଦୀପ ଦାସ)



ଚନ୍ଦନେଶ୍ୱର ପୀଠରେ ଭକ୍ତଙ୍କ ଗହଳି।

ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ମେଳାର ମଙ୍ଗଳବାର ଥିଲା ଜାଉଙ୍କ ୬ଷ୍ଠ ଅର୍ଘ୍ୟ। ଓଡ଼ିଶା ସମେତ ଭିନ୍ନ ରାଜ୍ୟରୁ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଆଗମନରେ ପୀଠ ହୋଇଛି ଭକ୍ତିମୟ। ଝୁଣ୍ଟୁଳି ଗ୍ରାମର ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କ ୪ କି.ମି. ପରିଧି ମଧ୍ୟରେ ହଜାର ହଜାର ଉପବାସୀଧାରୀ ଶୈବଭକ୍ତ ସେବାୟତ, ପଣ୍ଡା, ଯାତ୍ରୀନିବାସ, ଲୋକଙ୍କ ଘରେ ଓ ଅସ୍ଥାୟୀ ତମ୍ବୁରେ ଅବସ୍ଥାନ କରି ୨୪ ଘଣ୍ଟା ନିର୍ଜଳା ଉପବାସ ରହି ଜାଉଙ୍କଠାରେ ବ୍ରତପାଳନ କରୁଛନ୍ତି। ଚୈତ୍ର ମାସ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ମାସ ହୋଇଥିବାରୁ ସହସ୍ରାଧିକ ମହିଳା ମନ୍ଦିର ପରିସରରେ ଅଧିଆ ପଡ଼ିଥିବା ମହିଳା ଜାଉଙ୍କଠାରେ ଆରାଧନା କରୁଛନ୍ତି। ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ଭୁଷଣଦେବ ପଣ୍ଡା ଜାଉଙ୍କ ଆଜ୍ଞାମାଳ ନେଇ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେଦିକିମାନେ ପାଟଭକ୍ତଙ୍କ ଘରେ ଦୁର୍ଗାଘଟ ସ୍ଥାପନ, ସେବାୟତଙ୍କ ଘରକୁ ଯାଇ ଶିବଦୁର୍ଗା ବିବାହ ନିମନ୍ତେ ଆମନ୍ତ୍ରଣ, ବେଦେକୁ ନୃତ୍ୟ ପ୍ରଦର୍ଶନ ଓ ନିତ୍ୟ ପୂଜା ସମାପନ କରିଛନ୍ତି। ଜାଉଙ୍କ ୭ ଅର୍ଘ୍ୟରେ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କ ସହ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ପ୍ରଶାସନ ଉପସ୍ଥିତ ରହି ଚଡ଼କ ପର୍ବ ଶାନ୍ତିଶୃଙ୍ଖଳାରେ ପାଳନ ନିମନ୍ତେ ନଜର ରଖିଛନ୍ତି। ବୁଧବାର ପ୍ରତ୍ୟୁଷରୁ ମହାଦେବ ଚନ୍ଦନେଶ୍ୱରଙ୍କଠାରୁ ସୁନ୍ଦରୀ କାମିନୀ ନାମକ ଅପ୍ସରାଙ୍କୁ ମନ୍ଦିରର ରୁଦ୍ରଦ୍ୱାରରେ ବିବାହ କରିବେ। ଚନ୍ଦନେଶ୍ୱର ମହାଦେବଙ୍କ ନିକଟସ୍ଥ ଭଜପୁର ଗ୍ରାମ ମଳାକାର ଘରେ ଜନ୍ମିତ କାମିନୀ ଠାକୁରାଣୀଙ୍କୁ ବିଶେଷ ପୂଜା କରାଯାଇ ସୁସଜ୍ଜିତ ରଥରେ ସାହାନାଇ, ଢାକ, ଢୋଲ ବାଦ୍ୟ, ରୋଷଣୀ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଟ୍ରଷ୍ଟବୋର୍ଡ ସଦସ୍ୟ, ସେବାୟତ ପ୍ରଶାସନ, ଉପବାସଧାରୀ ଭକ୍ତମାନେ ବରଶେଉରେ ବିଭାବର୍ଦ୍ଧକ ରୋଷଣୀ ପୁଟାଇ ମନ୍ଦିରକୁ ବିଜେ କରିବେ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ସମ୍ପର୍ଣ୍ଣ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୨୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିବାର ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

### ଆମ ଔପଦା ମହୋତ୍ସବ ଉଦ୍‌ଯାପିତ

ଔପଦା,୮।୪(ଧରିତ୍ରୀ ପଣ୍ଡା)

ଆମ ଔପଦା ମହୋତ୍ସବ ୫ ଦିନ ଧରି ଚାଲିବା ପରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ପକ୍ଷରୁ ପ୍ରଭୁ ଜଗନ୍ନାଥଙ୍କର ୩୨ ବେଶ ଚିତ୍ରାକର୍ଷକ ହୋଇଥିଲା। ମହୋତ୍ସବ କମିଟି ସଭାପତି ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଔପଦା ଖଇରା ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ବୋଲି କହିବା ସହ ମହୋତ୍ସବ ଭାଇଚାରାକୁ ଚଳଞ୍ଚଳ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନାରୀନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ସେ, ଶ୍ରଦ୍ଧାରେ ବାନ୍ଧି ରଖିଲେ ଅଞ୍ଚଳର ବିକାଶ ହେବ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନୀଳଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଟି, ତାପସ କୁମାର ପରିଡ଼ା, ସାମାଜିକ କର୍ମୀ ମଦନମୋହନ ମାଝି, ବିଦ୍ୟୁତପ୍ରଭା ପାତ୍ର, ଯାଦବ ମିଶ୍ର, ଗଙ୍ଗାଧର ମିଶ୍ର, ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ଶୁଭେନ୍ଦୁ କୁମାର ପଣ୍ଡା, ବିନୟ ପଟ୍ଟନାୟକ, ଦେବେନ୍ଦ୍ର ଦାଶ ପ୍ରମୁଖ ଉତ୍ତରୋତ୍ତର କାମନା କରିଥିଲେ।

# ଏଫ୍‌ଏମ୍‌ୟୁରେ ଖୋଲିଲା ଜଳଛତ୍ର

ବାଲେଶ୍ୱର, ୮।୪(ବାଞ୍ଛାନିଧି ଦେ)



କୁଳପତି ଜଣେ ଛାତ୍ରୀଙ୍କୁ ଜଳ ବଣ୍ଟନ କରୁଛନ୍ତି।

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବାଲେଶ୍ୱର ନୂଆପାଢ଼ୀ ସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଜଳଛତ୍ରକୁ ଉଦ୍‌ଘାଟନ କରି ସ୍ୱହସ୍ତରେ ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରିଥିଲେ। ଏଥିସହ ପାନୀୟଜଳକୁ ପ୍ରଦୂଷଣ ମୁକ୍ତ ରଖିବା, ଏହାର ସଂରକ୍ଷଣ ସହ ପ୍ରଚଣ୍ଡ ଗ୍ରୀଷ୍ମତାପରୁ ସୁରକ୍ଷିତ ରହିବାକୁ କୁଳପତି ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପାନୀୟ ଜଳ ବଣ୍ଟନରେ ସହଯୋଗ କରିଥିଲେ। ଗ୍ରୀଷ୍ମପ୍ରବାହ ଶେଷ ପର୍ଯ୍ୟନ୍ତ ଏହି ଜଳଛତ୍ର ଖୋଲା ରହିବ ଓ ସ୍ୱେଚ୍ଛାକୃତ ଭାବେ ସମସ୍ତଙ୍କୁ ଏଥିରେ ଯୋଗ ଦେବା ପାଇଁ ସଂଘ ସଭାପତି ଉପେନ୍ଦ୍ର ପ୍ରସାଦ ଜେନା ଓ ସମ୍ପାଦକ ପ୍ରଦୀପ କୁମାର ଗାଣ ସୂଚନା ଦେଇଛନ୍ତି।

# ରାସ୍ତା ନିର୍ମାଣ ନିମ୍ନମାନର: ବର୍ଷେ ପରେ ଫାଟି ଆଁ



ପୋଲ ପାଖରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଜଳେଶ୍ୱର, ୮।୪(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଓଲମାରା-ଗୁଡ଼ାମଣିପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ଏବେ ତାହା ଫାଟି ଆଁ କଲାଣି। କଂକ୍ରିଟ ନିର୍ମାଣ ହେବାର ମାତ୍ର ଦିନ କେଇଟା ଏପରି ଫାଟିବା ରାସ୍ତାର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

୮ କି.ମି. ବିଶିଷ୍ଟ ଏହି ରାସ୍ତା ପାଇଁ ୫କୋଟି ୬୨ହଜାର ୭୭୯ ଟଙ୍କା ବ୍ୟୟ ହୋଇଥିଲା। କଂକ୍ରିଟ୍ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟି ଆଁ ହେବା ସହିତ ଗୁଡ଼ାମଣିପୁର ପାଖ ପୋଲରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ବେଳେ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ରାସ୍ତାର ଦାୟିତ୍ୱ ନେଇଥିବା ଠିକାଦାରଙ୍କଣ ୫ କୋଟି ଟଙ୍କା ବ୍ୟୟରେ ବରଡିହା ପଞ୍ଚାୟତରେ ଲୁହପାଡ଼ାରୁ ଗୋକୁଳିପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିଛନ୍ତି। ହେଲେ କାମ ହେବାର ମାସକ ପରେ ରାସ୍ତାରୁ ପିଚୁ ଉଠିଲାଣି। ଏଠାରେ ପଡ଼ିଥିବା ପିଚୁ ମୋଟେଇଠାରୁ ଯଥେଷ୍ଟ କମ୍ ଥିବାରୁ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଉଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଦେବାଶିଷ ମୁଣ୍ଡଙ୍କ ସହ ଯୋଗାଯୋଗ କରିଥିବାରୁ ସେ ରାସ୍ତା ଏବେ ପୂର୍ତ୍ତ ବିଭାଗକୁ ଅଧୀନକୁ ଯିବା ସହିତ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର

ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ପଞ୍ଚଲିଙ୍ଗେଶ୍ୱର (ଲେଲିନ୍ କୁମାର ଦେ), ୮।୪

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ବାବା ପଞ୍ଚଲିଙ୍ଗେଶ୍ୱର ସ୍ୱାତକ ମହାବିଦ୍ୟାଳୟ, ସନ୍ତରଗଡ଼ିଆରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଗୌରହରି ଜେନାଙ୍କ ଉପସ୍ଥିତିରେ ଉଷାରାଣୀ ରାଉଳ, ଜିଲା ପରିଷଦ ୨ ନଂ. ଜୋନ୍‌ର ସଭ୍ୟା ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କଠାରୁ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରିଶଙ୍କର ପାଣିଗ୍ରାହୀ, ଯୁବ ରେଡ୍‌କ୍ରସର କାଉନସେଲର ଡ. ଅକ୍ଷୟ କୁମାର ପାଣିଗ୍ରାହୀ ଓ ଅଧ୍ୟାପିକା ଜ୍ୟୋତିର୍ମୟୀ ନାୟକ ପରିଚାଳନା କରିଥିଲେ।



ଶିବିରରେ ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି।

# ବାଉଁଶଦା ହରିମଣ୍ଡପରେ ଅଷ୍ଟପ୍ରହର ନାମଯଜ୍ଞ

ଖାରପୋଖରିଆ,୮।୪(ସୁଧୀର କୁମାର ମହାନ୍ତ)

ଖାରପୋଖରିଆ ଥାନା ଅଧୀନ ଜାଲଡା ପଞ୍ଚାୟତର ବାଉଁଶଦା (ପୁରୁଣାହିତ)ସ୍ଥିତ ହରିମଣ୍ଡପରେ ଅଷ୍ଟମପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଧିବାସ ଦିବସରେ ବସନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗ୍ରାମ ପୋଖରୀରୁ ୩୧ ଘଟୋତୋଳନ କରାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ଗୋହଳାମୁଣ୍ଡା ଗ୍ରାମର ବୈଷ୍ଣବ ମହାରାଜ ଶାନ୍ତନୁ ଦାସଙ୍କ ଦ୍ୱାରା ନାମଯଜ୍ଞ ମଣ୍ଡପରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ସ୍ଥାପନ, ଆବାହନା କରାଯାଇ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ କରାଯାଇଥିଲା। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟ ସହିତ ଆଞ୍ଚଳିକ ସୁନାମଧନ୍ୟ ସଂକୀର୍ତ୍ତନ ମଣ୍ଡଳୀଙ୍କ ନେଇ ରାଧାଗୋବିନ୍ଦ ନାମଗାନ କରାଯାଇଥିଲା। ଉତ୍ସବରେ ଆଖପାଖ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଦର୍ଶନାଭିଳାଷୀ ଯୋଗଦେଇ ରାଧାନାମ ଶ୍ରବଣ କରିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ଅନ୍ନପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଶନିବାର ଅପରାହ୍ନ ୨ଟା ସମୟରେ ନଗର ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯିବା ସହିତ ଦଧିଭଞ୍ଜନ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଗ୍ରାମଦେବତୀଙ୍କ ମନ୍ଦିର ବାର୍ଷିକୋତ୍ସବ

ଆନନ୍ଦପୁର, ୮।୪(ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରାମର ଗ୍ରାମଦେବତୀ ମା' ବଦଳେଇ ଠାକୁରାଣୀଙ୍କ ମନ୍ଦିରର ୫ମ ବାର୍ଷିକୋତ୍ସବ ଚୈତ୍ର ମାସ ୨୪ ଦିନରେ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ନୃସିଂହ ସାହୁ ଏବଂ ଅଶାନ୍ତି ସାହୁ ସଂକଳ୍ପରେ ବସିଥିବା ବେଳେ ପଣ୍ଡିତ ଉଗ୍ରସେନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ୪୨ଜଣ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ କୁସେଇ ନଦୀରୁ କଳସ ବୁଡ଼ାଇ ବାଜା ଢୋଲ ବଜାଇ ଗ୍ରାମ ପରିକ୍ରମା କରି ମନ୍ଦିରରେ ସ୍ଥାପନ କରିଥିଲେ। ବିଭିନ୍ନ ପୂଜା ସହ ହୋମଯଜ୍ଞ, ଭଜନ କୀର୍ତ୍ତନ ଓ ଶେଷରେ ପୂର୍ଣ୍ଣାହୁତି ଦିଆଯାଇଥିଲା।

# ରକ୍ତଦାନ ଅଭିଯାନ

ଚମ୍ପୁଆ,୮।୪(ମହେଶ୍ୱର ଦାସ)

ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ତଥା ଓଡ଼ିଶା ରକ୍ତ କେନ୍ଦ୍ର ଚମ୍ପୁଆ ସୌଜନ୍ୟରୁ ମଙ୍ଗଳବାର ଏକ ରକ୍ତ ଦାନ ଅଭିଯାନ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ଏହିଅଭିଯାନକୁ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ଓ ରକ୍ତକେନ୍ଦ୍ର ଡାକ୍ତର ଜ୍ୟୋତିରଞ୍ଜନ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ଉପଜିଲାପାଳ ପରିଡ଼ା ପ୍ରଥମ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଏହି ଅଭିଯାନର ଶୁଭାରମ୍ଭ କରିଥିବା ବେଳେ ପୂର୍ବତନ ସୈନିକ ପ୍ରଦୀପ କୁମାର ପ୍ରଧାନ, ସହକାରୀ ସରପଞ୍ଚ ସନ୍ତୋଷ କୁମାର ନାୟକ, ସହକାରୀ ଜିଲାପାଳ ସମରେନ୍ଦ୍ର ଦାସଙ୍କ ସହିତ ଉପଜିଲାପାଳ କାର୍ଯ୍ୟାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଉପଖଣ୍ଡ ଚିକିତ୍ସାଳୟ କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଅଭିଯାନ ଦ୍ୱାରା ପ୍ରାୟ ୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାମାନଙ୍କୁ ରକ୍ତ ଭଣ୍ଡାର ପକ୍ଷରୁ ଉପଜିଲାପାଳ ପରିଡ଼ା ଓ ଚିକିତ୍ସାଧିକାରୀ ସାହୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକୋତ୍ସବ





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଢେଙ୍କିକୋଟ, ୮।୪(ନୀଳମଣି ମଣ୍ଡଳ)

ପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ୫୪ତମ ବାର୍ଷିକୋତ୍ସବ ମଙ୍ଗଳବାର ସକାଳ ୯ଟା ବେଳେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଜୟଦେବ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷକ କୁଳମଣି ମଣ୍ଡଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ସାହୁ, କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥୀ ପୁଷ୍ଟି, ସତ୍ୟନାରାୟଣ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ସାହୁ, ସରପଞ୍ଚ ଖଗେନ ନାୟକ, ଘଟଗାଁ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବେଣୁଧର ଆଚାର୍ଯ୍ୟ ଓ ଭୋଳବେଡ଼ା ଜନତା ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟରୁ ହିଁ ନିଜ ଭବିଷ୍ୟତ ଠିକ୍ ଢଙ୍ଗରେ ଗଢ଼ି ତୋଳିବାକୁ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଫକୀର ଚରଣ ସାହୁ। ଶିକ୍ଷୟିତ୍ରୀ ଦୀପ୍ତିଶୋଭା ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟରେ ଥିବା ଗଣେଶ୍ୱର ମେମୋରିଆଲ ଟ୍ରଷ୍ଟଙ୍କ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଗଣେଶ୍ୱର ସାହୁ ପ୍ରଦାନ କରିଥିବା ୧ ଲକ୍ଷ ଟଙ୍କାର ସୁଧ ରାଶିରୁ ଚଳିତବର୍ଷ ମାଟ୍ରିକ ଟପ୍‌ର ଛାତ୍ରକୁ ୨ ହଜାର ଟଙ୍କା, ଦ୍ୱିତୀୟ ଛାତ୍ରକୁ ୨ ହଜାର ଏବଂ ଓଡ଼ିଆ ରଚନା ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରକୁ ୧ ହଜାର ଟଙ୍କା ପୁରସ୍କୃତ କରାଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମୀ ଉତ୍ସବରେ ସହଯୋଗ କରିଥିଲେ।

# ୩୪ ୟୁନିଟ ରକ୍ତ ସଂଗୃହୀତ

ପାଟଣା,୮।୪(ବୀର କିଶୋର ଦାଶ):

ଓଡ଼ିଆ ପକ୍ଷ ପାଳନ ଅବସରରେ କେନ୍ଦୁଝର ଜିଲା ପାଟଣା ବ୍ଲକର ଖୀରେଇତାଙ୍ଗିରିସ୍ଥିତ ବିଶ୍ୱବିନାୟକ ଡିଗ୍ରୀ କଲେଜ ଯୁବ ରେଡ୍‌କ୍ରସ ଶାଖା ପକ୍ଷରୁ ମଙ୍ଗଳବାର ଅପରାହ୍ନ ୧ଟାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନାରାୟଣ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବେ ଭାଜପାର ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ, କେନ୍ଦୁଝର ମହିଳା ମହାବିଦ୍ୟାଳୟ ସହକାରୀ ଅଧ୍ୟାପକ ବିଷ୍ଣୁ ଚରଣ ଦାସ, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତ, ସୁଲଗ୍ନା ସୁଶାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ମା' ମଙ୍ଗଳାଙ୍କ ବଡ଼ପୂଜା

ଗୋପବନ୍ଧୁନଗର, ୮।୪ (ଶାନ୍ତନୁ କୁମାର ମହାନ୍ତି)

ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମାରା ପଞ୍ଚାୟତ ଟିଳିମା ଗ୍ରାମର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ଶକ୍ତି ପୀଠରେ ୩ ଦିନ ଧରି ଅନୁଷ୍ଠିତ ବାର୍ଷିକ ଉତ୍ସବ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ୩୪ ବର୍ଷ ଧରି ଚୈତ୍ର ମାସ ଶେଷ ମଙ୍ଗଳବାରରେ ମା'ଙ୍କ ବାର୍ଷିକ ଉତ୍ସବ ବା ବଡ଼ପୂଜା ଅନୁଷ୍ଠିତ ହୋଇଆସୁଛି। ବହୁ ଉପାସକ ଓ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ପାଗ ଅନୁକୂଳ ଥିବାରୁ ପୂର୍ବାହ୍ନରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଗ୍ରାମବାସୀଙ୍କ ସହଯୋଗରେ ଅଷ୍ଟପ୍ରହରୀ, ପୂଜା ପାଠ ସହ ନାମଯଜ୍ଞ ଓ ଚଣ୍ଡୀପାଠ କାର୍ଯ୍ୟ ସମ୍ପନ୍ନ ହୋଇଛି। ଭକ୍ତଙ୍କ ପାଇଁ ପ୍ରସାଦ, ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପୂଜକ ରାଜେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ସ୍ଥାନରୁ ମୋଟ ୧୨ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଉଦଳା ବିଧାୟକ ଭାସ୍କର ମଢ଼େଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି କୁଆମାରା, ଭୋଲପୋଖରୀ, କୁସୁମିଆ, ସିକିଡିଆ, ଖିରିପଦା, ପାଳଶା ପ୍ରଭୃତି ସ୍ଥାନରେ ମା'ଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥିଲା।

# ମାନସ ଭାଜପା ସହ ରହି ଡିଲ୍ କରୁଛନ୍ତି: ନୀଳମାଧବ


■ଆସିଥିବା ଅଭିଯୋଗ ନିରାଧାର: ମାନସ
■ଡ୍ରାମାର ନାୟକ ଓ ଖଳନାୟକ ନିଜେ ନବୀନ: ବାବୁ

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

ୱକ୍‌ଫ ବିଲ୍‌କୁ ନେଇ ବିଜେଡି ଭିତରେ ବିଶୃଙ୍ଖଳା ବଢ଼ିବାରେ ଲାଗିଛି। ରାଜ୍ୟ ସଭାରେ ଦଳର ନେତା ସସ୍ମିତ୍ ପାତ୍ରଙ୍କ ପରେ ଏବେ ଏମ୍‌ପି ମାନସ ମଙ୍ଗରାଜଙ୍କୁ ବିଜେଡି ଭିତରୁ ଟାର୍ଗେଟ କରିବା ଆରମ୍ଭ ହୋଇଛି। ଦଳର ବିପର୍ଯ୍ୟୟ ହେବା ପାଇଁ ମାନସ ମୁଖ୍ୟ ଦାୟୀ ବୋଲି ବିଜୁ ଯୁବ ଜନତା ଦଳ ନେତା ନୀଳମାଧବ ମହାନ୍ତି କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକ ୱକ୍‌ଫ ବିଲ୍ ବିରୋଧରେ ଦଳର ଆଭିମୁଖ୍ୟ ରହିବ ବୋଲି କହିଥିଲେ। ହେଲେ କଷ୍ଟ ନ କରି ଦୟାରେ ରାଜ୍ୟ ସଭାରେ ଦଳ ନେତା ହୋଇଥିବା ସସ୍ମିତ୍ ପାତ୍ର ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ ଗୋଟିଏ ପୋଷ୍ଟ କରି ସବୁ ଓଲଟପାଲଟ କରିଦେଲେ। ଏହା ସହିତ ସେ ଭାଜପା ସପକ୍ଷରେ ଯାଇ ଭୋଟ୍ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ଯେତେବେଳେ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ତାଙ୍କୁ ଫୋନ୍‌କରି କାହିଁକି ଏମିତି କଲେ ବୋଲି ପଚରାଗଲା ସେ କହିଲେ, ଏନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା କରିବାକୁ ମାନସ ମଙ୍ଗରାଜ ତାଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଥିଲେ ବୋଲି ନୀଳମାଧବ କହିଛନ୍ତି। ସେ ପୁଣି କହିଛନ୍ତି, କେତେଜଣ ନେତା ଦଳକୁ ବ୍ୟବହାରକରି ଦଲାଲଗିରି ଚଳାଇଛନ୍ତି। ଭାଜପା ସହ ଡିଲ୍ କରି ଏମାନେ ବେପାର କରୁଛନ୍ତି। ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଉଛି ଏଠି ବିଜେଡିର କ୍ଷତି କରିବେ। ଦଳକୁ ସୁଦୃଢ଼ କରିବା ଲାଗି ୨୪ ବର୍ଷ ହେଲା ବହୁ ନେତାଙ୍କ ଅବଦାନ ରହିଛି। ହେଲେ କେତେଜଣ ଦଲାଲ ଆସିଛନ୍ତି ଦଳକୁ ନଷ୍ଟ କରିବାକୁ। ଏବେ ସମସ୍ତେ ଦେଖୁଛନ୍ତି ମାନସ ମଙ୍ଗରାଜ ଆଉ ଶଙ୍ଖ ଭବନ ଯାଉନାହାନ୍ତି। ଆଗାମୀ ଦିନରେ ମାନସଙ୍କ ବିରୋଧରେ ଜୋର୍‌ଦାର ବିରୋଧ ହେବ। ସସ୍ମିତ ପାତ୍ର ବିଦେଶରୁ ଫେରିଲେ ଦଳର ଯୁବ, ଛାତ୍ର ଓ ମହିଳାମାନେ ପଚାରିବେ ସେ କାହିଁକି ଏମିତି କଲେ। ଦଳର ଯିଏ କ୍ଷତି କରିବ ତାକୁ ଜବାବ ଦିଆଯିବ। ମାନସ କଂଗ୍ରେସରୁ ଆସି ବିଜେଡିରେ ପତିଆରା ଜାହିର କରିଥିଲେ। ବିଜେଡି ନଷ୍ଟହେବାର ସେ ମୂଳ ଦାୟୀ ବୋଲି ନୀଳମାଧବ କହିଛନ୍ତି।

ନୀଳମାଧବଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମାନସ ମଙ୍ଗରାଜ କହିଛନ୍ତି, ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ନିରାଧାର। ଅଭିଯୋଗ ଆଣୁଥିବା ବ୍ୟକ୍ତିଙ୍କୁ ସସ୍ମିତ ଏଭଳି କହିଥିବେ ବୋଲି ବିଶ୍ୱାସ ହେଉ ନାହିଁ। ଏପରି କି ସସ୍ମିତ୍‌ଙ୍କ ସହ ତାଙ୍କର ଏ ବାବଦରେ କୌଣସି ବାର୍ତ୍ତାଳାପ ହୋଇନାହିଁ। ଯେଉଁ ନୀଳମାଧବ ଏ ବାବଦରେ ମତ ରଖିଛନ୍ତି ତାଙ୍କୁ ସେ ଜାଣନ୍ତି ନାହିଁ। ତାଙ୍କୁ ଦୋଷ ଦେଉନାହାନ୍ତି, ସମସ୍ତେ ଜାଣନ୍ତି କାହା ପକ୍ଷରୁ ସେ ଏମିତି କହୁଛନ୍ତି। ସସ୍ମିତ୍ ବାବୁଙ୍କୁ ପଚାରିଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ମାନସ କହିଛନ୍ତି।

ଅନ୍ୟପଟେ ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ନବୀନବାବୁ ଓଡ଼ିଶାବାସୀଙ୍କ ସହ ଡ୍ରାମା କରୁଛନ୍ତି। ସୋମବାର କେତେଜଣ ପାଣ୍ଡିଆନ୍‌ଙ୍କ ବିରୋଧରେ ହାଏ ହାଏ କରିଥିଲା ବେଳେ ଆଉ କେତେଜଣ ତାଙ୍କ ସପକ୍ଷରେ ବାହାରିଛନ୍ତି। ବିଜେଡିର ମାଲିକ ନବୀନବାବୁ, ସେଥିଲାଗି ଯେତେବେଳେ ଯାହାକୁ ଚାହୁଁଛନ୍ତି କାଢ଼ି ଦେଉଛନ୍ତି ନ ହେଲେ ଉପରକୁ ଚଢ଼େଇଦେଉଛନ୍ତି। ସବୁ ନିଷ୍ପତ୍ତି ବିଜେଡିରେ ନବୀନବାବୁ ନିଅନ୍ତି। ଏ କଥାରେ ନାୟକ ଓ ଖଳନାୟକ ନିଜେ ନବୀନ ପଟ୍ଟନାୟକ। ବିଜେଡିର ସବୁ ଡ୍ରାମାର ମୁଖ୍ୟ ନିଜେ ଦଳର ସଭାପତି ବୋଲି ବାବୁ କହିଛନ୍ତି।



ମୁମ୍ବାଇର ନରିମାନ ପଏଣ୍ଟସ୍ଥିତ ଭାଜପା କାର୍ଯ୍ୟାଳୟରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିବା କ୍ରିକେଟର କେଦାର ଯାଦବ।

# ଭାଜପାରେ କ୍ରିକେଟର କେଦାର ଯାଦବ

ମୁମ୍ବାଇ,୮।୪

ପୂର୍ବତନ ଭାରତୀୟ କ୍ରିକେଟର କେଦାର ଯାଦବ ରାଜନୀତିରେ କ୍ୟାରିୟର ଆରମ୍ଭ କରିଛନ୍ତି। ୪୦ ବର୍ଷୀୟ ପୂର୍ବତନ ଅଲରାଉଣ୍ଡର ମଙ୍ଗଳବାର ଅପରାହ୍ନରେ ଭାଜପାରେ ଯୋଗଦେଇଛନ୍ତି। ନରିମାନ ପଏଣ୍ଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପାର ମହାରାଷ୍ଟ୍ର ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାୱାଙ୍କୁଲେ ଓ ବରିଷ୍ଠ ନେତା ଅଶୋକ ଚଭନ ତାଙ୍କୁ ସ୍ୱାଗତ କରିଥିଲେ। ୧୯୮୫ ମାର୍ଚ୍ଚ ୨୬ରେ ମହାରାଷ୍ଟ୍ରରେ ଜନ୍ମିତ କେଦାର ଜଣେ ନିର୍ଭର ଯୋଗ୍ୟ ମଧ୍ୟକ୍ରମର ବ୍ୟାଟର ଥିଲେ। ଭାରତ ପାଇଁ ୨୦୧୪ ପଦାର୍ପଣ କରିଥିବା କେଦାର ମୋଟ ଉପରେ ଅନ୍ତର୍ଜାତୀୟ ସ୍ତରରେ ୭୩ ଦିନିକିଆ ଓ ୯ଟି ଟି୨୦ ମ୍ୟାଚ ଖେଳିଥିଲେ। ଦିନିକିଆରେ ସେ ୪୨.୦୯ ଆଭରେଜରେ ଦୁଇଟି ଶତକ ସହ ୧୩୮୯ ରନ କରିଥିବା ବେଳେ ଟି୨୦ରେ ଗୋଟିଏ ଅର୍ଦ୍ଧଶତକ ସହ ୧୨୨ ରନ କରିଥିଲେ। ତାଙ୍କ ନାମରେ ୨୭ ଉଇକେଟ ମଧ୍ୟ ରହିଛି। ସେ ଆଇପିଏଲ୍‌ରେ ୪ଟି ଫ୍ରାଞ୍ଚାଇଜ ଯଥା ଦିଲ୍ଲୀ ଡେୟାରଡେଭିଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଚେନ୍ନାଇ ସୁପର କିଙ୍ଗ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଲାଗି ଖେଳିଥିଲେ। ଗତ ବର୍ଷ ଜୁନ ୩ ତାରିଖରେ ସେ କ୍ରିକେଟରୁ ଆନୁଷ୍ଠାନିକ ଭାବେ ଅବସର ଘୋଷଣା କରିଥିଲେ।

# ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇଦେଲେ

■ପୁଣି ଏକାଠି ହେଲେ ପୂର୍ବତନ ବିଧାୟକଙ୍କ ପୁଅ, ଆଜି ନବୀନଙ୍କୁ ଦେବେ ଦାବିପତ୍ର

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

ୱକ୍‌ଫ ବିଲ୍ ପ୍ରସଙ୍ଗରେ ବିଜେଡି ଭାଗ ହୋଇଯାଉଥିବା ଦେଖିବାକୁ ମିଳୁଛି। ପାଣ୍ଡିଆନ୍‌ଙ୍କୁ ସୁରକ୍ଷା ଦେବାକୁ ଗୋଟିଏ ଗୋଷ୍ଠୀ ଲାଗିପଡ଼ିଛନ୍ତି। ଅନ୍ୟପଟେ ପାଣ୍ଡିଆନ୍‌ଙ୍କ ହାତରୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ ରଖେଇ ନ ଦେବା ଲାଗି ତୃଣମୂଳସ୍ତରରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ବହୁ ଭାଗରେ ବିଜେଡି ନେତାମାନେ ଏକାଠି ହେବାରେ ଲାଗିପଡ଼ିଛନ୍ତି। ଗୋଟିଏ ପଟେ ୱକ୍‌ଫ ବିଲ୍‌କୁ ନେଇ ଦଳରେ ହୋଇଥିବା କ୍ଷତି ପାଇଁ ପାଣ୍ଡିଆନ୍ ଦାୟୀ ନୁହନ୍ତି ଏକଥା ପ୍ରମାଣ କରିବା ଲାଗି ଜୋର୍‌ଦାର ଉଦ୍ୟମ ଚାଲିଛି। ଅନ୍ୟପଟେ କେତେଜଣ ପୂର୍ବତନ ବିଧାୟକ ଏବଂ ଏବର ବିଧାୟକ ଏକାଠି ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ପୂର୍ବତନ ବିଧାୟକ ଓ ମନ୍ତ୍ରୀଙ୍କ ପୁଅ ରହିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଦଳରେ ଯେଉଁ ପାଣ୍ଡିଆନ୍ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି ସେହି କଥାରେ ବହୁ ନେତା ସହମତ ନାହାନ୍ତି। ଏପରିକି ଏଭଳି ଏକାଠି ନ ହେବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇ ଦେଇଛନ୍ତି।

ମଙ୍ଗଳବାର ବୈଠକ କରିଥିବା ବିଜେଡିର ଗୋଟିଏ ଗୋଷ୍ଠୀ ଏନେଇ ବୁଧବାର ଏକ ଦାବିପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ବିଜେଡି ନେତା ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଦିନ ୧୨ଟାରେ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୁନୀଲ ମହାନ୍ତି, ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ଚନ୍ଦ୍ରସାରଥି ବେହେରା, ପ୍ରଣବ ବଳବନ୍ତରାୟ, ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଏକାଠି ହୋଇଥିବା ଜଣାପଡ଼ିଛି। ବୈଠକରେ ମୁଖ୍ୟତଃ ୱକ୍‌ଫ ବିଲ୍ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା କୁହାଯାଉଛି। ଏଥିରେ ଯୋଗଦେଇଥିବା ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦଳର ମୂଳ ବିଷୟ ନେଇ ଆଲୋଚନା ହୋଇଛି। ୱକ୍‌ଫ ବିଲ୍ ବିଷୟରେ ମଧ୍ୟ ଚର୍ଚ୍ଚା କରାଯାଇଛି। ଏହାଦ୍ୱାରା ତୃଣମୂଳସ୍ତରରେ ଦଳର ବ୍ୟାପକ କ୍ଷତି ହୋଇଛି। ନିର୍ବାଚନମଣ୍ଡଳୀରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ବିଜେଡିଠାରୁ ମୁହଁ ଫେରାଉଛନ୍ତି। ଏକଥାକୁ ପ୍ରଶମିତ କରିବା ଲାଗି ଆଗକୁ କ'ଣ କରାଯିବ ସେ ବିଷୟରେ ଆଲୋଚନା ହୋଇଥିବା ସମ୍ପୃକ୍ତ ନେତା କହିଛନ୍ତି।

## ଦେବାଶିଷଙ୍କୁ ଆକ୍ଷେପ କରିବା ପାଇଁ ସୁବାସଙ୍କ ନୈତିକ ଅଧିକାର ନାହିଁ: ଚନ୍ଦ୍ରସାରଥି

କଟକ,୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି ନେତା ଅଂଶୁମାନ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ଏକ ବୈଠକ ହୋଇଥିଲା। ତେବେ କଟକସ୍ଥିତ କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା କହିଛନ୍ତି, ବିଜେଡିରେ ବିବାଦ ଓ ୱକ୍‌ଫ ବିଲ୍‌ରେ ବିଜେଡି ଭୋଟିଂ ପାଇଁ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଓ ସିଏମ୍‌ସି ମେୟର ସୁବାସ ସିଂ ପରସ୍ପରକୁ ଆକ୍ଷେପ କରିଛନ୍ତି। ବିଜେଡି ଦୁଇଫାଳ ନୁହେଁ, ଗୋଟିଏ। ଦଳର ମୁଖିଆ ନବୀନ ପଟ୍ଟନାୟକ ସବୁ ବିଷୟରେ ସ୍ପଷ୍ଟ କରିବେ। ଦେବାଶିଷ ବାବୁ ତାଙ୍କର ବ୍ୟକ୍ତିଗତ ମତ ରଖିଥିଲେ, ହେଲେ କାହାକୁ ଆକ୍ଷେପ କରି ନ ଥିଲେ। କିନ୍ତୁ ମେୟର ସୁବାସଙ୍କର କୌଣସି ନୈତିକ ଅଧିକାର ନାହିଁ ଦେବାଶିଷ ବାବୁଙ୍କୁ ଆକ୍ଷେପ କରିବା ପାଇଁ ବୋଲି ଚନ୍ଦ୍ରସାରଥି କହିଛନ୍ତି।

# ସଂକଳ୍ପ, ସମର୍ପଣ ଓ ସଂଘର୍ଷକୁ ଗୁରୁତ୍ୱ:ଭକ୍ତ

ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)



ଭକ୍ତ ଚରଣ ଦାସ

ସଂକଳ୍ପ, ସମର୍ପଣ ଓ ସଂଘର୍ଷ ଭାବନାକୁ ନେଇ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ମଙ୍ଗଳବାର ଗୁଜରାଟର ଅହମଦାବାଦଠାରେ ଅନୁଷ୍ଠିତ ଏଆଇସିସି ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବା ଅବସରରେ ଭକ୍ତ କହିଛନ୍ତି, ଓଡ଼ିଶାରେ ଏବେ କଂଗ୍ରେସ ମହିଳାମାନଙ୍କ ସୁରକ୍ଷା ପାଇଁ ଲଢ଼େଇ କରୁଛି। ରାଜ୍ୟ ସରକାର କିଭଳି ମହିଳାମାନଙ୍କ ସୁରକ୍ଷା ପ୍ରତି ଆଖି ବୁଜି ଦେଇଛନ୍ତି ଏବଂ ଦିନକୁ ଦିନ ନାରୀ ନିର୍ଯାତନା ବଢୁଛି ତାହା ଉପରେ କାର୍ଯ୍ୟକାରିଣୀ ବୈଠକରେ ଉତ୍ଥାପନ କରାଯାଇଛି। ରାଜ୍ୟରେ ମହିଳାମାନଙ୍କୁ ଯେ ପର୍ଯ୍ୟନ୍ତ ସୁରକ୍ଷା ମିଳିନାହିଁ ସେପର୍ଯ୍ୟନ୍ତ କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ସେ କହିଛନ୍ତି।

ଭକ୍ତ କହିଛନ୍ତି, ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ସମସ୍ତ ରାଜ୍ୟର କଂଗ୍ରେସ ସଭାପତି, ବିଧାୟକ ଦଳ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ସଂରକ୍ଷଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ବର୍ଗଙ୍କୁ କିଭଳି ୫୦ପ୍ରତିଶତ ସଂରକ୍ଷଣ ମିଳିବ ତାହା ଉପରେ ସଂକଳ୍ପ ଅଣାଯାଇଥିଲା। ଏହାକୁ ସମସ୍ତେ ଆନ୍ତରିକତାର ସହ ସମର୍ଥନ ଜଣାଇଥିଲେ। ଏହି ଅବସରରେ ବୈଦେଶିକ ନୀତି, ଚାଷୀ ପ୍ରସଙ୍ଗ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା ବୋଲି ସେ କହିଥିଲେ। ବୈଠକରେ ଓଡ଼ିଶା କଂଗ୍ରେସ ପକ୍ଷରୁ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ସାମିଲ ଥିଲେ।

BUSINESS

# ଋଣ ପ୍ରଦାନ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ

■ପିଏମ୍‌ଏମ୍‌ୱାଇର ୧୦ମ ପୂର୍ତ୍ତି ଉତ୍ସବ
■୩୩ ଲକ୍ଷ କୋଟିର ବିନା ଗ୍ୟାରେଣ୍ଟିରେ ମୁଦ୍ରାଋଣ

ନୂଆଦିଲ୍ଲୀ,୮।୪

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ)ର ୧୦ମ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନାରେ ପ୍ରସ୍ତୁତ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଦେଶର ଋଣପ୍ରଦାନ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି।

ଉଲ୍ଲେଖଯୋଗ୍ୟ,୨୦୧୫ ଏପ୍ରିଲରେ ମୁଦ୍ରା ଯୋଜନା ଆରମ୍ଭ ହୋଇଥିଲା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏହି ଯୋଜନାକୁ ଅନେକ ସଫଳତା ମିଳିଛି। ଏହି ଯୋଜନା ଜରିଆରେ ୫୨କୋଟିରୁ ଅଧିକ ଋଣ ଆକାଉଣ୍ଟ ଖୋଲାଯାଇଛି। ଏପରିକି ଏହା ଜରିଆରେ ୩୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ଋଣ ହିତାଧିକାରୀମାନଙ୍କୁ ବିଭିନ୍ନ ସମୟରେ ଯୋଗାଇ ଦିଆଯାଇଛି। ବିଶେଷକରି ଏହା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଋଣ ଯୋଗାଣ ସହଜ କରିଛି। ଗତ ଆର୍ଥିକ ବର୍ଷରେ ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ ୨୭.୨୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ଏହା ୩୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ଋଣ ସମ୍ପ୍ରସାରଣ ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ବ୍ୟବସାୟକୁ ଆର୍ଥିକ ସହାୟତା ପାଇବାକୁ ଅନୁମତି ଦେଇଛି,ଯାହା ପୂର୍ବରୁ ଉପଲବ୍ଧ ନ ଥିଲା ଏହା ଭାରତର ଆର୍ଥିକ ସ୍ଥିତିକୁ ମଜଭୁତ କରିଛି। ମୁଦ୍ରା ଯୋଜନା ଆତ୍ମନିର୍ଭରଶୀଳ ଅର୍ଥବ୍ୟବସ୍ଥା ଏବଂ ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟିରେ ସହାୟକ ହୋଇଛି।



ସେହିଭଳି ଗତ ୧ଦଶନ୍ଧି ମଧ୍ୟରେ ଏହା ୩୩ ଲକ୍ଷ କୋଟି ଟଙ୍କାର ୫୨ କୋଟି ଋଣ ପ୍ରଦାନକରି ଦେଶବ୍ୟାପୀ ଉଦ୍ୟୋଗ ପ୍ରତିଷ୍ଠାର ବିପ୍ଳବ ଆଣିଛି। ଏହି ଯୋଜନାର ପରିଣାମ ସ୍ୱରୂପ ବର୍ତ୍ତମାନ କେବଳ ବଡ଼ ସହର ନୁହେଁ ଛୋଟ ସହର ଓ ଗାଁରେ ମଧ୍ୟ ବ୍ୟବସାୟର ବିକାଶ ହେଉଛି। ପ୍ରଥମ ଥର ଉଦ୍ୟୋଗୀ ହୋଇଥିବା ଲୋକମାନେ ସେମାନଙ୍କର ଭାଗ୍ୟ ବଦଳାଇପାରୁଛନ୍ତି। ଏହା ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆଣିଛି। ଲୋକମାନେ ଏବେ ଚାକିରି ଆଶାୟୀ ନୁହେଁ, ବରଂ ନିଯୁକ୍ତିଦାତା ପାଲଟିଛନ୍ତି। ସେହିପରି ମୋଟ୍ ୪ଟି ବର୍ଗରେ ମୁଦ୍ରା ଯୋଜନାର ଋଣ ପ୍ରଦାନ କରାଯାଉଛି। ଶିଶୁ ବର୍ଗରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ, କିଶୋର ବର୍ଗରେ ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଏବଂ ତରୁଣ ବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିତରଣ କରାଯାଉଛି। ଏହାଛଡ଼ା ସଫଳତାପୂର୍ବକ ତରୁଣ ଋଣ ପରିଶୋଧ କରିଥିବା ଉଦ୍ୟୋଗୀଙ୍କୁ ତରୁଣ ପ୍ଲସ୍ ବର୍ଗରେ ୧୦ ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବାର ସୁବିଧା ରହିଛି।

ଗତ ୧ ଦଶନ୍ଧି ମଧ୍ୟରେ ମୁଦ୍ରା ଯୋଜନା ଭାରତର ଉଦ୍ୟୋଗ ପରିଦୃଶ୍ୟକୁ ନୂଆ ଆକାର ଦେଇଛି। ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମଡେଲକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ମୁଦ୍ରା ଯୋଜନା ବ୍ୟାପକ ଆର୍ଥିକ ଲାଭକୁ ପ୍ରୋତ୍ସାହନ ଦେଇଛି।

ସ୍କଚ୍‌ର ମୋଦିନୋମିକ୍ସ ରିପୋର୍ଟ ମୁତାବକ ଏହା ପ୍ରତିବର୍ଷ ବାର୍ଷିକ ୫.୧୪ କୋଟିବ୍ୟକ୍ତି–ବର୍ଷରୋଜଗାରସୃଷ୍ଟିକରିଛି।

ସେହିପରି ୨୦୧୪ ପରଠାରୁ ମୁଦ୍ରା ଯୋଜନା କାରଣରୁ ବାର୍ଷିକ ହାରାହାରି ୨.୫୨ କୋଟି ସ୍ଥିର ଏବଂ ଦୀର୍ଘସ୍ଥାୟୀ ରୋଜଗାର ଉତ୍ପନ୍ନ ହୋଇଛି। ପିଏମ୍ ମୁଦ୍ରା ଯୋଜନା ଅନୌପଚାରିକ କ୍ଷେତ୍ରର ବ୍ୟବସାୟକୁ ଔପଚାରିକ କରିଛି। ଯୁବବର୍ଗ ବିଶେଷକରି ଛୋଟ ସହର ଏବଂ ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ଏହା ଉଦ୍ୟୋଗୀ ହେବାର ମାନସିକତା ବିକଶିତ କରିଛି, କେବଳ ନୂଆ ଉଦ୍ୟୋଗୀଙ୍କୁ ୧୦ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦେଇଛି। ମୁଦ୍ରା ସମର୍ଥିତ ବ୍ୟବସାୟ ଜରିଆରେ ୨୦୧୫–୧୮ ମଧ୍ୟରେ ୧ କୋଟି ନିଯୁକ୍ତି ସୃଷ୍ଟି ହୋଇଛି। ଏହି ଯୋଜନା ପ୍ରଥମ ଥର ଋଣଗ୍ରହୀତାମାନଙ୍କୁ ଔପଚାରିକ ଋଣ ବ୍ୟବସ୍ଥା ମଧ୍ୟକୁ ଆଣିପାରିଛି। ମୁଦ୍ରାଋଣର ପ୍ରାୟ ୬୮% ମହିଳାମାନଙ୍କୁ ଦିଆଯାଇଛି।

# ବଜାରରେ ବିର୍ଲା ଓପସ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୮।୪

ବିର୍ଲା ଓପସ୍ ପେଣ୍ଟସ୍‌ର ନୂତନ ଉତ୍ପାଦ ତଥା ନୂଆ ରେଞ୍ଜର ଡିଜାଇନର ଫିନିଶରକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ବିର୍ଲା ଓପସ୍ ପକ୍ଷରୁ ଦୁଇଟି ଏକ୍ସକ୍ଲୁସିଭ ଓ ଫ୍ୟୁଚରିଷ୍ଟିକ କଲେକ୍ସନ ଏବଂ ଏହାର ନୂଆ ଓ ଅଭିନବ ରେଞ୍ଜର ଡିଜାଇନର ଫିନିଶରକୁ ମଧ୍ୟ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଯାଇଛି। ଯାହା ଭାରତରେ ପ୍ରିମିୟମ ଇଣ୍ଟେରିୟର ଡିଜାଇନିଂକୁ ରୂପାନ୍ତର କରିବ। ଏହି ସ୍ୱତନ୍ତ୍ର ରେଞ୍ଜ ଦୁଇଟି କଲେକ୍ସନ ଯଥା ଡ୍ରିମ୍ କଲେକ୍ସନ ଓ ଟାଇମଲେସ୍ କଲେକ୍ସନର ଶୁଭାରମ୍ଭ କରିଛି। ପ୍ରତ୍ୟେକ କଲେକ୍ସନ ପ୍ରକୃତି ଅନୁପ୍ରାଣିତ ଉତ୍କର୍ଷ ଓ ଅତ୍ୟାଧୁନିକ ଟେକ୍ନୋଲୋଜିର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରୁଛି। ହାଇ–ଡେଫିନିଶନ ୩ଡି ପାଟର୍ନ ଓ ମେଟାଲିକ୍ ବ୍ରିଲିଆନ୍ସଠାରୁ ଆରମ୍ଭକରି ଟାଇମଲେସ୍ ଓ ହ୍ୟାଣ୍ଡକ୍ରାଫ୍ଟେଡ ଫିନିଶ ପର୍ଯ୍ୟନ୍ତ, ବିର୍ଲା ଓପସ୍ ପେଣ୍ଟସର ଡିଜାଇନର ଫିନିଶ କାନ୍ଥଗୁଡିକୁ ବିଳାସପୂର୍ଣ୍ଣତା ସହ ଜୀବନ୍ତ କରିବ।



ଏ ସମ୍ପର୍କରେ ବିର୍ଲା ଓପସ୍ ପେଣ୍ଟସର ସିଇଓ ରକ୍ଷିତ ହର୍‌ଗଭେ କହିଛନ୍ତି, ଭାରତବ୍ୟାପୀ ଶୁଭାରମ୍ଭ ହୋଇଥିବା ଆମର ପେଣ୍ଟ ଷ୍ଟୁଡିଓ ଫ୍ରାଞ୍ଚାଇଜି ଷ୍ଟୋରଗୁଡିକ ସମର୍ଥନରେ ଆମେ ଉପଭୋକ୍ତାଙ୍କୁ ବର୍ତ୍ତମାନ ପ୍ରକୃତିର ସୌନ୍ଦର୍ଯ୍ୟ ଓ ଇଟାଲୀର କଳାକୃତିରୁ ଅନୁପ୍ରାଣିତ ଏଭଳି ସ୍ୱତନ୍ତ୍ର ଫିନିଶ ପ୍ରଦାନ କରୁଛୁ।

# ସିଡ୍ ରାଉଣ୍ଡ ଜରିଆରେ ପାଣ୍ଠି ସଂଗ୍ରହ

ନୂଆଦିଲ୍ଲୀ,୮।୪

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଏଆଇ–ପରିଚାଳିତ ଭିଡିଓ ଟେଲିମାଟିକ୍ସ ଷ୍ଟାର୍ଟଅପ୍ 'କୌସିଓ'କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ତା'ର ବିଦ୍ୟମାନ ସିଡ୍ ରାଉଣ୍ଡର ଅଂଶ ଭାବେ ୧୧ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ସେହିଭଳି ଏହି ରାଉଣ୍ଡରେ ୯ ୟୁନିକର୍ନସ, ଭେଞ୍ଚର କାଟାଲିଷ୍ଟ, ଆଣ୍ଟଲର ଇଣ୍ଡିଆ, ଇନ୍‌ଫିନାଇଟ ଉଟ୍ କ୍ଲବ, ପିଆଇଇଡିଏସ୍, ବିଟ୍ସ ପିଲାନି ମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ, କାର୍ସ ୨୪ର ପ୍ରତିଷ୍ଠାତା ଗଜେନ୍ଦ୍ର ଜାଙ୍ଗିଦ ଓ ବିକ୍ରମ ଚୋପ୍ରା ଅଂଶ ଗ୍ରହଣ କରିଥିଲେ। ଏହି ପାଣ୍ଠିକୁ ପ୍ରାରମ୍ଭିକ ଗ୍ରାହକ ଓ ଇଣ୍ଡଷ୍ଟ୍ରି ଲିଡରଙ୍କଠାରୁ ମଜଭୁତ ସମର୍ଥନ ମିଳିଥିଲା। ବର୍ତ୍ତମାନ ସମୟର ଆବଶ୍ୟକତା ବୁଝି କୌସିଓ ସକ୍ରିୟ ଭାବେ ଦୁର୍ଘଟଣାଗୁଡିକୁ ହ୍ରାସ କରିବା, ଫ୍ଲିଟ୍ ଅପରେଟରଙ୍କ ପାଇଁ ଆର୍ଥିକ କ୍ଷତିକୁ ରୋକିବା ଏବଂ ପ୍ରତ୍ୟେକ ବ୍ୟକ୍ତି ଯେପରି ଘରକୁ ସୁରକ୍ଷିତ ଭାବେ ଫେରିବେ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଏକ ମିଶନରେ ରହିଛି।

କୌସିଓର ସହ ପ୍ରତିଷ୍ଠାତା ଓ ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଏଆଇ–ଚାଳିତ ଭିଡିଓ ଟେଲିମାଟିକ୍ସ ସହ ଆମେ କାହାଣୀକୁ ପରିବର୍ତ୍ତନ କରୁଛୁ। ଆମେ ଫ୍ଲିଟ୍ ଅପରେଟର, ଡ୍ରାଇଭର ଓ ଯାତ୍ରୀମାନଙ୍କୁ ସଡକରେ ଅଧିକ ସୁରକ୍ଷିତ, ଦାୟିତ୍ୱବାନ ଓ ଉତ୍ତରଦାୟୀ ରହିବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛୁ। ଏହାର ଆଡଭାନ୍ସଡ ଭିଡିଓ ଟେଲିମାଟିକ୍ସ ପ୍ଲାଟ୍‌ଫର୍ମ ସହିତ କୌସିଓ ୩ କୋଟି କିଲୋମିଟରରୁ ଅଧିକ ସୁରକ୍ଷିତ ଯାତ୍ରାକୁ ସକ୍ଷମ କରିଛି ଏବଂ ୧୬ ଲକ୍ଷରୁ ଅଧିକ ଟ୍ରିପକୁ ସୁରକ୍ଷିତ ରଖିଛି, ଯାହା ବିପଦ ହ୍ରାସ କରିବା ସହ ଦାୟିତ୍ୱ ବୃଦ୍ଧି କରିଛି ଓ ପରିଚାଳନାକୁ ଉନ୍ନତ କରିଛି। କୌସିଓର ସହପ୍ରତିଷ୍ଠାତା ଓ ସିଟିଓ ପ୍ରାଲ ନାଧାନି କହିଛନ୍ତି, କୌସିଓ ସହ ଆମେ ସେମାନଙ୍କୁ ପ୍ରତ୍ୟେକ ଯାତ୍ରା ଯେପରି କେବଳ ସମ୍ପୂର୍ଣ୍ଣ ହେବ ନାହିଁ ବରଂ ସୁରକ୍ଷିତ ଭାବେ ସମ୍ପୂର୍ଣ୍ଣ ହେବ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରୁଛୁ।

# ମାର୍ଚ୍ଚରେ ୪,୩୫,୮୨୮ ୟୁନିଟ୍ ଯାନ ବିକ୍ରି

■ହିରୋ ମୋଟୋକର୍ପର ବଜାର ଅଂଶ ୨୯%
■ବର୍ଷକରେ ୫୪,୪୫,୨୫୧ ୟୁନିଟ୍ ଯାନ ବିକ୍ରି

ନୂଆଦିଲ୍ଲୀ,୮।୪(ଅଭୟ ଦାଶ)

ହିରୋ ମୋଟୋକର୍ପର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୫ ମାର୍ଚ୍ଚରେ କମ୍ପାନୀ ମୋଟ ୪,୩୫,୮୨୮ ୟୁନିଟ୍ ଯାନ ବିକ୍ରି କରିଛି। ସେହିଭଳି କମ୍ପାନୀ ୨୦୨୪–୨୫ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ୫୪,୪୫,୨୫୧ ୟୁନିଟ୍ ଯାନ ବିକ୍ରି କରିବା ସହ ୨୯% ର ପ୍ରମୁଖ ବଜାର ଅଂଶ ହାସଲ କରିଛି। ଅପରପକ୍ଷରେ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଏଫ୍‌ଏଡିଏ/ ଫାଡା) ପକ୍ଷରୁ ପ୍ରକାଶିତ ସଦ୍ୟତମ ଯାନ ବିକ୍ରି ତଥ୍ୟ ଅନୁଯାୟୀ ହିରୋ ମୋଟୋକର୍ପ ୨୦୨୪–୨୫ ଆର୍ଥିକ ବର୍ଷ ଓ ୨୦୨୫ ମାର୍ଚ୍ଚରେ ଖୁଚୁରା ବିକ୍ରି ଓ ବଜାର ଅଂଶ ଦୃଷ୍ଟିରୁ ଶୀର୍ଷ ଦୁଇଚକିଆ ଯାନ ବ୍ରାଣ୍ଡ ଭାବେ ଉଭା ହୋଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ଫାଡା ରିଟେଲ ଡାଟା ଅନୁଯାୟୀ ୨୦୨୪–୨୫ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ମୋଟ ୫୪,୪୫,୨୫୧ ୟୁନିଟ୍ ଯାନ ବିକ୍ରି ସହ ପ୍ରଥମ ସ୍ଥାନ ଏବଂ ୨୯% ର ପ୍ରମୁଖ ବଜାର ଅଂଶ ହାସଲ କରିଛି। ସେହିପରି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ୪୭,୮୯,୨୮୩ ୟୁନିଟ୍ (୨୫.୩%) ବିକ୍ରି ସହ ୨ୟ ସ୍ଥାନରେ ରହିଥିଲାବେଳେ ଟିଭିଏସ୍ ମୋଟର କମ୍ପାନୀ ୩୩,୦୧,୭୮୧ ୟୁନିଟ୍ (୧୭.୪%) ବିକ୍ରି ସହ ୩ୟ ସ୍ଥାନରେ ଏବଂ ବଜାଜ ଅଟୋ ୨୧,୫୪,୪୬୭ ୟୁନିଟ୍ (୧୧.୪%) ସହ ୪ର୍ଥ ସ୍ଥାନରେ ରହିଛି। କେବଳ ୨୦୨୫ ମାର୍ଚ୍ଚରେ ହିରୋ ମୋଟୋକର୍ପ ୪,୩୫,୮୨୮ ୟୁନିଟ୍ ଦୁଇଚକିଆ ଯାନ ବିକ୍ରି କରିଛି। ଏହା ହୋଣ୍ଡାର ୩,୫୬,୦୮୩ ୟୁନିଟ୍ ତୁଳନାରେ ଯଥେଷ୍ଟ ଆଗରେ ରହିଛି, ଯାହା ଭାରତୀୟ ଉପଭୋକ୍ତାଙ୍କ ମଧ୍ୟରେ ସବୁଠାରୁ ପସନ୍ଦର ଦୁଇଚକିଆ ଯାନ ବ୍ରାଣ୍ଡ ଭାବେ ଏହାର ସ୍ଥିତିକୁ ମଜଭୁତ କରିଛି।

ହିରୋ ମୋଟୋକର୍ପର ନିରବଚ୍ଛିନ୍ନ ରିଟେଲ ଲିଡରଶିପ ଓ ଏହାର ବିବିଧ ଉତ୍ପାଦ ପୋର୍ଟଫୋଲିଓ, ବିସ୍ତୃତ ଡିଲର ନେଟ୍‌ୱର୍କ ଏବଂ ଭାରତୀୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଯାତାୟାତ ଆବଶ୍ୟକତା ଉପରେ ଗଭୀର ପ୍ରଭାବ ପକାଇଛି। କମ୍ପାନୀର ଭିଡା ବ୍ରାଣ୍ଡ ଅଧୀନରେ ଇନ୍ଧନ–ଯାତ୍ରୀଙ୍କଠାରୁ ଆରମ୍ଭକରି ପ୍ରିମିୟମ ମୋଟରସାଇକେଲ ଓ ଇଲେକ୍ଟ୍ରିକ୍ ସ୍କୁଟର ପର୍ଯ୍ୟନ୍ତ କମ୍ପାନୀର ନିର୍ଭରଯୋଗ୍ୟତା, ସୁଲଭତା ଓ ବିଶ୍ୱସନୀୟ ଯାତାୟାତର ଏହାର ପ୍ରତିଶ୍ରୁତିକୁ ପୂରଣ କରିବା ଜାରି ରଖିଛି।

# ୧୦ ମିନିଟ୍‌ରେ କୋଟିଏ ଟଙ୍କାର ଋଣ

ନୂଆଦିଲ୍ଲୀ,୮।୪

ଜିଓ ଫାଇନାନ୍ସ ଲିମିଟେଡ୍ (ଜେଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ସୁବିଧା ଓ ସେବା 'ଡିଜିଟାଲ ଲୋନ୍ ଏଗେନଷ୍ଟ ସିକ୍ୟୁରିଟିଜ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀ ସିକ୍ୟୁରିଟିଜ୍ ଉପରେ ଋଣ ପ୍ରଦାନ ସହ ଋଣ କ୍ଷେତ୍ରରେ ମଧ୍ୟ ବିଧିବଦ୍ଧ ଭାବେ ପ୍ରବେଶ କରିଛି। ଅପରପକ୍ଷରେ ଆଶାୟୀ ଗ୍ରାହକମାନେ ସେମାନଙ୍କର ଡିମାଟ୍ ଆକାଉଣ୍ଟରେ ଥିବା ଶେୟାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭଳି ସିକ୍ୟୁରିଟିଗୁଡ଼ିକୁ ବନ୍ଧକ ରଖି ଋଣ ପାଇପାରିବେ।

ସେହିଭଳି ଏହି ଋଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଡିଜିଟାଲ ଓ ସୁରକ୍ଷିତ ଏବଂ ଓଟିପି ଆଧାରିତ ସେବା ହୋଇଥିଲାବେଳେ ଜିଓ ଫାଇନାନ୍ସ ଆପ୍ ମାଧ୍ୟମରେ ଆଶାୟୀ ଗ୍ରାହକ ମାତ୍ର ୧୦ ମିନିଟ୍ ମଧ୍ୟରେ ୧ କୋଟି ଟଙ୍କା ପର୍ଯ୍ୟନ୍ତର ଋଣ ନେଇପାରିବେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଜେଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ କୁଶଲ ରାୟ କହିଛନ୍ତି, ଡିଜିଟାଲ ଲୋନ୍ ଏଗେନଷ୍ଟ ସିକ୍ୟୁରିଟିଜ୍ ସେବାର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଶୁଭାରମ୍ଭ ଆର୍ଥିକ ସେବାକୁ ଅଧିକ ସୁଲଭ, ଦ୍ରୁତ ଏବଂ ଗ୍ରାହକକୈନ୍ଦ୍ରିକ କରିବା ପାଇଁ ଆମର ମିଶନରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ଏହା ଆମର ବ୍ୟାପକ ଡିଜିଟାଲ ରଣନୀତିର ଏକ ଅଂଶ, ଯାହାର ଲକ୍ଷ୍ୟ ରହିଛି, ଗ୍ରାହକମାନଙ୍କ ପାଖରେ ଆର୍ଥିକ ସେବା ପହଞ୍ଚାଇବାର ଉପାୟରେ ପରିବର୍ତ୍ତନ ଆଣିବା। ଜିଓ ଫାଇନାନ୍ସ ଆପ୍ ମାଧ୍ୟମରେ ସିକ୍ୟୁରିଟି ଉପରେ ଋଣ ସହ ଗୃହ ଋଣ, ସମ୍ପତ୍ତି ଉପରେ ଋଣ ଏବଂ କର୍ପୋରେଟ୍ ଫାଇନାନ୍ସିଂ ମଧ୍ୟ ହୋଇପାରିବେ।

# 'ଓକାକ୍'କୁ ଦୁଇଟି ସମ୍ମାନଜନକ ପୁରସ୍କାର

## ଆଧାର ସମ୍ବାଦ-୨୦୨୫

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍)କୁ ୟୁନିକ୍ ଆଇଡେଣ୍ଟିଫିକେଶନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି।

ମଙ୍ଗଳବାର ନୂଆଦିଲ୍ଲୀରେ ଆୟୋଜିତ ଆଧାର ସମ୍ବାଦ-୨୦୨୫ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଭାବେ ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧି ହାସଲ କରିଥିବାରୁ ଓକାକ୍‌କୁ ପ୍ରଥମ ପୁରସ୍କାରଟି ପ୍ରଦାନ କରାଯାଇଥିଲା। ସମଗ୍ର ଓଡ଼ିଶାରେ ୟୁଆଇଡିଏଆଇ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ତ୍ରୁଟିମୁକ୍ତ ଏବଂ ନାଗରିକ ଅନୁକୂଳ ପଞ୍ଜୀକରଣ ସେବା ଓ ସୁବିଧା ସୁନିଶ୍ଚିତ କରି ଓକାକ୍ ଏହି ସ୍ୱୀକୃତି ପାଇପାରିଛି।

ସେହିପରି ଓକାକ୍ ପ୍ରକୃତ ସମୟ ଆଧାର ପ୍ରମାଣୀକରଣ ପାଇଁ ଏକ ସୁରକ୍ଷିତ, ଦକ୍ଷ ଏବଂ ବିଶ୍ୱସନୀୟ ପ୍ଲାଟଫର୍ମର ସୁବିଧା ପ୍ରଦାନ କରିଥିବାରୁ ଦ୍ୱିତୀୟ ପୁରସ୍କାର ମିଳିଛି। ବିଭିନ୍ନ ସରକାରୀ ସେବାଗୁଡ଼ିକର ନିରବଚ୍ଛିନ୍ନ ବିତରଣକୁ ଓକାକ୍ ସକ୍ଷମ କରିଆସିଛି। ଉଲ୍ଲେଖଯୋଗ୍ୟ, ସମୟର ଆବଶ୍ୟକତା ଅନୁଯାୟୀ ବୈଷୟିକ ଉଦ୍ଭାବନ, ସର୍ବୋତ୍ତମ ପ୍ରୟାସ ଏବଂ ୟୁଆଇଡିଏଆଇ ସହ ନିରନ୍ତର ସହଯୋଗ ମାଧ୍ୟମରେ ଓଡ଼ିଶାରେ ଆଧାର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଓକାକ୍ ସହ ସମ୍ପୃକ୍ତ ସମସ୍ତଙ୍କର ନିରନ୍ତର ଓ ଉତ୍ସର୍ଗୀକୃତ ପ୍ରୟାସକୁ ଏହି ସମ୍ମାନଗୁଡ଼ିକ ପ୍ରତିଫଳିତ କରୁଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ୟୁଆଇଡିଏଆଇର ସିଇଓ ଏବଂ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓକାକ୍ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ।



ଓକାକ୍ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ସମ୍ମାନ ଜନକ ପୁରସ୍କାର ଗ୍ରହଣ କରୁଛନ୍ତି।

# ୫ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୪(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀ ଡିଭିଜନର ୫ଲକ୍ଷ ପୁରସ୍କାର ଘୋଷିତ ୫ ମହିଳା ମାଓବାଦୀ ମଙ୍ଗଳବାର ପୋଲିସରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମୀ ବଞ୍ଜାମୀ, ସନ୍ନି ଓରଫ ଜମଲି ପଡିୟମ, ଅନିତା ଉସେଣ୍ଡି, ସୁକାୟ ପୋଡିୟମ ଓ କୁମ୍ମେ ପୋଡିୟମ। ଏମାନେ ଛତିଶଗଡ଼ କୁତୁଲ, ନେଲନାର, ଓ ପରଲକୋଟ ଏରିଆ କମିଟିରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ଆତ୍ମସମର୍ପଣ କରିଥିବାରୁ ଏମାନଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ବର୍ତ୍ତମାନ ଛତିଶଗଡ଼ରେ ପ୍ରତିଦିନ ଏନ୍‌କାଉଣ୍ଟରରେ ମାଓବାଦୀଙ୍କ ମୃତ୍ୟୁ ଘଟୁଥିବା ବେଳେ ଅଧିକାଂଶ ସଂଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲହେବା, ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଓ ଆଦିବାସୀଙ୍କୁ ବିନା କାରଣରେ ହତ୍ୟା ସହ ମହିଳାଙ୍କ ଉପରେ ମଧ୍ୟ ଅତ୍ୟାଚାର କରୁଥିବାରୁ ବାଧ୍ୟହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି।



ପୋଲିସ ଅଧିକାରୀଙ୍କ ସହ ଆତ୍ମସମର୍ପଣ କରିଥିବା ୫ ମହିଳା ମାଓବାଦୀ।

---

**GOVERNMENT OF ODISHA** No.O-17

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH**

AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com

No.Tender Online-RWCCESNG-01 of 2025-26, Letter No.901/ Dtd.04.04.2025

**e-Procurement Notice**

1. Type of the Work: Roads (MMSY), 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-01 of 2025-26 | 11.04.2025 11.00 AM | 28.04.2025 5.00 PM | 25.04.2025 5.00 PM | 29.04.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0042/2425

---

## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

SAMS
Student Academic Management System
Skilled in ODISHA

**ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୫-୨୬ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ**

No.KK-06:ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ପଦ୍ଧତିରେ ମେଧାଭିତ୍ତିକ ପଦ୍ଧତିରେ ନାମ ଲେଖାଯିବ। ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର **ତା.୧୦.୦୪.୨୦୨୫** ରିଖଠାରୁ ଗ୍ରହଣ କରାଯିବ।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା.୦୧.୦୮.୨୦୨୫ ରିଖ ସୁଦ୍ଧା ୧୪ ବର୍ଷ ବୟସ ପ୍ରାପ୍ତ/ଅତିକ୍ରମ କରିଥିବେ, କିନ୍ତୁ କୌଣସି ସର୍ବାଧିକ ବୟସ ସୀମା ନାହିଁ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ପାଠ୍ୟକ୍ରମ (ଟ୍ରେଡ୍) ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ/ ୧୦ମ ଶ୍ରେଣୀ ଫେଲ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ ଉପଲବ୍ଧ ଅଛି।

ଗ) SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ Login କରି ପ୍ରଥମ ପର୍ଯ୍ୟାୟରେ **ତା.୧୦.୦୪.୨୦୨୫**ଠାରୁ onlineରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ।

ଘ) ଚଳିତ ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଘୋଷିତ ହେବାପରେ ଆବେଦନକାରୀମାନେ ସେମାନଙ୍କର ପ୍ରାପ୍ତ ମାର୍କ ଓ ଆବଶ୍ୟକୀୟ ପ୍ରମାଣପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ କରିପାରିବେ।

ଙ) ସୂଚନାଯୋଗ୍ୟ ଯେ, ଚଳିତ ଶିକ୍ଷାବର୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ ଯେଉଁମାନେ NCVT, New Delhiଙ୍କ ଦ୍ୱାରା ସହବନ୍ଧିକୃତ ହୋଇ ଅଛନ୍ତି ଓ ସରକାରୀ ନିୟମାବଳୀ ଅନୁସାରେ ଯୋଗ୍ୟ ଅଟନ୍ତି ସେହି ସମସ୍ତ ଆଇ.ଟି.ଆଇମାନଙ୍କରେ ନାମଲେଖା ପାଇଁ ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ କରିପାରିବେ।

ଚ) ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର- ସଂଯୋଗ Helpline- ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ** କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ।

ଅନୁମୋଦିତ
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-44008/11/0029/2425

---

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-28

**OFFICE OF THE DIVISIONAL HEAD, MAINTENANCE DIVISION, IDCO, IDCO TOWERS, BHUBANESWAR**

**Bid Identification No.IDCO/MAINT/BBSR/07/24-25**

TCN.NO.1009 Dt.29.03.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Maintenance of the Cricket Ground of IDCO Colony at Mancheswar for the period May-2025 to Mar-2026 (11 months).

1.Value of Work:8.94 lakhs. 2. Period of contract:11 (eleven) Calendar Months. 3. Availability of tender online for Bidding: I. Start Date:18.00 Hours of Dt.06.04.2025. II. End Date: 17.00 Hours of Dt.16.04.2025. III. Opening Date: 11.30 Hours of Dt.17.04.2025.

Tender details can be seen from the e-procurement portal. **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Divisional Head,
MAINTENANCE DIVISION,
IDCO, Bhubaneswar

OIPR-14003/11/0129/2425

---

**OFFICE OF THE ENGINEER-IN-CHIEF (CIVIL) ODISHA NIRMAN SOUDHA, UNIT-V, BHUBANESWAR**

**INVITATIONS FOR BIDS (IFB)**

E-mail ID:cebuildings_orissa@yahoo.co.in,cebuildings@rediffmail.com

Tel.-(0674)-2391523

File No.B-I-Tourism-38/2023 14527/ Bhubaneswar, the 7th April,2025

No.B-12: **Invitation For Bids**
**1st Corrigendum**

**Tender Reference No.C.E. (B)-36/2024-25**

The following changes have been made in Bid Identification No.C.E. (B)-36/2024-25

1. Bid documents such as DTCN/ BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.17.04.2025 to 17.00 hours of dt.02.05.2025** instead of **dt.07.04.2025 to dt.21.04.2025** for ONLINE BIDDING respectively. 2. **Online** bids shall be received till **17.00 Hours of dt.02.05.2025** instead of **dt.21.04.2025**. 3. The technical bids will be opened at **11.30 A.M. of dt.03.05.2025** instead of **dt.22.04.2025**. All other terms and conditions remain unchanged.

Sd./- Engineer-in-Chief
Chief Engineer, Buildings (I/C)
Odisha, Bhubaneswar

OIPR-34117/11/0073/2425

---

ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର - ୭୭୦୦୧୭

**OFFICE OF THE RAJGANGPUR MUNICIPALITY, RAJGANGPUR**

Municipality Office, Rajgangpur - 770017, Tel : 06624-220454
Rajgangpur Municipality Rajgangpur_Mun
E-mail : rajgangpurm.hud@nic.in

**No. 1874** **Date : 05.04.2025**

**QUOTATION CALL NOTICE**

No.C-36 : Quotation in closed cover from the registered manufacturers/ suppliers are hereby invited for supply of 4000 liters capacity of four wheelers water tanker (iron) to this Municipality as per the specification mentioned hereunder.

The quotations are required to submit copies of the Registration Certificate of firm, PAN, GST and latest GST deposit challan and Income Tax Clearance Certificate along with the quotation without which the quotations will not be taken into consideration. The taxes/duties if any will be charged extra should be clearly indicated in the quotation. The water tanker in good condition shall be delivered to the Municipality Office, Rajgangpur.

The quotation should reach the Office of the undersigned by 05 P.M. of 15.04.2025 which will be opened the same day at 05 P.M. in presence of the quotationers or their authorized representatives. The quotation received after due date and time will not be taken into consideration.

The authority reserves the right to accept or reject any or all quotations without assigning any reason thereof.

1. Tank elliptical shape, Machine-rolled made of 10gauge M.S. sheet. Tank inside and outside electrically welded with 50mm dia G.I. perforated pipe for Road Spray and 02 Nos. of C.I. Brass 25mm dia stop cocks for delivery of water. Rame made of 75x50x6mm M.S. Angle Iron having platform and stairs. Chasis made of 100x50mm M.S. Channel Iron with Cross members. Turn Table made of double circular plate and 100x50mm Channel iron. Table frame with 75mm dia Road Pivot Pin. Wheel Equipments 7.50x16Pneumatic rubber Type Wheels. Axle made of 63mm Square bar with 63x9mm laminated leaf springs(12ply) paibnted with ICI synthetic enamel paint on red oxide printer.

By order of Chiarperson
**Sd./- Executive Officer**
**Rajgangpur Municipality**

OIPR-13094/11/0021/2425

---

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

No.g-02: **ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ୦୭.୦୬.୨୦୨୩ ତାରିଖରେ ଗୋବରା, ଗୁରୁଡିଝାଟିଆ, କଟକର ପବିତ୍ର ବେହେରାଙ୍କ ନିକଟରେ ଉକ୍ତ ଶିଶୁପୁତ୍ରଟିକୁ ରଖିଥିବା ଖବର ପାଇ କଟକ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇଅଛି। କଟକ ଶିଶୁମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ.୧୫୯/୨୦୨୩ ଅନୁଯାୟୀ ଏହି ଶିଶୁପୁତ୍ରଟି ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥାରେ (ସା) ରହୁଅଛି। ଏହି ଶିଶୁପୁତ୍ରଟିର ନାମ "ପିଣ୍ଟୁ ବେହେରା" ଏବଂ ତା'ର ଜନ୍ମ ତାରିଖ ୨୪.୦୩.୨୦୨୨ ଅଟେ। ଏହି ଶିଶୁପୁତ୍ରଟି ଆସିବା ଦିନଠାରୁ ବାପାମାଆ କିମ୍ବା ଅନ୍ୟ କେହି ପରିବାରବର୍ଗ ଦେଖାସାକ୍ଷାତ କରିବାକୁ ଆସିନାହାନ୍ତି। ତେଣୁ ଯଦି ଏହି ଶିଶୁପୁତ୍ରଟିର ପିତାମାତା କିମ୍ବା କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ ପାଖ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.-୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ, କଟକ, ଫୋନ୍ ନଂ-୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ଅତିକ୍ରାନ୍ତ ପରେ ଏହି ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,
କଟକ

OIPR-33038/11/0020/2425

---

**PANCHAYAT SAMITI, BARIPADA**

**TENDER CALL NOTICE**

**No.i-05** : BDO, Baripada invites sealed tender on behalf of Govt. of Odisha for the following work in conformity with the DTCN.BID Identification No.01-2024-25/ BDO, BARIPADA

Name of the work : **"Construction of Model AWC at Bhagabandh under B. C. Pur GP"**

Date of Receipt of Tender : 08.04.2025 at 10.30 A.M. to 19.04.2025 up to 5 P.M. via Drop Box at Block Office.

Date of Opening of Tender : 21.04.2025 ,11 AM in the Conference Hall of BDO, Baripada.

Terms and Conditions : Details of the Bid documents can be downloaded from the official website of the district (https://mayurbhanj.odisha.gov.in) from 08.04.2025 to 19.04.2025. All the terms and conditions can be seen from the above website.

Sd./- Block Development Officer
Baripada

OIPR-19109/11/0009/2425

---

OHPC

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**

AT/PO- BARINIPUT, DIST-KORAPUT - 764006, ODISHA
PHONE:(06854)242001, FAX:(06854) 242093, e-mail:sgmel.ukhep@gmail.com
CIN: U40101OR1995SGC003963

**NOTICE INVITING TENDER NO. UKHEP-39/2024-25, DT.28.03.2025**

**No.CAD-05:**Sealed Tenders are invited in two part i.e. (1) Technical Bid & (2) Price Bid in separate sealed envelopes from the Manufacturers or its Authorized Dealers/ Distributors only having valid Firm Registration Certificate issued by Govt. Authority/Dealership certificate, IT PAN & GST Registration Certificate for the following work as detail given below.

| No. | Description of Item | Cost of tender paper (non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|
| | **Supply, Installation and commissioning of radar level sensor with display for tailrace water level measurement for UKHEP, Bariniput** | Rs.2360/- (2000/- + 18% GST) | Rs.4500/- |

- Period of Sale/ Download of tender document : **10.00 Hrs. of Dt.08.04.2025 upto 11.00 Hrs of Dt.09.05.2025.**
- Last date & time of receipt of tender document : **Upto 12.00 Hrs. of Dt.09.05.2025**
- Date & Time of opening of tender document : **At 12.30 Hrs. of 09.05.2025.**

For details of tender documents/ terms & conditions/ corrigendum/ errata/ addendum if any please visit our website www.ohpcltd.com.

OIPR-04002/11/0069/2425 **Sd./- C & P Head, UKHEP, Bariniput**

---

No.D-5

**ODISHA POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT-V, BHUBANESWAR**

**ବିଜ୍ଞାପନ**

**କନେଷ୍ଟେବଳ ନମ୍ବର- ୨୯୪ ଚନ୍ଦ୍ର ଶେଖର ଘୋଷ**
**ପିତା-ମନରଞ୍ଜନ ଘୋଷ**
**ଗ୍ରାମ-କସାକେନ୍ଦୁ, ପୋଷ୍ଟ-ରେସିଗାଓଁ, ଥାନା-ସଦର**
**ଜିଲ୍ଲା-କଳାହାଣ୍ଡି, ପିନ୍- ୭୬୬୦୦୧**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓ.ଶି.ସୁ.ବ., ବେଦାନ୍ତ ଲାଞ୍ଜିଗଡରେ ସୁରକ୍ଷା ଡିଉଟିରେ ଥିବା ସମୟରେ ତା.୨୭.୧୧.୨୦୨୪ ରିଖ ଅପରାହ୍ନ ଠାରୁ ତା.୩୦.୧୧.୨୦୨୪ ଅପରାହ୍ନ ପର୍ଯ୍ୟନ୍ତ ୩ ଦିନ ସାମୟିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା.୦୧.୧୨.୨୦୨୪ ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗ ଦେବାର ଥିଲା। କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିରେ ରହିଥିଲେ। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ଏପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବେଦାନ୍ତ ଲାଞ୍ଜିଗଡ ଓ.ଶି.ସୁ.ବ. ଶିବିରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./-ଦୁର୍ଗପତି (ଏସ.ଏ.ଜି.)
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

OIPR-12029/11/0076/2425

---

**OFFICE OF THE DIVISIONAL FOREST OFFICER : DEOGARH DIVISION**

Phone No. 06641-291002 (Office) Email- dfo.deogarh@odisha.gov.in

**Letter No. 2105 /1F (Acct) Dated : 04th April, 2025**

**TENDER CALL NOTICE FOR HIRING OF VEHICLES**

**No.MM-02** : Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 15 (Fifteen) Nos. of Vehicle (BS VI compliant Diesel driven AC/Non-AC) vehicles, which shall conform to the Terms and Conditions (Annexure-III) for official use in different Ranges (Details of the vehicles to be engaged is in - Annexure-V) under Deogarh Forest Division on monthly rent basis to reach in the O/o the Divisional Forest Officer, Deogarh Forest Division, on or before **21.04.2025** up to **5.00 P.M.** through Registered/Speed Post/ Courier Service and can also be dropped in the Tender Box placed in the Office of the Divisional Forest Officer, Deogarh Forest Division. The tender will be opened in the same office on **22.04.2025 at 11.30 A.M.** The Standard Bidding Documents and Terms and Conditions can be downloaded from **www.deogarh.odisha.gov.in** / **https://angul.nic.in**, **https://odishaforest.in** and also can be obtained from the Office of the Divisional Forest Officer, Deogarh Forest Division, Deogarh from 05.04.2025 to 21.04.2025 during office hours.

Sd./- Divisional Forest Officer
Deogarh Forest Division

OIPR-08041/11/0013/2425

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୪୮ **ବିଜ୍ଞାପନ** ତା.୧୭.୦୩.୨୫

**No.CAD-51**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୫୮ (MIG-58), ବାଜିରାଉତ ଇଣ୍ଟିଗ୍ରେଟେଡ୍ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ, ଫେଜ୍-୧, ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ପିତା- କୃଷ୍ଣଚନ୍ଦ୍ର ମିଶ୍ର, ସା/ପୋ-କମଳାଡିହ, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଦେବୀ ପ୍ରସାଦ ମିଶ୍ର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ବିନି ସେଠୀ, ସ୍ୱାମୀ-ରବୀନ୍ଦ୍ର ନାଥ ସେଠୀ, ସା-କଣ୍ଟାଗୋବିନ୍ଦପୁର, ପୋ-ପିକରାଳି, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0525/2425

---

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-751013**

**NOTIFICATION**

**Bhubaneswar, dated the 7th April, 2025**

**No.N-03** : No. EC-II-(MP)-29/23/888/CHSE/ This is for information of all concerned that the candidates those who have been booked under malpractice in Arts, Science, Commerce and Vocational streams during AHSE, 2025 are requried to submit written statement in their defence to the undersigned through email : coechseodisha@gmail.com or by person/post latest by 21.04.2025 for quick disposal of the MP cases in the prescribed proforma as mentioned below.

NB : No postal dealy or any causes will be considered after this stipulated date.

By order of the Chairperson
**Sd./- Dr. P. K. Parida**
**Controller of Examinations**

**STATEMENT OF THE M.P. CANDIDATE**

1. Name of the candidate :
2. Roll No . :
3. Registration No. :
4. Name of the H.S. School :
5. Subject(s) in which booked under malpractice :
6. Whether resorted to mal-practice inside the Examination Hall : (Yes/No)
7. Statement of the candidate shall be furnished in his/her own handwriting briefly. (if required, use additional sheet)

Signature of the candidate
Address :
Date :
Mobile :

OIPR-11003/11/0019/2425

---

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

Ph. No. : 06815-222052, E-mail : parala.mply@gmail.com

Letter No. 1091 Date : 04.04.2025

**EXPRESSION OF INTEREST**

**No.C-42** : Executive Officer on behalf of Paralakhemundi Municipality, Dist: Gajapati inviting expression of interest from companies/Individuals/any other agency having relevant certificates and past experience for the following work. "SELECTION OF AGENCY FOR PROCESSING AND DISPOSAL OF BIO-REMEDIATION OF LEGACY WASTE FOR RECLAMATION OF LAND AT PARALAKHEMUNDI MUNICIPALITY SITE SITUATED AT SITE IN SCIENTIFIC APPROACH." Preference shall be given to the companies and agencies who have already rendered similar type of services to various ULBS of Govt. of Odisha. The Bidder shall furnish the paper cost Rs. 6000/-(non- refundable) & EMD of Rs.10,000/- in shape of Demand Draft from any scheduled commercial bank or any nationalized bank in favour of Executive Officer, Paralakhemundi Municipality payable at Paralakhemundi along with EOI. (The prescribed bid documents & related terms & condition need to be purchased from 05.04.2025 to 16.04.2025 During office hours by paying cash/ DD). The EOI should reach to Municipality office by Reg. post or Speed Post on or before dated: 16.04.2025 by 1.00 P.M. and Technical Proposal will be opened on 17.04.2025 at 10.00 A.M. & Financial Proposal will be opened on 19.04.2024 at 10.00 A.M. in the presence of the quotationers or their authorized representative. The EOI Received beyond the schedule date and time will not be considered.

**Note : Bid Evaluation process :**

Bid will be evaluated through Technical & Financial evaluation. A technical evaluation will be conducted in form presentation to verify the bidders capabilities for executing the project. The Financial bid will be opened for the technically qualified Bidders.

The undersigned reserves the right to reject any or all of the EOI proposal without assigning any reason thereof.

Sd./- Executive Officer
Paralakhemundi Municipality

OIPR-13145/11/0013/2425

---

No.CAD-48

**NOTICE INVITING TENDER**
**Office of Chief CSO / CSO-cum-District Managers**
**Odisha State Civil Supplies Corporation Ltd.**
**District BARGARH**

**Tender No. for the Block/ULB for KMS 2024-25 :**

**1. Attabira Block/NAC-1273/28.03.2025**
**2. Bheden Block-1274/28.03.2025**
**3. Ambabhona Block-1275/28.03.2025**
**4. Bargarh Block /Municipality-1276 /28.03.2025**
**5. Barpali Block/NAC-1277/28.03.2025**
**6. Bhatli Block-1278/28.03.2025**
**7.Bijepur Block/NAC-1279/28.03.2025**
**8.Gaisilet Block-1280/28.03.2025**
**9.Jharbandh Block -1281/28.03.2025**
**10.Padampur Block /NAC -1282/28.03.2025**
**11.Sohela Block-1283/28.03.2025**
**12.Paikmal Block -1284/28.03.2025**

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of (i) Paddy from Paddy Purchase Centres (PPCs) / Mandis to Rice Mill points in Bargarh District & (ii) Custom Miller Rice (CMR) from Rice Mills points to Rice Receiving Centers (RRCs)/ Depots in Bargarh District for the KMS 2024-25. |
| 2 | Availability of tender documents in the portal | **From Dt.03.04.2025 5:00 P.M. onwards** |
| 3 | Last date;& time for receipt of complete Tender Documents in the portal | **Dt.21.04.2025 Up to 5:00 P.M.** |
| 4 | Date & time for opening of Technical Bid | **Dt.22.04.2025 at 11:00 A.M.** |
| 5 | Name & address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments/ corrigendum/cancellation/re-tenders etc. if any shall be published only in above websites.

Sd./- Chief CSO-cum District Manager
OSCSC Ltd., Bargarh

OIPR-07036/11/0006/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବଭାରତୀୟ ପୋଲିସ ହକି: କର୍ନାଟକ, ସିଆର୍‌ପିଏଫ୍‌ର ବୃହତ୍ ବିଜୟ

**ଭୁବନେଶ୍ୱର, ୮।୪ (ତପନ ସ୍ୱାଇଁ)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ମଙ୍ଗଳବାର କର୍ନାଟକ ଓ ସିଆର୍‌ପିଏଫ୍ ଦଳ ବୃହତ୍ ବିଜୟ ହାସଲ କରିଛି। କର୍ନାଟକ ୨୦-୧ ଗୋଲରେ ଗୁଜରାଟକୁ ହରାଇଥିବାବେଳେ ସିଆର୍‌ପିଏଫ୍ ୨୧-୧ ଗୋଲରେ ପୁଡୁଚେରୀ ପୋଲିସ ଦଳକୁ ପରାସ୍ତ କରିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶ ୯-୦ରେ ମହାରାଷ୍ଟ୍ର ଓ ତେଲଙ୍ଗାନା ୯-୧ ଗୋଲରେ କେରଳକୁ ହରାଇଛି ଏବଂ ଉତ୍ତର ପ୍ରଦେଶ ମହିଳା ପୋଲିସ ଦଳ ତାମିଲନାଡୁକୁ ୬-୧ ଗୋଲରେ ପରାସ୍ତ କରିଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା ବିଭାଗ) ଅରୁଣ ବୋଥ୍ରା ଏବଂ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି ( ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚଗୁଡିକରେ ଅତିଥି ଭାବେ ଅଂଶ ଗ୍ରହଣ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି।

## ଗୁଲ୍ ବାଂଲାଦେଶ ବୋଲିଂ କୋଚ ହୋଇପାରନ୍ତି

**ଢାକା,୮।୪:** ପାକିସ୍ତାନ ପୂର୍ବତନ ଫାଷ୍ଟ ବୋଲର ଉମର ଗୁଲ ବାଂଲାଦେଶ ଦଳର ପେସ ବୋଲିଂ କୋଚ୍ ହୋଇପାରନ୍ତି। ଏ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ ସହ ତାଙ୍କର ଆଲୋଚନା ଚାଲିଛି। ଆନ୍ଦ୍ରେ ଆଡାମ୍ସ ଏବେ ବୋଲିଂ କୋଚ ପଦରେ ଅଛନ୍ତି।


# Classified Everyday
0674-2580101, 9692975378




MATRIMONIAL

**BRIDE WANTED**

କର୍ପୋରେଟ୍ ଚାକିରି କରୁଥିବା ବ୩୧ର୍ଷ ବ୍ରାହ୍ମଣ ପୁଅ ପାଇଁ ସୁନ୍ଦରୀ ଶିକ୍ଷିତା ଚାକିରି କରୁଥିବା ଝିଅ ଆବଶ୍ୟକ। ୮୯୧୭୫୬୫୭୦୭. ଧ-୦୧୩

34 yrs Brahmin groom, 6ft, Bhubaneswar, resident, earning 6 lpa. Contact: 9776243023, self Employed. D-048



AUTOMOBILE
SALE

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254



REAL ESTATE
SALE

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219



Healthcare

Positively health benefited SPA by expert female therapist. 9114559860. D-76907

Full body massage by Odia therapist in homely atmosphere. 9556498382. D-75376

All types hair cutting, body massage by smart lady room services available. Contact: 7077240328. D-71396

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited spa by expert female therapist, Bapujinagar. 8018429809 D-76906

**AFFIDAVIT**

I Pratibha Patil, W/o- Pravin Ramdas Patil, resident of Flat GRNA, Nilkantha, Mani Tribhuvan, Nandankanan Road, Patia, Bhubaneswar, Dist.- Khorda, PIN-751024, declare by this affidavit No.- 181 dtd. 07.04.2025 that now onwards I shall be known as Pratibha Pravin Patil for all future purposes. D-070

I Bhuse Pratibha Dattatray, W/o- Pravin Ramdas Patil, resident of Flat GRNA, Nilkantha, Mani Tribhuvan, Nandankanan Road, Patia, Bhubaneswar, Dist.- Khorda, PIN-751024, declare by this affidavit No.- 182 dtd. 07.04.2025 that now onwards I shall be known as Pratibha Pravin Patil for all future purposes. D-071

By virtue of an affidavit sworn before Notary Public, dated 08th April 2025, I, Ramesh Adhikari, Address: At-Jinjilibadi, P.O.- Penta, Dist.- Rayagada, Odisha, 765017 declare that I have changed my son's name from Bhaskar Rao Adhikar to Adhikari Rohit. Henceforth, he shall be known as Adhikari Rohit for all purposes.
Ramesh Adhikari D-074

By virtue of an affidavit No.- 1319, dated 02.04.2025 sworn before the Executive Magistrate, Dharmasala, I, Jagadhis Kumar Ray, At- Deulipal, P.O.- Jaraka, P.S.- Dharmasala, Dist.- Jajpur declare that my minor son old name Riyashusekhar Ray changed to new name Riyansu Sekhar Ray. Henceforth, he shall be known as Riyansu Sekhar Ray for all purposes. D-73

By virtue of an affidavit sworn before the Executive Magistrate, Bhubaneswar, dated 17.02.2025, I, Samudrika Pradhan, Plot No.- 112, Saheednagar, Bhubaneswar, declare that I have changed my name from Samudrika Singh to Samudrika Pradhan. Henceforth, I shall be known as Samudrika Pradhan for all purposes.
Samudrika Pradhan D-066

By virtue of an affidavit sworn before the Executive Magistrate, Bhubaneswar, dated- 17.02.2025, I, Biswaranjan Acharya, Plot No.- 112, Saheednagar, Bhubaneswar, declare that I have changed my daughter's name from Rajnandini Singh to Rajnandini Acharya. Henceforth, I shall be known as Rajnandini Acharya for all purposes.
Biswaranjan Acharya D-067

I, Mayabati Topno, W/o- Ramesh Topno, R/o- Village- Jamarla, P.O.- Kustuna, P.S.- Bargaon, Dist.- Sundargarh, Odisha declare that my son's name has been wrongly mentioned as Dinesh Tapno instead of Dinabandhu Topno in his Aadhaar card bearing No.- xxxx xxxx 5117. By this affidavit No.- 240 dated 21.03.25 sworn before the Executive Magistrate, Bargaon, I have changed my son's name as Dinabandhu Topno for all future purposes. D-77

By virtue of an affidavit CF No.02 dated 03.04.2025 sworn before the Executive Magistrate, Sohela, I Kshirodri Rautia @ Basanti Mirdha, W/o. Pitabasa Rautia, D/o. Kunjal Singh Mirdha, R/o. Village/Po. Petupali, Ps. Melchhamunda, Dist. Bargarh, Odisha declare that after marriage I have changed my name from Basanti Mirdha to Kshirodri Rautia. That both the names is one and same person. D-86

Sri Dakendra Pidikaka, S/o- Late Tatura pidikaka, declare by this affidavit No.- 339, dt- 07.04.2025, sworn before The Executive Magistrate, Gudari, that now onwards I want to correction my son's name from Kaika Pidikaka to Nouka Pidikaka, bearing Aadhaar No-xxxx xxxx 4721 of village Sanaraijhola, P.O-Karlaghati, P.S/Tahasil-Gudari, Dist.- Rayagada, for all future purpose. D-69

SRI. AJANIYA GAMANGO, S/o- Late Hori Gamango, declare by this affidavit No.- 502/ 2025 dated on 07.04.2025, sworn before the Executive Magistrate, Gunupur, that now onwards I want to correction of my son's name from SALAMAN GAMANGO to SALMAN GAMANGO and his date of birth from 09.07.1985 to as 09.07.2011 bearing Aadhaar Card No.- xxxx xxxx 3824 as well as my Address: At/ P.O.- Kulusing, P.S.- Puttasing, Dist.- Rayagada for all future purposes. D-68

I, Mayadhar Bhue, R/o- Village- Karlipat, P.O./ P.S.- Loisingha, Dist.- Balangir declare by this affidavit No.- 43 dated 05.04.25 that my son Arabinda Bhue is the student of class IX in govt. Primary School, Loisingha. That in school admission register my son's surname has been wrongly mentioned as Bhoi instead of Bhue. Henceforth, he shall be known as Arabinda Bhue for all purposes. D-83

ମୁଁ ସନ୍ତୋଷ କୁମାର ମହାପାତ୍ର, ସା- ନାଉଗୋରଡ଼ା, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ଘୋଷଣା କରୁଅଛି କି, ମୋର ବାପା ସଦାନନ୍ଦ ମହାପାତ୍ରଙ୍କୁ କୌଣସି ବ୍ୟକ୍ତି ପ୍ରଲୋଭିତ କରି ତାଙ୍କ ନାମରେ ଥିବା ଖାତା ନଂ- ୫୪୫, ପ୍ଲଟ୍ ନଂ- ୫୯୭ (୦.୬ଡି.) ଓ ୮୧୪(୦.୯ଡି) ଘରବାଡ଼ି ଜମିକୁ ବିକ୍ରି କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଆମ୍ଭେ ଏହାର ସୂଚନା ପାଇବା ପରେ ଭଦ୍ରକ ସିଭିଲ କୋର୍ଟରେ ଏକ ମାମଲା (ନଂ-୧୧୪୭/୨୦୨୪) ଦାଏର କରିଅଛୁ। ଆମ୍ଭେ ପରିବାର ସହ ଉକ୍ତ ବୃତ୍ତିରେ ବାସ କରୁଅଛୁ। ଏଣୁ ଉକ୍ତ ଜମିକୁ କିଣିବା ପାଇଁ ଚାହୁଁଥିବା ବ୍ୟକ୍ତି ବିରତ ରହିବା ପାଇଁ ସୂଚନା ଦେଉଅଛୁ। ଧ-୮୫

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhadrak, I, Soltana Bibi (49 yrs), W/o- Imtaz Khan, Vill: Miramohalla, P.O.- Bankabazar, P.S.- Purunabazar, Dist.- Bhadrak declare that I have changed my name in my LIC Policy bearing No.- 586561422 from Kalimuna Bibi to Soltana Bibi for all purposes. D-84

By virtue of an affidavit No.-655, dated 07.04.25 sworn before the Executive Magistrate, Bolangir, I, Sushanta Kumar Gadatya, R/o. At./P.O.- Badabandha, P.S.- Deogaon, Dist.- Bolangir, PIN- 767029, Odisha declare that I have changed my son's name from Sai Saswat Gadatya to Saswat Gadatya. Today onwards he shall be known as Saswat Gadatya for all future purposes. D-78

By virtue of an affidavit before Executive Magistrate, Darpan, I have changed my former name Chuguli Das (Aadhaar Card No.- XXXX XXXX 0949), S/o- Radhanath Das to Aruna Kumar Das. Henceforth, I will be known as Aruna Kumar Das in all purposes. D-81

By virtue of an affidavit sworn before Executive Magistrate, Athagarh, Cuttack, dated 03.04.2025 I, Bikash Das (new name), Address: Kunheipara, P.O.- B.G.P Pur, Dist.- Cuttack, Odisha, PIN Code-754005 declare that I have changed my name from Bikash Nayak (old name) to Bikash Das (new name). Henceforth, I shall be known as Bikash Das (new name) for all purposes. D-80

I, Smt. Sujata Behera, D/o- Prahalad Chandra Pradhan, W/o- Prafulla Kumar Behera, residing At- Gandhinagar (Karanjia), P.O.- Issan Nagar, P.S.- Balasore Sadar, Dist.-Balasore have changed my name to Smt. Sujata Pradhan vide affidavit dated 4.4.2025 sworn before Executive Magistrate, Balasore. D-76

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

**୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ସ୍ନେହଲତା ଷଡଙ୍ଗୀ (ସ୍ନେହ)**
୧୦୪, ରତ୍ନାକର ବାଗ-୧, ଭୁବନେଶ୍ୱର,
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ, ବାହୁଡ଼ା ଯାତ୍ରା)
ଆଜି ତୁମର ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆଜି ତୁମ ଆତ୍ମା ଆରପାରିରେ ରହି ମଧ ଆମମାନଙ୍କୁ ଆଶୀର୍ବାଦ କରୁଥାଉ, ଏତିକି ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସ୍ୱାମୀ କାଳିନ୍ଦୀ ଚରଣ ଷଡ଼ଙ୍ଗୀ, ପୁଅ- ବାବୁଲି, ବୋହୂ-ଗୀତୁ, ଝିଅ- ଟୁନି, ଜ୍ୱାଇଁ- ରାମ, ପୁଅ- ମୁନା, ବୋହୂ- ଅପୁ, ନାତିନାତୁଣୀ- ନୀରଜ, ନୀରଜା, ଗୁଡୁ ଓ କାହ୍ନାଙ୍କ ସହ ସମସ୍ତ ପରିବାରବର୍ଗ। ଧ-୭୫

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ସତ୍ୟଭାମା ରାଉତ**
ସ୍ୱାମୀ: ୰କୃଷ୍ଣଚନ୍ଦ୍ର ରାଉତ
କଲେଜ ରୋଡ୍, ଭୁବନ, ଢେଙ୍କାନାଳ
ଆବିର୍ଭାବ: ୦୪।୦୬।୧୯୫୦
ତିରୋଧାନ: ୩୦।୦୩।୨୦୨୫
ମା' ଆପଣଙ୍କର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ଆଜି ଏକାଦଶାହରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାର:-
ବବି, ଲୁନା, ଭୁନା, ମମତା ଓ ପରିବାରବର୍ଗ। ଧ-୮୨

**୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଶରତ ମଞ୍ଜରୀ ରଥ**
ଚାହୁଁଚାହୁଁ ୨୧ ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ଏହି ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ ଧ-୭୫୮୪୧

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଭିଡିଓ ଭାଇରାଲ: ପ୍ରଶଂସକଙ୍କ ସହ ସେଲ୍‌ଫି ନେବାକୁ ମନାକଲେ ହେଡ୍

**ନୂଆଦିଲ୍ଲୀ, ୮।୪:** ଅଷ୍ଟ୍ରେଲିଆ ତଥା ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଷ୍ଟାର ଟ୍ରାଭିସ ହେଡ୍ ଜଣେ ପ୍ରଶଂସକଙ୍କ ସହ ସେଲ୍‌ଫି ନେବାକୁ ମନାକରୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ସ୍ଥାନ ଓ ଗୋପନୀୟତା ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭିଡିଓରେ ହେଡ୍‌ଙ୍କୁ ହାଇଦ୍ରାବାଦର ଏକ ସୁପର ମାର୍କେଟରେ ଗ୍ରୋସେରୀ କିଣୁଥିବା ଦେଖିବାକୁ ମିଳୁଛି। ପ୍ରଶଂସକଙ୍କ ଏକ ଗୋଷ୍ଠୀ ତାଙ୍କୁ ପିଛା କରି ତାଙ୍କ ଭିଡିଓ କରିବା ସହ ବାରମ୍ବାର ସେଲ୍‌ଫି ଲାଗି ଅନୁରୋଧ କରିଥିଲେ। ଏହାସତ୍ତ୍ୱେ ହେଡ୍ ବହୁବାର ବିନମ୍ର ଭାବେ ମନା କରିଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଜଣେ ପ୍ରଶଂସକ କହିଥିଲେ, ଅତ୍ୟଧିକ ଆଟିଚ୍ୟୁଡ ଦେଖାଉଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଉଛି। କିଛି ୟୁଜର୍ସ ପ୍ରଶଂସକଙ୍କ ବ୍ୟବହାରକୁ ସମାଲୋଚନା କରିଛନ୍ତି।

## ଭୁବି ଆଇପିଏଲ୍‌ର ସବୁଠୁ ସଫଳ ପେସର

**ମୁମ୍ବାଇ,୮।୪:** ଭେଟେରାନ ପେସର ଭୁବନେଶ୍ୱର କୁମାର (ଭୁବି) ଆଇପିଏଲ୍ ଇତିହାସରେ ନିଜ ନାମକୁ ଲିପିବଦ୍ଧ କରାଇଛନ୍ତି। ୩୫ ବର୍ଷୀୟ ସ୍ୱିଙ୍ଗ ବୋଲର ୱେଷ୍ଟଇଣ୍ଡିଜ ଲିଜେଣ୍ଡ ଡ୍ୱେନ ବ୍ରାଭୋଙ୍କୁ ପଛରେ ପକାଇ ଆଇପିଏଲ୍‌ର ସବୁଠୁ ସଫଳ ପେସ ବୋଲର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ଖେଳୁଥିବା ଭୁବି ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ବିପକ୍ଷରେ କ୍ୟାରିୟରର ୧୭୯ତମ ଆଇପିଏଲ୍ ମ୍ୟାଚ ଖେଳିଥିଲେ। ଏହି ମ୍ୟାଚର ୧୮ତମ ଓଭରରେ ସେ ତିଲକ ବର୍ମାଙ୍କୁ ଆଉଟ କରି ଆର୍‌ସିବିର ବିଜୟରେ ଯୋଗଦାନ ଦେଇଥିଲେ। ଏହି ଉଇକେଟ ସହ ଆଇପିଏଲ୍‌ରେ ଭୁବିଙ୍କ ଉଇକେଟ ସଂଖ୍ୟା ୧୮୪ରେ ପହଞ୍ଚିଛି। ଏଥିପୂର୍ବରୁ ସେ ବ୍ରାଭୋ (୧୮୩)ଙ୍କ ସହ ସମକକ୍ଷ ଥିଲେ। ଭୁବି ଏବେ ଆଇପିଏଲ୍‌ରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କଠାରୁ କେବଳ ଯୁଜବେନ୍ଦ୍ର ଚହଲ (୧୬୩ ମ୍ୟାଚରେ ୨୦୬ ଉଇକେଟ) ଓ ପୀୟୂଷ ଚାୱଲା (୧୯୨ ମ୍ୟାଚରେ ୧୯୨ ଉଇକେଟ) ଅଧିକ ଉଇକେଟ ନେଇଛନ୍ତି।

## ପଟିଦାର ପ୍ରଥମ ଅଧିନାୟକ

**ବେଙ୍ଗାଲୁରୁ, ୮।୪ (ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚଳିତ ଆଇପିଏଲ୍‌ରେ ଖୁବ ଭଲ ଆରମ୍ଭ କରିଛି। ଆର୍‌ସିବି ପୂର୍ବ ଭଳି କିଛି ନିର୍ଦ୍ଦିଷ୍ଟ ଖେଳାଳିଙ୍କ ଉପରେ ଅତ୍ୟଧିକ ନିର୍ଭର କରୁନାହିଁ। ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ଏପର୍ଯ୍ୟନ୍ତ ଲିଗ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍), ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଭଳି ବଡ଼ ଦଳକୁ ସେମାନଙ୍କ ଘରେ ପରାସ୍ତ କରିଛି। ଆଇପିଏଲ୍ ଇତିହାସରେ କୌଣସି ଅଧିନାୟକ ପୂର୍ବରୁ ଏହି ସଫଳତା ହାସଲ କରି ନ ଥିଲେ। ଏପରି କି ଆଇପିଏଲ୍ ଇତିହାସରେ କେବଳ ଦୁଇ ଦଳ ଗୋଟିଏ ସିଜନରେ ଇଡେନ ଗାର୍ଡେନ୍ସରେ କେକେଆର୍‌କୁ, ଚେପକରେ ସିଏସ୍‌କେକୁ ଓ ୱାଙ୍ଖେଡେରେ ଏମ୍‌ଆଇକୁ ହରାଇଛନ୍ତି। ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୨୦୧୨ରେ ପ୍ରଥମ ଦଳ ଭାବେ ଏହି ସଫଳତା ପାଇଥିଲା। ହେଲେ ଏହି ୩ ବିଜୟ ଦଳକୁ ଭିନ୍ନ ଭିନ୍ନ ଅଧିନାୟକଙ୍କ ନେତୃତ୍ୱରେ ମିଳିଥିଲା। ପିବିକେଏସ୍ ଆଡାମ ଗିଲକ୍ରିଷ୍ଟଙ୍କ ନେତୃତ୍ୱରେ ଇଡେନ ଗାର୍ଡେନ୍ସରେ କେକେଆରକୁ ପରାସ୍ତ କରିଥିବା ବେଳେ ଡେଭିଡ ହସିଙ୍କ ନେତୃତ୍ୱରେ ଏମ୍‌ଆଇ ଓ ସିଏସ୍‌କେକୁ ପରାସ୍ତ କରିଥିଲା। ଏଣୁ ସୋମବାର ଏମ୍‌ଆଇ ବିପକ୍ଷରେ ଆର୍‌ସିବିର ବିଜୟ ସହ ପଟିଦାର ଗୋଟିଏ ସଂସ୍କରଣରେ ଏହି ସଫଳତା ପାଇବାରେ ପ୍ରଥମ ଅଧିନାୟକ ହୋଇଛନ୍ତି। ଏହି ମ୍ୟାଚରେ ୩୨ ବଲରେ ୬୪ ରନର ବିସ୍ଫୋରକ ଇନିଂସ ଖେଳିବା ପାଇଁ ପଟିଦାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।



## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

# ଫସଲ ଉତ୍ପାଦନରେ ଆଇରନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଗୋଟିଏ ଫସଲରୁ ଆଶାନୁରୂପ ଅମଳ ପାଇବା ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ମାଟିରେ ରହିବା ଆବଶ୍ୟକ । ସେଥିମଧ୍ୟରୁ ମାଟିରେ ଗୋଟିଏ ଖାଦ୍ୟ ଉପାଦାନର ଅଭାବ ରହିଲେ ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ କରି ନ ପାରି ଅମଳ କମାଏ । ୧୭ଟି ଖାଦ୍ୟ ଉପାଦାନ ମଧ୍ୟରୁ ଆଇରନ୍ ବା ଲୁହା ଅନ୍ୟତମ । କେତେକ ଫସଲ ଜୀବନଚକ୍ର ପରିପୂର୍ଣ୍ଣ ପାଇଁ ଏକ ମିଲିଗ୍ରାମ ଆଇରନ୍ ଆବଶ୍ୟକ କରୁଥିବା ବେଳେ ଅନ୍ୟ କେତେକ ଫସଲ ୫୦୦ ମିଲିଗ୍ରାମରୁ ଅଧିକ ଆଇରନ୍ ଆବଶ୍ୟକ କରନ୍ତି। ଅନ୍ୟ ଅଣୁଖାଦ୍ୟ ଉପାଦାନଠାରୁ ଫସଲ ଅଧିକ ଆଇରନ୍ ମାଟିରୁ ଗ୍ରହଣ କରିଥାଏ । ହେଲେ ଫସଲ ପାଇଁ ଆଇରନ ଏକ ଅଣୁ ଖାଦ୍ୟ ଉପାଦାନ।

ପତ୍ରରେ ସବୁଜ କଣିକା ସୃଷ୍ଟି ଏବଂ ଏହାର ରକ୍ଷାଣବେକ୍ଷଣ ପାଇଁ ଆଇରନ୍‌ର ବଡ଼ ଭୂମିକା ରହିଛି । ସବୁଜ କଣିକାରେ ଥିବା କ୍ଲୋରପ୍ଲାଷ୍ଟ ନାମକ ଏକ ଜୈବ ଅଣୁକୁ ଆଇରନ୍ ଶକ୍ତି ଯୋଗାଏ । ଫସଲରେ ଥିବା ବିଭିନ୍ନ ଏଞ୍ଜାଇମ୍‌ରେ ଆଇରନ୍ ରହି ସେମାନଙ୍କର କାର୍ଯ୍ୟକୁ ସୁନିୟନ୍ତ୍ରଣ କରେ । ଫସଲ ଗ୍ରହଣ କରୁଥିବା ଅଙ୍ଗାରକାମ୍ଳଜାନ, ଯବକ୍ଷାରଜାନ ଏବଂ ସଲ୍‌ଫରକୁ ସରଳ ଆକାର କରି ଫସଲ ପ୍ରସ୍ତୁତି କରୁଥିବା ଶ୍ୱେତସାର ଏବଂ ପ୍ରୋଟିନ୍ ଗଠନରେ ସାହାଯ୍ୟ କରେ । ଡାଲିଜାତୀୟ ଫସଲର ଚେରରେ ଥିବା ଭାଡୁଡ଼ି ଏବଂ ନୀଳ ହରିଡ଼ ଶୈବାଳରେ ଆଇରନ୍ ରହି ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଜାନକୁ ସକ୍ରିୟ କରି ଫସଲ ପାଇଁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରେ।

ଆଇରନ୍ ଅଭାବରେ ଗଛର ପତ୍ରରେ ସବୁଜ କଣିକା ସୃଷ୍ଟିରେ ବାଧା ଆସେ । ପ୍ରଥମେ ଗଛର ଉପର ପତ୍ର ଫିକା ହଳଦୀ ରଙ୍ଗର ହୁଏ । ତଳପତ୍ରର ଦୁଇ ଶିରା ମଧ୍ୟରେ ହଳଦୀ ରଙ୍ଗର କ୍ଷୁଦ୍ର ଛିଟ ଦାଗମାନ ଦେଖାଯାଏ । ପରେ ସମୁଦାୟ ପତ୍ର ହଳଦୀ ରଙ୍ଗର ହୁଏ, ପତ୍ରର ଧାର ବାଦାମୀ ରଙ୍ଗ ହୋଇ ତଳପତ୍ରରେ ଉପର ପତ୍ର ଆଡ଼କୁ ଗତିକରେ । ଆଇରନ ଅଭାବରେ ବିଭିନ୍ନ ଫସଲରେ ପୃଥକ୍ ପୃଥକ୍ ଲକ୍ଷଣମାନ ଦେଖାଯାଏ । ଧାନଗଛର ନୂଆପତ୍ର ଧଳା ରଙ୍ଗର ହୁଏ । ଜୁଆର, ବାଜରା, ମକା ଆଦି ଫସଲର ତଳପତ୍ରର ଧାର ଲାଲ ଏବଂ ବାଦାମୀ ରଙ୍ଗର ହୋଇ ପତ୍ରରେ ହଳଦିଆ ଛୋଟ ଛିଟ ଦାଗମାନ ଦେଖାଯାଏ । ଚିନାବାଦାମର ଉପର ନୂଆପତ୍ର ହଳଦୀ ରଙ୍ଗର ହୁଏ, କିନ୍ତୁ ତଳପତ୍ର ଫିକା ସବୁଜ ଥାଏ । ଆଖୁର ନୂଆପତ୍ର ଫିକା ନାରଙ୍ଗୀ ରଙ୍ଗର ହୁଏ । ଆଖୁର ଓଜନ ଏବଂ ମିଠା ଅଂଶ କମେ । ବନ୍ଧାକୋବିର ନୂଆପତ୍ର ସବୁଜ ନ ହୋଇ ନାରଙ୍ଗୀ ରଙ୍ଗର ହୁଏ । ଆଇରନ୍ ଅଭାବରେ ବିଭିନ୍ନ ଫଳଗଛର ନୂଆପତ୍ର ଫିକା ହଳଦୀ ଏବଂ ପରେ ବାଦାମୀ ରଙ୍ଗର ହୁଏ । ପତ୍ରସବୁ ଛୋଟ ଏବଂ ନରମ ହୁଏ । ଅଧିକ ଆଇରନ୍ ଅଭାବରେ ଫଳଗଛର ନୂଆ ମୁକୁଳ ବାହାରିପାରେ ନାହିଁ।

"ଆଇରନ୍‌ର ଅଭାବ ମୁଖ୍ୟତଃ ଖାରି ଏବଂ ଅଧିକ ଚୂନ ଅଂଶ ଥିବା ମାଟିରେ ହୋଇଥାଏ। ରାଜ୍ୟର ବିଭିନ୍ନ ଜିଲାରେ ବିକ୍ଷିପ୍ତ ଭାବେ ଥିବା କଳାମାଟିରେ ଅଧିକ ଚୂନ ଅଂଶ ଥିବାରୁ ଏହି ମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ମାଟିର ପିଏଚ୍ ୮.୩ରୁ ଅଧିକ ହେଲେ ସେହି ମାଟିରେ ଚାଷ ହେଉଥିବା ସବୁ ଫସଲରେ ଆଇରନ୍ ଅଭାବର ଲକ୍ଷଣ ଦେଖାଯାଏ। ଏତଦ୍‌ବ୍ୟତୀତ ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପିଛା ୯ କିଲୋଗ୍ରାମରୁ କମ୍ ଆଇରନ୍ ରହିଲେ ମାଟିରେ ଆଇରନ୍‌ର ଅଭାବ ହୁଏ । ବାଲି ତଥା ନଦୀକୂଳିଆ ବାଲିମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ରାଜ୍ୟର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ଜଣାପଡ଼େ ଯେ ସମୁଦାୟ ଚାଷଜମିର ହାରାହାରି ମାତ୍ର ୭% ଭାଗ ଜମିରେ ଆଇରନ୍‌ର ଅଭାବ ଅଛି ।"



ଆଇରନ୍‌ର ଅଭାବ ମୁଖ୍ୟତଃ ଖାରି ଏବଂ ଅଧିକ ଚୂନ ଅଂଶ ଥିବା ମାଟିରେ ହୋଇଥାଏ। ରାଜ୍ୟର ବିଭିନ୍ନ ଜିଲାରେ ବିକ୍ଷିପ୍ତ ଭାବେ ଥିବା କଳାମାଟିରେ ଅଧିକ ଚୂନ ଅଂଶ ଥିବାରୁ ଏହି ମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ମାଟିର ପିଏଚ୍ ୮.୩ରୁ ଅଧିକ ହେଲେ ସେହି ମାଟିରେ ଚାଷ ହେଉଥିବା ସବୁ ଫସଲରେ ଆଇରନ ଅଭାବର ଲକ୍ଷଣ ଦେଖାଯାଏ। ଏତଦ୍‌ବ୍ୟତୀତ ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପିଛା ୯ କିଲୋଗ୍ରାମରୁ କମ୍ ଆଇରନ ରହିଲେ ମାଟିରେ ଆଇରନର ଅଭାବ ହୁଏ। ବାଲି ତଥା ନଦୀକୂଳିଆ ବାଲିମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ରାଜ୍ୟର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ଜଣାପଡ଼େ ଯେ, ସମୁଦାୟ ଚାଷଜମିର ହାରାହାରି ମାତ୍ର ୭ ପ୍ରତିଶତ ଜମିରେ ଆଇରନ୍‌ର ଅଭାବ ଅଛି। ସେଥିମଧ୍ୟରୁ କଟକ ଜିଲାର ସମୁଦାୟ ଜମିର ୧୪.୦%, ଖୋର୍ଦ୍ଧା ଜିଲାର ସମୁଦାୟ ଜମିର ୯.୫%, କଳାହାଣ୍ଡି ଜିଲାର ୫.୫% ଏବଂ ବଲାଙ୍ଗୀର ଜିଲାର ୧.୪% ଭାଗ ଜମିରେ ଆଇରନ୍‌ର ଅଭାବ ଅଛି। ରାଜ୍ୟର ଅନ୍ୟାନ୍ୟ ଜିଲାମାନଙ୍କର ଜମିରେ ୦.୧% ଭାଗରୁ ନଗଣ୍ୟ ପରିମାଣର ଅଭାବ ରହିଛି।

ମାଟି ପରୀକ୍ଷା ଏବଂ ଫସଲରେ ଆଇରନ୍‌ର ଅଭାବ ଲକ୍ଷଣ ଜଣାପଡ଼ିଲେ ମାଟି ଏବଂ ଫସଲରେ ଫେରସ ସଲ୍‌ଫେଟ୍ କିମ୍ବା ଚିଲେଟେଡ ଆଇରନ ପ୍ରୟୋଗ କରାଯାଏ। ଫେରସ ସଲଫେଟ୍‌ରେ ୧୯.୫% ଏବଂ ଚିଲେଟେଡ୍ ଆଇରନରେ ୧୨% ଆଇରନ ଥାଏ। ଆମ ରାଜ୍ୟରେ ଫେରସ ସଲ୍‌ଫେଟ୍‌କୁ ମାଟିରେ ପ୍ରୟୋଗ ପାଇଁ ବିଶେଷ ଭାବେ ଅନୁମୋଦନ କରାଯାଉଛି। ହେକ୍ଟର ପ୍ରତି ୫୦ କିଲୋଗ୍ରାମ ଫେରସ ସଲଫେଟ୍‌କୁ ଏହାର ୧୦ ଗୁଣ ଗୁଣ୍ଡ ଗୋବରଖତ ସହ ମିଶାଇ ଧାଡ଼ିରେ ମଞ୍ଜିବୁଣା କିମ୍ବା ତଳିରୁଆ ସମୟରେ ପ୍ରୟୋଗ କରାଯାଏ। ପରବର୍ତ୍ତୀ ସମୟରେ ଠିଆ ଫସଲରେ ଆଇରନ ଅଭାବର ଲକ୍ଷଣ ଦେଖାଦେଲେ ୧% ଅର୍ଥାତ୍ ୧୦ ଲିଟର ପାଣିରେ ୧୦୦ ଗ୍ରାମ ଫେରସ ସଲଫେଟ୍ ଦ୍ରବଣ ପ୍ରସ୍ତୁତ କରି ୧୦ ଦିନ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଏ । ଚିଲେଟେଡ୍ ଆଇରନ୍‌କୁ ମାଟିରେ ପ୍ରୟୋଗ ନକରି ୦.୦୫% ଅର୍ଥାତ୍ ୧୦ ଲିଟର ପାଣିରେ ୫ ଗ୍ରାମ ଦ୍ରବଣ ପତ୍ରଛିଞ୍ଚା କଲେ ଅଧିକ ଫଳପ୍ରଦ ହୁଏ । ଶସ୍ୟଜାତୀୟ ଫସଲ ଛଡ଼ା ଫଳ ଏବଂ ପନିପରିବା ଫସଲରେ ଆଇରନ୍‌ର ଅଭାବଜନିତ ଲକ୍ଷଣ ଜାଣିଲେ ଉକ୍ତ ଫସଲରେ ୦.୩% ଫେରସ ସଲଫେଟ୍ ଦ୍ରବଣ ପ୍ରସ୍ତୁତ କରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କଲେ ଫସଲରୁ ଆଇରନ୍‌ର ଅଭାବ ଦୂର ହୁଏ।

ଅନେକ ସମୟରେ ମାଟିରେ ଆଇରନ୍‌ର ଲୁକ୍କାୟିତ ଅଭାବ ଥାଏ। ବର୍ଷା କିମ୍ବା ଜଳସେଚନ ଅଭାବରେ ଶସ୍ୟଜାତୀୟ ଫସଲ ଯଥା ଧାନ, ମାଣ୍ଡିଆ, ବାଜରା ଏବଂ ଜୁଆର ଫସଲର ବର୍ଦ୍ଧନ ସମୟରେ ଆଇରନ୍‌ର ଅଭାବଜନିତ ଲକ୍ଷଣ ଦେଖାଯାଏ । ଏହି ସମୟରେ ବର୍ଷା ହେଲେ କିମ୍ବା ଜଳସେଚନ କଲେ, ଫସଲରୁ ଆଇରନର ଅଭାବ ଦୂର ହୋଇ ଫସଲର ପତ୍ର ସବୁଜ ହୁଏ । ଜଳସେଚନ କିମ୍ବା ବର୍ଷା ପରେ ଫସଲ ସବୁଜ ନ ହେଲେ ଫେରସ ସଲଫେଟ୍ ପତ୍ରଛିଞ୍ଚା କରିବା ଉଚିତ୍ । କଳାହାଣ୍ଡି ଜିଲାର କଳାମାଟିରେ ଢିପ ଜମିରେ ଧାନ ଫସଲରେ ବର୍ଷାଜଳ ଅଭାବରେ ଏପରି ଲକ୍ଷଣ ଦେଖାଯାଏ।

ରାଜ୍ୟର ବିଭିନ୍ନ ଫଳଗଛ ଯଥା ଆମ୍ବ, ସପେଟା, ପିଜୁଳି, ଲିଚୁ, ଲଙ୍କାଆମ୍ବ ଏବଂ ଲେମ୍ବୁ ଗଛରେ ଆଇରନର ଅଭାବ ଦେଖାଯାଏ । ଏପରି ସ୍ଥଳେ ୦.୫% ଫେରସସଫେଟ୍ ଦ୍ରବଣ ପ୍ରସ୍ତୁତି କରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କରାଯାଏ।

- ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



## ଫଳ ଚାଷ

ଓଡ଼ିଶା ଜଳବାୟୁରେ ନାନାପ୍ରକାର ଲାଭଜନକ ଫଳଚାଷ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି କରାଯାଇପାରିବ। ଫଳଚାଷରେ ଅଧିକ ଲାଭ ପାଇବା ପାଇଁ ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମି ଚୟନ କରନ୍ତୁ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ ସେମି ଚଉଡ଼ା ଓ ୧୫ସେମି ଗଭୀରରେ ନାଳି ଖୋଳାଯାଏ।



## କୁଜିସାରୁ

ଜଳସେଚନର ସୁବିଧା ଥିଲେ ଏବଂ କୁଜିସାରୁ ଚାଷ କରୁଥିଲେ ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ । ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪ କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କିଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨ରୁ ୩ ଓଡ଼ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସ୍‌ଫରସ୍,୧୬ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କିଗ୍ରା ଯବକ୍ଷାରଜାନ, ୨୦କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ ଅମଳ କରୁଥିଲେ...

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ୧୦% କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କିଗ୍ରା ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



## ନଳିତାର ଉନ୍ନତ କିସମ

ନଳିତା ମାର୍ଚ୍ଚ ମାସ ଶେଷରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେ.ଆର.ଓ-୫୨୪ (ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥିରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କିଗ୍ରା ଯବକ୍ଷାରଜାନ, ୧୨କି.ଗ୍ରା ଫସ୍‌ଫରସ ଓ ୧୨କିଗ୍ରା ପଟାସ୍ ଏବଂ ମଧୁର ନଳିତାରେ ୮ କିଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସ୍‌ଫରସ ଓ ୮କିଗ୍ରା ପଟାସ୍ ମୂଳସାର ଆକାରରେ ପ୍ରୟୋଗ କରନ୍ତୁ।



## ପ୍ରାଣୀଙ୍କ ପ୍ରତିଷେଧକ ଟିକା



ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍.ଏମ୍.ଡି ଭାକ୍ସିନ୍ ଓ ଛେଳିମାନଙ୍କ ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିସିଆର ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ ଅଟେ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡି ଶଢ଼ା ଗୋବର ଖତ, ୪୦କିଗ୍ରା ଯବକ୍ଷାରଜାନ, ୪୦କିଗ୍ରା ଫସ୍‌ଫରସ୍ ଓ ୪୦କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭାବନା ଥିଲେ ଶେଷଓଡ଼ ଚାଷରେ ଏକର ପ୍ରତି ୧୦କିଗ୍ରା ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କିଗ୍ରା ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୯/୨୦୨୫ Bhubaneswar, Wednesday, April 9/ 2025

# ଲକ୍ଷ୍ନୌ ୪ ରନ୍‌ରେ ଜିତିଲା



ଶଟ୍ ଖେଳିବା ଅବସରରେ ନିକୋଲସ ପୁରନ।

**କୋଲକାତା,୮।୪**

ଇଡେନ ଗାର୍ଡେନ୍ସରେ ମଙ୍ଗଳବାର ଅପରାହ୍ନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍ଏସ୍‌ଜି) ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ଏଲ୍ଏସ୍‌ଜି ଦ୍ୱାରା ପ୍ରଦତ୍ତ ୨୩୯ ରନର ଟାର୍ଗେଟରେ ଜବାବରେ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଅର୍ଦ୍ଧଶତକ ଓ ସୁନୀଲ ନାରିନ ଏବଂ ଭେଙ୍କଟେଶ ଆୟାରଙ୍କ ଲଢ଼ୁଆ ପାଳି ସତ୍ତ୍ୱେ କେକେଆର୍ ୭ ଉଇକେଟ ହରାଇ ୨୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ଲକ୍ଷ୍ନୌର ତୃତୀୟ ବିଜୟ ହୋଇଥିବା ବେଳେ କୋଲକାତା ଲାଗି ତୃତୀୟ ପରାଜୟ। ଏହି ମ୍ୟାଚ ଭାରତୀୟ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁରଙ୍କ ଲାଗି ୧୦୦ତମ ଆଇପିଏଲ୍ ମ୍ୟାଚ୍ ଥିଲା।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ଏଡେନ ମାରକ୍ରାମ ଓ ମିଚେଲ ମାର୍ଶ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୧୦.୨ ଓଭରରେ ୯୯ ରନ କରିଥିଲେ। ମାରକ୍ରାମ ୨୮ ବଲରେ ୪ ଚୌକା ଓ ୨ ଛକା ସହିତ ୪୭ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ ହୋଇଥିଲେ। ତୃତୀୟ କ୍ରମରେ ଆସିଥିବା ନିକୋଲାସ ପୁରନଙ୍କ ସହ ମିଶି ମାର୍ଶ ଦ୍ୱିତୀୟ ଉଇକେଟରେ ୩୦ ବଲରେ ୭୧ ରନ ଯୋଡ଼ିଥିଲେ। ମାର୍ଶ ୮୧ (୬ ଚୌକା ଓ ୫ ଛକା) ରନ କରି ଆନ୍ଦ୍ରେ ରସେଲଙ୍କ ବଲରେ କ୍ୟାଚ ଆଉଟ ହୋଇଥିଲେ। ପୁରନ ୩୬ ବଲରେ ଧୂଆଁଧାର ୮୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୮ ଛକା ସାମିଲ ଥିଲା। ଏଥିଯୋଗୁ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୩୮ ରନ କରିଥିଲା। କେକେଆର୍ ପକ୍ଷରୁ ହର୍ଷିତ ରାଣା ଦୁଇଟି ଓ ରସେଲ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ କେକେଆର୍ ଆରମ୍ଭରୁ କ୍ୱିଣ୍ଟନ ଡି କକ୍ (୧୫)ଙ୍କ ଉଇକେଟ ହରାଇଥିଲା। ଅଧିନାୟକ ରାହାନେ ଓ ସୁନୀଲ ନାରିନ ଦ୍ୱିତୀୟ ଉଇକେଟରେ ୫୪ ରନ ଯୋଡ଼ିଥିଲେ। ନାରିନ ୧୩ ବଲରେ ୪ ଚୌକା ଓ ୨ ଛକା ସହିତ ୩୦ ରନ କରି ଆଉଟ ହୋଇଥିଲେ। ଏହାପରେ ଭେଙ୍କଟେଶ ଓ ରାହାନେ ତୃତୀୟ ଉଇକେଟରେ ୪୦ ବଲରେ ୭୧ ରନ କରି ଦଳକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ। ଏକଦା ୧୩ ଓଭର ସୁଦ୍ଧା ଦଳ ୩ ଉଇକେଟ ହରାଇ ୧୬୨ ରନ କରିଥିଲା। ହେଲେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ କେକେଆର ୨୦ ଓଭରରେ ୭ ଉଇକେଟ ହରାଇ ୨୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରାହାନେ ୬୧ (୮ ଚୌକା ଓ ୨ ଛକା), ଭେଙ୍କଟେଶ ୪୫ (୬ ଚୌକା ଓ ୧ ଛକା) ଓ ରିଙ୍କୁ ସିଂ ୩୮ (୬ ଚୌକା ଓ ୨ ଛକା) ରନ କରିଥିଲେ। ଏଲ୍ଏସ୍‌ଜି ପାଇଁ ଆକାଶ ଦୀପ ଓ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୩୮/୩ (ନିକୋଲସ ପୁରନ-୮୭*, ମିଚେଲ ମାର୍ଶ-୮୧, ଏଡେନ ମାରକ୍ରାମ-୪୭, ହର୍ଷିତ ରାଣା-୨/୫୧, ଆନ୍ଦ୍ରେ ରସେଲ-୧/୩୨)। କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୩୪/୭ (ଅଜିଙ୍କ୍ୟ ରାହାନେ-୬୧, ଭେଙ୍କଟେଶ ଆୟର-୪୫, ରିଙ୍କୁ ସିଂ-୩୮*, ସୁନୀଲ ନାରିନ-୩୦, ଶାର୍ଦ୍ଦୁଳ ଠାକୁର-୨/୫୨, ଆକାଶ ଦୀପ-୨/୫୫, ଆଭେଶ ଖାନ-୧/୪୫)।

# ପ୍ରିୟାଂଶଙ୍କ ବିସ୍ଫୋରକ ଶତକ



ଶତକ ହାସଲ ପରେ ପ୍ରିୟାଂଶ ଆର୍ଯ୍ୟ।

**ମୁଲାନପୁର,୮।୪**

ଚଳିତ ଆଇପିଏଲରେ ମଙ୍ଗଳବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପ୍ରିୟାଂଶ ଆର୍ଯ୍ୟଙ୍କ ବିସ୍ଫୋରକ ଶତକ ବଳରେ ପ୍ରତିପକ୍ଷ ସିଏସ୍‌କେ ଆଗରେ ୨୨୦ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ଟସ ଜିତି ପଞ୍ଜାବ ଅଧିନାୟକ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆରମ୍ଭରୁ ଗୋଟିଏ ପକ୍ଷରେ ଓପନର ପ୍ରିୟାଂଶ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ କ୍ରମାଗତ ଉଇକେଟ ପତନ ଜାରି ରହିଥିଲା। ଇନଫର୍ମ ଓପନର ପ୍ରଭସିମରନ ସିଂ ଖାତା ଖୋଲିପାରିନଥିଲେ। ଅଧିନାୟକ ଶ୍ରେୟସ ଆୟର ୯, ମାର୍କସ ଷ୍ଟୋଇନିସ ୪, ନେହାଲ ୱାଢ଼େରା ୯ ଓ ଗ୍ଲେନ ମ୍ୟାକ୍ସୱେଲ ୧ ରନ କରି ଆଉଟ ହୋଇଥିଲେ। ଦଳ ଏକଦା ୮ ଓଭରରେ ୮୩ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିଲା। ଏଭଳି ପରିସ୍ଥିତିରେ ପ୍ରିୟାଂଶ ଓ ଶଶାଙ୍କ ସିଂ ଷଷ୍ଠ ଉଇକେଟରେ ୩୪ ବଲରେ ୭୧ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୫୪ ହୋଇଥିବା ବେଳେ ପ୍ରିୟାଂଶ ପାଭିଲିଅନ ଫେରିଥିଲେ। ସେ ଆଉଟ ହେବା ପୂର୍ବରୁ ୪୨ ବଲରେ ୭ ଚୌକା ଓ ୯ ଛକା ସହିତ ୧୦୩ ରନ କରିଥିଲେ। ଶେଷ ଆଡ଼କୁ ଶଶାଙ୍କ ଓ ମାର୍କୋ ଜାନସେନ ଅବିଭାଜିତ ସପ୍ତମ ଉଇକେଟରେ ୬୨ ରନ ଯୋଡ଼ି ଦଳକୁ ବିଶାଳ ସ୍କୋର ପ୍ରଦାନ କରିଥିଲେ। ଶଶାଙ୍କ ୩୬ ବଲରେ ୫୨ (୨ ଚୌକା ଓ ୩ ଛକା) ଓ ଜାନସେନ ୧୯ ବଲରେ ୩୪ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ଫଳରେ ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ କରିଥିଲା। ସିଏସକେ ପକ୍ଷରୁ ଖଲିଲ ଅହମ୍ମଦ ଓ ରବିଚନ୍ଦ୍ରନ ଅଶ୍ୱିନ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ନୁର ଅହମ୍ମଦ ଓ ମୁକେଶ ଚୌଧାରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୧୯/୬ (ପ୍ରିୟାଂଶ ଆର୍ଯ୍ୟ-୧୦୩, ଶଶାଙ୍କ ସିଂ-୫୨*, ମାର୍କୋ ଜାନସେନ-୩୪*, ଖଲିଲ ଅହମ୍ମଦ-୨/୪୫, ରବିଚନ୍ଦ୍ରନ ଅଶ୍ୱିନ-୨/୪୮, ମୁକେଶ ଚୌଧାରୀ-୧/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଗୁଜରାଟ ବନାମ ରାଜସ୍ଥାନ

ସ୍ଥାନ: ଅହମଦାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୧.୦୩୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୧ | ୪ | +୦.୦୭୪ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୨ | -୦.୮୯୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |




# ୨୭ ବର୍ଷୀୟ ପୁକୋଭସ୍କିଙ୍କ ଅବସର

**କନ୍‌କଶନ ପ୍ରଭାବ**

**ମେଲବୋର୍ନ, ୮।୪(ଏପି)**

ବାରମ୍ବାର କନ୍‌କଶନ କାରଣରୁ ଅଷ୍ଟ୍ରେଲିଆର ଯୁବ କ୍ରିକେଟର ୱିଲ ପୁକୋଭସ୍କି ମାତ୍ର ୨୭ ବର୍ଷ ବୟସରେ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ କଦାପି କ୍ରିକେଟ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବର୍ଷ ଶିଫିଲ୍ଡ ଶିଲ୍ଡ ଟୁର୍ନାମେଣ୍ଟର ଏକ ମ୍ୟାଚରେ ତାଙ୍କ ମୁଣ୍ଡରେ ବଲ ବାଜିଥିଲା, ଯାହା କି ତାଙ୍କ କ୍ରିକେଟ କ୍ୟାରିୟରର ୧୩ତମ କନ୍‌କଶନ ଘଟଣା ଥିଲା। ଏଥିଯୋଗୁ ଡାକ୍ତର ତାଙ୍କୁ ଫାଷ୍ଟ-କ୍ଲାସ କ୍ରିକେଟରୁ ଅବସର ଘୋଷଣା କରିବାକୁ ପରାମର୍ଶ ଦେଇଥିଲେ। ପୁକୋଭସ୍କି ଏକ ରେଡିଓ ସାକ୍ଷାତ୍କାରରେ ସେ କଦାପି କୌଣସି ସ୍ତରରେ କ୍ରିକେଟ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ସରଳ କଥା ହେଲା ମୁଁ କୌଣସି ସ୍ତରରେ କଦାପି କ୍ରିକେଟ ଖେଳିପାରିବି ନାହିଁ। ଗତ କନ୍‌କଶନ ଘଟଣା ପରେ ଗତ କିଛି ମାସ ହେଲା, ମୁଁ ମୋ ନିଜ କାମ କରିବାରେ ସଂଘର୍ଷ କରୁଛି। ମୁଁ ଘରେ ଠିକ୍ ଭାବେ ଚାଲି ବି ପାରୁନାହିଁ। ମୁଁ ବହୁତ ଶୋଉଛି। ପ୍ରଥମ କିଛି ମାସ ମୋ ପାଇଁ ଖୁବ ଯନ୍ତ୍ରଣା ଦାୟକ ଥିଲା। କିନ୍ତୁ ଏହା ମୋ ପିଛା ଛାଡ଼ୁ ନାହିଁ। ଏହା ମୋ ପାଇଁ ଖୁବ କଷ୍ଟକର ସମୟ ଥିଲା। ଏଥିଯୋଗୁ ମୁଁ ବାଧ ହୋଇ ଏହି ନିଷ୍ପତ୍ତି ନେଇଛି ବୋଲି ପୁକୋଭସ୍କି କହିଛନ୍ତି। ପୁକୋଭସ୍କି ଅଷ୍ଟ୍ରେଲିଆ ପାଇଁ ୨୦୨୧ରେ କ୍ୟାରିୟରର ଏକମାତ୍ର ଟେଷ୍ଟ ଖେଳିଥିଲେ। ଭାରତ ବିପକ୍ଷରେ ସେ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ମ୍ୟାଚରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ୬ ମାସ ପାଇଁ କ୍ରିକେଟଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ୨୦୨୧ ଅକ୍ଟୋବରରେ ଟ୍ରେନିଂକୁ ଫେରିବା ପରେ ସେ କନ୍‌କଶନର ସମ୍ମୁଖୀନ ହୋଇଥିଲେ। ଯାହା ଫଳରେ ତାଙ୍କୁ ଆହୁରି କିଛି ମାସ ପଡ଼ିଆରୁ ଦୂରେଇ ରହିବାକୁ ପଡ଼ିଥିଲା। ଡାହାଣହାତୀ ବ୍ୟାଟର ପୁକୋଭସ୍କି ୩୬ ଫାଷ୍ଟ-କ୍ଲାସ ମ୍ୟାଚରେ ୪୫.୧୯ ଆଭରେଜରେ ୭ ଶତକ ଓ ୨୫୫ ରନର ସର୍ବାଧିକ ସ୍କୋର ଏବଂ ୨,୩୫୦ ରନ ସହ କ୍ୟାରିୟର ଶେଷ କରିଛନ୍ତି।

# ପୁରସ୍କାର ଦୌଡ଼ରେ ଶ୍ରେୟସ

**ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍**

**ଦୁବାଇ, ୮।୪ (ପି.ଟି.)**

ମାର୍ଚ୍ଚ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଦୌଡ଼ରେ ରହିଥିବା ୩ ଖେଳାଳିଙ୍କ ମଧ୍ୟରେ ଭାରତର ମିଡଲ ଅର୍ଡର ବ୍ୟାଟର ଶ୍ରେୟସ ଆୟର ରହିଛନ୍ତି। ଅନ୍ୟ ଦୁଇଜଣ ହେଲେ ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ଓ ଜାକବ ଡୁଫି। ଗତ ମାସରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ଆୟରଙ୍କ ପ୍ରଦର୍ଶନ ପ୍ରଭାବୀ ରହିଛି। ସେ ୫ଟି ମ୍ୟାଚ ଖେଳି ୪୮.୬୦ ଆଭରେଜରେ ଦୁଇ ଅର୍ଦ୍ଧଶତକ ସହ ୨୪୩ ରନ ସଂଗ୍ରହ କରିଛନ୍ତି। ୮ଟି ଦଳକୁ ନେଇ ପ୍ରତିଯୋଗିତାରେ ଆୟର ଭାରତର ଟାଇଟଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଡାହାଣହାତୀ ବ୍ୟାଟର ମାର୍ଚ୍ଚରେ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳି ୧୭୨ ରନ ସଂଗ୍ରହ କରିଥିଲେ।

# ଚାମ୍ପିୟନ ଦଳକୁ ମିଳିବ ୨ଲକ୍ଷ

**କଳାହାଣ୍ଡି କପ୍ କ୍ରିକେଟ**

**ଭୁବନେଶ୍ୱର, ୮।୪ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଥିବା ସିନିୟର ପୁରୁଷ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନର ଅପ୍ ଦଳ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଚାମ୍ପିୟନ ଦଳକୁ ୨ ଲକ୍ଷ ଏବଂ ରନରଅପ୍ ଦଳକୁ ୧ଲକ୍ଷ ଟଙ୍କା ମିଳିବ। ରବିବାର କଟକ ବାରବାଟୀ ଷ୍ଟାଡିୟମରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କଟକ 'ଏ' ଓ ସୁନ୍ଦରଗଡ଼ ମଧ୍ୟରେ ହେବ। ଏହାର ଅପରାହ୍ନ ୧ଟି ୩୦ରୁ ଆରମ୍ଭ ହେବ। ଉଦ୍‌ଯାପନୀ ଉତ୍ସବ ରାତି ୮ଟାରେ ଅନୁଷ୍ଠିତ ହେବ।

# ପଟିଦାରଙ୍କୁ ୧୨ ଲକ୍ଷ ଜରିମାନା

**ମୁମ୍ବାଇ, ୮।୪ (ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଗୋଟିଏ ସ୍ଲୋ ଓଭର ରେଟ୍ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଅଧିନାୟକ ରଜତ ପଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଏଠାରେ ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ଆର୍‌ସିବି ୧୨ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ମ୍ୟାଚରେ ପଟିଦାର ୩୨ ବଲ୍‌ରୁ ୬୪ରନ କରିବା ଦ୍ୱାରା ତାଙ୍କ ଦଳର ସ୍କୋର ୨୨୧/୫ରେ ପହଞ୍ଚିପାରିଥିଲା। ପରେ ଏହି ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ୨୦୯/୯ରେ ସୀମିତ କରି ଦେଇଥିଲା। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨ ଅଧୀନରେ ଚଳିତ ସିଜନରେ ତାଙ୍କ ଦଳର ଏହା ହେଉଛି ପ୍ରଥମ ଅପରାଧ। ସର୍ବନିମ୍ନ ଅପରାଧ ପାଇଁ ପଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଆଇପିଏଲ୍ ମିଡିଆ କହିଛି। ବେଙ୍ଗାଲୁରୁ ବର୍ତ୍ତମାନ ୬ ପଏଣ୍ଟ ସହ ବର୍ତ୍ତମାନ ଟେବୁଲରେ ତୃତୀୟ ସ୍ଥାନରେ ରହିଛି। ଦଳ ବର୍ତ୍ତମାନ ଏହାର ଘରୋଇ ଗ୍ରାଉଣ୍ଡରେ ଚଳିତ ସିଜନରେ ତା'ର ୫ମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଏପ୍ରିଲ ୧୦ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ